

ଶାହରୁଖଙ୍କ କମ୍ ବଜେଟ୍ ଫିଲ୍ମ 'ଡଙ୍କି'

▸ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-150 ◆BHUBANESWAR ◆SATURDAY ◆25 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୦ ◆ଭୁବନେଶ୍ୱର ◆ଶନିବାର ◆୨୫ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦





### 'ନୃତ୍ୟମ୍'ର ଦ୍ୱିତୀୟ ଅନ୍ତର୍ଜାତୀୟ ସିନେମା ମହୋତ୍ସବ

# 'ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଜୀବନ୍ତ'




ବ୍ରହ୍ମପୁର, ୨୪ ।୧୧(ସମିସ): ଓଡ଼ିଶାର କଳା ଓ ସଂସ୍କୃତି ଜୀବନ୍ତ। ଏଠାକାର ପ୍ରତିଟି ସ୍ୱର୍ଶ ଜୀବନ୍ତ ମନେ ହୁଏ। ହିଞ୍ଜିଳିସ୍ଥିତ ମିନି ଷ୍ଟାଡିୟମ୍‌ଠାରେ 'ନୃତ୍ୟମ୍' କଳା ଗବେଷଣା କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ସିନେମା ମହୋତ୍ସବ ଓ ଷଷ୍ଠ ବାର୍ଷିକ ଉତ୍ସବରେ ଏଭଳି ମତପ୍ରକାଶ ପାଇଛି। ଦେଶ ବିଦେଶରୁ ଆସିଥିବା ନିର୍ଦ୍ଦେଶକମାନେ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତିକୁ ଭୂରିଭୂରି ପ୍ରଶଂସା କରିବା ସହ ଏପରି କହିଛନ୍ତି। କାର୍ଯ୍ୟକ୍ରମରେ କ୍ଷୁଦ୍ର ଚଳଚ୍ଚିତ୍ର 'ମାଗୁଣିର ଶଗଡ଼' ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ 'ଅନ୍ ଲକଡ୍' ଦ୍ୱିତୀୟ ଏବଂ 'ପ୍ରତୀକ୍ଷା' ତୃତୀୟ ସ୍ଥାନ ଅଧିକାର କରିଛି।

**'ମାଗୁଣିର ଶଗଡ଼'କୁ ପ୍ରଥମ ପୁରସ୍କାର**

ଆସିକା ସାଂସଦ ପ୍ରମିଳା ବିଷୋୟୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିନେ ସମୀକ୍ଷକ ତଥା ନିର୍ଦ୍ଦେଶକ ଡ. ଦିଲ୍ଲୀପ ପାଣି ମୁଖ୍ୟବକ୍ତା ଏବଂ ଗ୍ରୀଡ୍ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ପୌରପରିଷଦ ଅଧ୍ୟକ୍ଷ ସୁବାସଚନ୍ଦ୍ର ପଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଥାନାଧିକାରୀ ଶ୍ରୀନିବାସ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ୟୁଏସଏରୁ ସିନେ ନିର୍ଦ୍ଦେଶକ ଡାନି ସୁଲିୱାନ ଏବଂ ଭିଏତ୍‌ନାମରୁ ଥିନ ମହନାଇ ଉପସ୍ଥିତ ଥିଲେ।

ଗ୍ରାମାଞ୍ଚଳରେ ପ୍ରାମାଣିକ ଚଳଚ୍ଚିତ୍ର କରି ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ନୃତ୍ୟମର ନିର୍ଦ୍ଦେଶକ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନିର୍ଦ୍ଦେଶକ କ୍ରିଷ୍ଣା ଡ଼ିକେଙ୍କୁ ଅତିଥିମାନେ ଏଠାରେ ଭୂୟସୀ ପ୍ରଶଂସା କରିଥିଲେ। ହିଞ୍ଜିଳିଠାରେ ଏଭଳି ଅନ୍ତର୍ଜାତୀୟ ସିନେମା ମହୋତ୍ସବ ଆୟୋଜନ ହୋଇଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ୟମକୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ଖ୍ୟାତନାମା କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମହୋତ୍ସବରେ ଦେଶବିଦେଶରୁ ବହୁ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ମାର୍ଗଦର୍ଶକ ଦ୍ୱିତୀକୃଷ୍ଣ ସାବତ, ମହେଶ ଏସ୍. ଟି ଆର୍, ଦୀପକ ରାଣା, ପପୁ ରଣା, ଡ୍ୟାନ୍ସର୍ ମିଥୁନ୍ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ ସମ୍ମୁଖରେ କଳା ସଂସ୍କୃତିକୁ ଭିତ୍ତି କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। କାଷ୍ଠ ଶିଳ୍ପୀ ଅରୁଣ ସାହୁଙ୍କ ଦ୍ୱାରା କାଠରେ ତିଆରି ସୂକ୍ଷ୍ମ କାରୁକାର୍ଯ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ମଞ୍ଚ ପରିଚାଳନା କରିଥିଲେ ଯୁବ ଉପସ୍ଥାପକ ଶିବାନନ୍ଦ ବାରିକ। ଅନୁଷ୍ଠାନର ଉପସଭାପତି ରତ୍ନାକର ଶୀୟ ଧନ୍ୟବାଦ ଦେଇଥିଲେ।

# ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର, ୨୪ ।୧୧(ସମିସ): ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଅର୍ଥାତ୍ ଶୀତ ଅଧିବେଶନ ନିର୍ଦ୍ଧାରିତ ୨୬ଟି କାର୍ଯ୍ୟଦିବସ ଆଗରୁ ଶେଷ ହୋଇଛି। ନଭେମ୍ବର ୨୧ରୁ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୩୦ ତାରିଖ ଯାଏଁ ଚାଲିବାର ଥିଲା। ମାତ୍ର ଗୃହ ଆରମ୍ଭ ଦିନରୁ ଗୋଟିଏ ଦିନ ମଧ୍ୟ ଅଧିବେଶନ ସୁରୁଖୁରୁରେ ଚାଲି ପାରି ନାହିଁ। ପ୍ରତ୍ୟେକ ଦିନ ବିଧାନସଭା ଗୃହରେ ବିରୋଧୀ ହଟ୍ଟଗୋଳ କରିବା ସହ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଦେଖା ଯାଇଛି। ଏହି ପରିପ୍ରେକ୍ଷୀରେ ବିଶେଷ କିଛି ସରକାରୀ କାର୍ଯ୍ୟ ନ ଥିବାରୁ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଆଜି ଦ୍ୱିତୀୟାର୍ଦ୍ଧରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଆଉ କୌଣସି ସରକାରୀ କାର୍ଯ୍ୟ ବାକି ନଥିବାରୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହାକୁ ଶାସକ ଦଳର ବିଧାୟକ ଶଶିଭୂଷଣ ବେହେରା, ଭୂପିନ୍ଦର ସିଂ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ସମର୍ଥନ କରିଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ଏହି ଅବସରରେ ଗୃହକାର୍ଯ୍ୟରେ ସହଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭିଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଗୃହ ମୁଲତବୀକୁ ବିରୋଧ କରି ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ।

ଗତ ୨୧ ତାରିଖରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଦିବଂଗତଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳି ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଦ୍ୱିତୀୟ ଦିନ ଏବଂ ତୃତୀୟ ଦିନ ପ୍ରଥମାର୍ଦ୍ଧ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଧୋଇ ଯାଇଥିବା ବେଳେ ତୃତୀୟ ଦିନ ଦ୍ୱିତୀୟାର୍ଦ୍ଧରେ ଗୃହ ସ୍ୱାଭାବିକ ହୋଇଥିଲା। ଚତୁର୍ଥ ଦିନ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ଚାଲିବା ପରେ ବାଚସ୍ପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଶୀତ ଅଧିବେଶନରେ ମାତ୍ର ୪ଟି ତାରକା ପ୍ରଶ୍ନର ଉତ୍ତର ଗୃହରେ ରଖାଯାଇଥିବା ବେଳେ, ଗୋଟିଏ ମୁଲତବୀ ପ୍ରସ୍ତାବ ଆଲୋଚନା ଗୃହରେ ସମ୍ପନ୍ନ ହୋଇଛି। ସେହିପରି ୫୪ଟି କାଗଜ ଏବଂ ୧୭ଟି ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି। ସେହିପରି ଗୋଟିଏ ସରକାରୀ ବିଧେୟକ ଗୃହରେ ଆଲୋଚନା ହୋଇ ପାରିତ ହୋଇଥିବା ବେଳେ ୫ଟି ବେସରକାରୀ ବିଲ୍ ଗୃହରେ ଆଗତ ହୋଇ ଗୋଟିଏ ବିଲ୍ ଉପରେ ଆଲୋଚନା ହୋଇଛି।



### ଭାଷାକୁ ନେଇ ବିଧାନସଭାରେ ରୋଚକ ଦୃଶ୍ୟ

# କୋଶଳୀ ଓ ସାନ୍ତାଳୀରେ ପ୍ରଶ୍ନୋତ୍ତର

ଭୁବନେଶ୍ୱର, ୨୪ ।୧୧(ସମିସ): ଶୀତ ଅଧିବେଶନର ଶେଷ ଦିନରେ ଆଜି କଥିତ ଭାଷାକୁ ନେଇ ରୋଚକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପ୍ରଶ୍ନକାଳରେ ବିଧାୟକ ନରସିଂହ ମିଶ୍ର, ରୋହିତ ପୂଜାରୀ ପ୍ରମୁଖ କୋଶଳୀ ଭାଷାର ବ୍ୟବହାର କରିଥିବା ବେଳେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ମଧ୍ୟ ଓଡ଼ିଆ ମିଶା କୋଶଳୀରେ ଉତ୍ତର ରଖିବାକୁ ଚେଷ୍ଟା କରିଥିଲା। ଏହାକୁ ନେଇ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ସେହିପରି ମୁଲତବୀ ଆଲୋଚନା ବେଳେ ବିଜେପି ବିଧାୟକ ନବଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ସାନ୍ତାଳୀ ଭାଷାରେ ହୋଇଥିଲା। ମାତ୍ର ଗୃହରେ ଏ ଭାଷା ବୁଝିବାକୁ କ୍ଷିପ୍ର ଲେଖକ ନଥିବାରୁ ମନ୍ତ୍ରୀଙ୍କୁ ଏପରି ଭାଷା ବ୍ୟବହାର କରିବାକୁ ବାଚସ୍ପତି ପ୍ରମିଳା ମଲ୍ଲିକ ବାରଣ କରିଥିଲେ।

ଆଜି ପ୍ରଶ୍ନକାଳରେ ଭାଗ ନେଲା ବେଳେ ପ୍ରଥମେ କୋଶଳୀ ଭାଷାରେ ନିଜ ବକ୍ତବ୍ୟ ରଖିଥିଲେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର। ବଲାଙ୍ଗୀରରେ ଶିଳ୍ପାନୁଷ୍ଠାନ ନେଇ ସେ କେତେକ ଦାବି ରଖିଥିବା ବେଳେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମଧ୍ୟ କୋଶଳୀ ଭାଷାରେ ଉତ୍ତର ରଖିବାକୁ ଚେଷ୍ଟା କରିଥିଲେ। ଏହାପରେ ଶାସକ ଦଳ ବିଧାୟକ ରୋହିତ୍ ପୂଜାରୀ ପ୍ରଶ୍ନକାଳରେ ଭାଗ ନେବା ବେଳେ କୋଶଳୀ ଭାଷାରେ ନିଜ ଦାବି ରଖିଥିଲେ। ଏହାପରେ ମୁଲତବୀ ଆଲୋଚନା ଆରମ୍ଭ ହୋଇଥିବା ବେଳେ ପ୍ରସଙ୍ଗ ମଧ୍ୟ ଆଦିବାସୀ ସମ୍ପର୍କିତ ଥିଲା। ଆଲୋଚନାରେ ଭାଗନେବା ବେଳେ ବିଜେପିର ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ସାନ୍ତାଳୀ ଭାଷାରେ ନିଜର ବକ୍ତବ୍ୟ ରଖିଥିଲେ। ଗୃହର ସଦସ୍ୟମାନେ ଶ୍ରୀ ମାଝୀଙ୍କ ଭାଷା ବୁଝିବାରେ ଅସମର୍ଥ ହୋଇଥିବା ବେଳେ କ୍ଷିପ୍ର ଲେଖକଙ୍କ ଅସହାୟତା ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଥିଲା।

ସାନ୍ତାଳୀ ଭାଷା ଜାଣିଥିବା କ୍ଷିପ୍ର ଲେଖକ ଗୃହରେ ନଥିବାରୁ ବିଧାୟକ ଶ୍ରୀ ମାଝୀଙ୍କ ବକ୍ତବ୍ୟ ରେକର୍ଡ କରିବାରେ ସେମାନଙ୍କୁ ଅସୁବିଧା ହୋଇଥିଲା। ତେବେ ସବୁଠାରୁ ରୋଚକ ସ୍ଥିତି ଦେଖିବାକୁ ମିଳିଥିଲା ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗୃହରେ ଉତ୍ତର ରଖିବା ବେଳେ। ମନ୍ତ୍ରୀ ନିଜ ଉତ୍ତର ଆରମ୍ଭରେ ବିଜେପି ବିଧାୟକ ନବଚରଣ ମାଝୀଙ୍କ କେତେକ କଥାର ଉତ୍ତର ସାନ୍ତାଳୀ ଭାଷାରେ ଦେବାକୁ ଆରମ୍ଭ କରିଥିଲେ। ମନ୍ତ୍ରୀ ସାନ୍ତାଳୀ ଭାଷା କହୁଥିବା ଦେଖି ବାଚସ୍ପତି ତାଙ୍କୁ ଅଟକାଇଥିଲେ। ଗୃହରେ ଆପଣମାନଙ୍କ ଭାଷା ରେକର୍ଡ କରିବାକୁ ଆବଶ୍ୟକ କ୍ଷିପ୍ରଲେଖକ ନାହାନ୍ତି। ତେଣୁ ଆପଣମାନେ ଏପରି ଭାଷା ବ୍ୟବହାରରୁ ବିରତ ରୁହନ୍ତୁ ବୋଲି ବାଚସ୍ପତି ପ୍ରମିଳା ମଲ୍ଲିକ କହିଥିଲେ।

### ବରଗଡ଼ ଜିଲ୍ଲାର ଅଙ୍ଗ ନଦୀର ମାଣ୍ଡିଆଢିପରେ ନଦୀଗର୍ଭ ଜଳାଶୟ

# ମୁଖ୍ୟମନ୍ତ୍ରୀ ମଞ୍ଜୁର କଲେ ୧୦୪ କୋଟି ଟଙ୍କା

ଭୁବନେଶ୍ୱର, ୨୪ ।୧୧(ସମିସ): ବରଗଡ଼ ଜିଲ୍ଲା ପାଇଁ ଗୋଟିଏ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ଅନୁମୋଦନ ସହ ୧୦୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅଙ୍ଗ ନଦୀର ମାଣ୍ଡିଆଢିପ ଠାରେ ଏହି ନଦୀଗର୍ଭ ଜଳାଶୟ ପ୍ରକଳ୍ପ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତତ୍‌କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନ

**ଉପକାର ପାଇବେ ଝାରବନ୍ଧ, ପାଇକମାଳ ଅଞ୍ଚଳ ଅଧିବାସୀ**

**୫-ଟି ଅଧ୍ୟକ୍ଷଙ୍କ ବରଗଡ଼ ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ**

ବରଗଡ଼ ଜିଲ୍ଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବରଗଡ଼ ଜିଲ୍ଲାର ଝାରବନ୍ଧ ଓ ପାଇକମାଳ ବ୍ଲକର ଜନସାଧାରଣ ଉପକୃତ ହେବେ। ଭୂତଳ ଜଳର ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୨୪।୧୧(ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ଚତୁର୍ଭୁଜ ପାତ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦେଢ଼ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ କେନ୍ଦୁଝର ଜିଲ୍ଲାର ଦୈତାରୀ ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ବଡ଼ ଭଉଣୀଙ୍କ ପାଖରେ ରହୁଥିଲେ। ୨୦୨୧ ଜାନୁଆରୀ ୨୧ ତାରିଖ ଭୋର ୪ଟାରେ ଚତୁର୍ଭୁଜ ତାକୁ ଘରୁ ଟେକିନେଇ ଦୁଷ୍କର୍ମ କରିଥିଲେ। ସକାଳେ ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ନାବାଳିକାକୁ ଘରଠାରୁ କିଛି ଦୂରରେ ଉଦ୍ଧାର କରିଥିଲେ। ନାବାଳିକାଠାରୁ ସବୁ ସତ ଶୁଣିବା ପରେ ଏ ସଂପର୍କରେ ଦୈତାରୀ ଥାନାରେ ଅଭିଯୋଗ କରିଥିଲେ। ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

### ■ 'ମୋ ସ୍କୁଲ୍'ର ୪୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

# ଯୋଡ଼ିହେଲେଣି ୮.୧୯ ଲକ୍ଷ ପୁରାତନ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୪ ।୧୧(ସମିସ): ନିଜ ବିଦ୍ୟାଳୟର ଉନ୍ନତି କରିବାକୁ ପୁରାତନ ଛାତ୍ରଛାତ୍ରୀମାନେ 'ମୋ ସ୍କୁଲ' ଅଭିଯାନରେ ଯୋଡ଼ି ହେଉଛନ୍ତି। ଅଦ୍ୟାବଧି ଏହି ଅଭିଯାନରେ ୮ଲକ୍ଷ ୧୯ ହଜାର ୯୮୮ ଜଣ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। କେବଳ ଚଳିତ ମାସରେ ୭ହଜାର ୩୮ ଜଣ ସାମିଲ ହେବା ସହ ୭.୯୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଦେଇଛନ୍ତି। 'ମୋ ସ୍କୁଲ' ଅଭିଯାନ ପକ୍ଷରୁ ଏଥିରେ ଦୁଇଗୁଣା ଅର୍ଥ ମିଶାଇ ମୋଟ ୨୩.୮୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରେ ୯୦୨ଟି ପ୍ରକଳ୍ପ ପ୍ରସ୍ତାବକୁ ଶୁକ୍ରବାର ଅନୁଷ୍ଠିତ ୪୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ମଞ୍ଜୁରି ମିଳିଛି। ସମସ୍ତ ଜିଲ୍ଲାରୁ ଅନୁଦାନ ମିଳିଥିବା ବେଳେ ଯାଜପୁର ଜିଲ୍ଲାରୁ ସର୍ବାଧିକ ୮୫.୧୯ ଲକ୍ଷ ଟଙ୍କା ମିଳିଛି। ସେହିପରି ବାଲେଶ୍ୱରରୁ ୮୦ ଲକ୍ଷ, କଟକରୁ ୨୭.୧୬, ଗଂଜାମରୁ ୨୪.୭୫ ବରଗଡ଼ରୁ ୨୨.୯୯ ଏବଂ ଜଗତ୍‌ସିଂହପୁରରୁ ୨୧.୩୨

**ଯାଜପୁର ଜିଲ୍ଲାରୁ ସର୍ବାଧିକ ୮୫.୧୯ ଲକ୍ଷ ଅନୁଦାନ**

**ଆସନ୍ତା ଶିକ୍ଷାବର୍ଷରୁ ବିଦ୍ୟାଳୟରେ ସ୍ୱତନ୍ତ୍ର ଗଣିତ କାର୍ଯ୍ୟକ୍ରମ**

ଲକ୍ଷ ଲେଖାଏଁ ମିଳିଛି ବୋଲି ଆଜି ମୋ' ସ୍କୁଲ ଅଭିଯାନର ୪୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ସୂଚନା ଦିଆଯାଇଛି। ସମସ୍ତ ଅନୁଦାନ ସହ 'ମୋ ସ୍କୁଲ' ଅଭିଯାନର ଦୁଇଗୁଣା ଅର୍ଥକୁ ମିଶାଇ ସମୁଦାୟ ୫୫.୮୧ କୋଟିର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।

କାର୍ଯ୍ୟନିର୍ବାହୀ ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥୀ ଏସ୍ ବୈଠକରେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଆସନ୍ତା ଶିକ୍ଷାବର୍ଷରେ ରାଜ୍ୟର ୪ ହଜାର ସରକାରୀ ବିଦ୍ୟାଳୟ ଓ ୧୮୦ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ (କେଜିବିଭି)ରେ ସ୍ୱତନ୍ତ୍ର ଗଣିତ ପାଠ୍ୟକ୍ରମ ଖୋଲି ଛାତ୍ରଛାତ୍ରୀଙ୍କ ଗଣିତ ଶିକ୍ଷାକୁ ଆହୁରି ଦକ୍ଷ କରିବାକୁ ନିଷ୍ପତ୍ତି ହୋଇଛି। ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ 'ସାହିତ୍ୟସୃଜନୀ', 'କ୍ରୀଡ଼ାଙ୍ଗନ', 'ଜିଜ୍ଞାସା' ଓ 'କୌଶଳୀ' କ୍ଲବ୍‌ର ଚୂଡ଼ାନ୍ତ ପାଠ୍ୟକ୍ରମ ପ୍ରସ୍ତୁତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଅପରପକ୍ଷରେ, ଜଲ୍ଲି ଫୋନିକ୍ସ ସହଭାଗିତାରେ ଭୁବନେଶ୍ୱର ବ୍ଲକ, ନୟାଗଡ଼, ଗଞ୍ଜାମ ଓ କେନ୍ଦୁଝର ଜିଲ୍ଲାର ପ୍ରାଥମିକ ଶିକ୍ଷକଙ୍କୁ ଦକ୍ଷତା ବିକାଶ ଉପରେ ପ୍ରଶିକ୍ଷଣ ଦିଆଯିବ। ଏହାଦ୍ୱାରା ଶିକ୍ଷକମାନେ ଶ୍ରେଣୀଗୃହରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିବେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୁର୍ଗାଚରଣ ମହାପାତ୍ର, 'ମୋ ସ୍କୁଲ' ଅଭିଯାନ ପରିଚାଳନା ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଭାରପ୍ରାପ୍ତ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ପ୍ରେସର ଆଇଡି ବିସ୍ଫୋରଣ; ଦୁଇ ଶ୍ରମିକ ମୃତ

ମାଲକାନଗିରି, ୨୪ ।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମାଓବାଦୀଙ୍କ ପ୍ରେସର୍ ଆଇଡି ବିସ୍ଫୋରଣରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ରିତେଶ ଗାଗଡ଼ା ଏବଂ ଶ୍ରବଣ ଗାଗଡ଼ା। ଛତିଶଗଡ଼ର ବସ୍ତର ଅଞ୍ଚଳରେ ମାଓବାଦୀ ସଂଗଠନ ନିଜର ସ୍ଥିତି ଜାହିର କରିବା ପାଇଁ ବିଭିନ୍ନ ଅଞ୍ଚଳରେ ହିଂସାକାଣ୍ଡ କରୁଥିବା ବେଳେ ଆଜି ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଆଇଡିରେ ନିରୀହ ଲୋକ ବଳି ପଡ଼ିଛନ୍ତି।



ସୂଚନା ଅନୁଯାୟୀ, ନାରାୟଣପୁର ଜିଲ୍ଲାର ଛୋଟେଡୋଙ୍ଗର ଅନ୍ତର୍ଗତ ଆମଦାଇ ନିକୋ ମାଇନ୍ସରେ କାର୍ଯ୍ୟ କରିବାକୁ ଯାଉଥିବା ବେଳେ ମାଓବାଦୀ ଖଞ୍ଜିଥିବା ପ୍ରେସର ଆଇଡି ବୋମା ଉପରେ ଶ୍ରମିକମାନଙ୍କ ପାଦ ପଡ଼ି ଯାଇଥିଲା। ବୋମାଟି ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ଶ୍ରମିକଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ରାସ୍ତାରେ ଅନ୍ୟ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ଶ୍ରମିକଙ୍କ ଚିକିତ୍ସା ଜାରି ରହିଛି।

# ପୂର୍ବତନ ଶ୍ରମ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ,୨୪।୧୧(ସମିସ): ମୃତ ଶ୍ରମିକମାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ଯୋଗାଇଦେବା ପାଇଁ ଲାଞ୍ଚ ନେବା ମାମଲାରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଆଜି ଜଣେ ଶ୍ରମ ଅଧିକାରୀଙ୍କୁ ତିନି ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ଦୋଷୀକୁ ଅଧିକ ୩ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

**ସହାୟତା ପାଇଁ ନେଇଥିଲେ ଲାଞ୍ଚ**

**୫ ହଜାର ଟଙ୍କା ଜରିମାନା**

ଦୋଷୀ ଅଧିକାରୀଜଣଙ୍କ ହେଲେ, କନ୍ଧମାଳ ଜିଲ୍ଲା ତତ୍କାଳୀନ ଶ୍ରମ ଅଧିକାରୀ ରଞ୍ଜନ କୁମାର ବେହେରା। ଶ୍ରୀ ବେହେରା ଏବେ ନବରଙ୍ଗପୁର ଜିଲ୍ଲା ଶ୍ରମ ଅଧିକାରୀ ଭାବେ କାର୍ଯ୍ୟରତ।

ସୂଚନାନୁଯାୟୀ, ୨୦୧୯ ନଭେମ୍ବର ୫ ତାରିଖ ଦିନ ଚାରିଜଣ ମୃତ ଶ୍ରମିକ କୁନ୍ତଳା ପ୍ରଧାନ, ଇନ୍ଦିରା କହଁର, ନୀରୋଦ ପ୍ରଧାନ ଓ ଗଜପତି ପ୍ରଧାନଙ୍କ ପରିବାର ସରକାରଙ୍କ ପକ୍ଷରୁ ମିଳୁଥିବା ଏକ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଟିକାବାଲି ଅଞ୍ଚଳର ଶ୍ରମିକ ୟୁନିଅନ କର୍ମକର୍ତ୍ତା ବାବୁଜା ପ୍ରଧାନ ଏନେଇ ଶ୍ରମ ଅଧିକାରୀ ବେହେରାଙ୍କ ସହ ଆଲୋଚନା କରିବାରେ ସେ ଜଣକ ପିଛା ୮ ହଜାର ଟଙ୍କା ଲାଞ୍ଚ ଦେଲେ ଆବେଦନ ମଞ୍ଜୁର ହେବ ବୋଲି କହିଥିଲେ। ଆଲୋଚନା ପରେ ସମୁଦାୟ ୧୫ ହଜାର ଟଙ୍କା ଦେବା ପାଇଁ ଚୂଡ଼ାନ୍ତ ହୋଇଥିଲା। ତେବେ ଏ ସଂପର୍କରେ ଶ୍ରମିକ ନେତା ଶ୍ରୀ ପ୍ରଧାନ ୬ତାରିଖ ଦିନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ୭ ତାରିଖ ଦିନ ଶ୍ରମ ଅଧିକାରୀ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା।

### ■ ସାହା ହେଲା 'ଓଡ଼ିଶା-ମୋ ପରିବାର'

# ଦିଲ୍ଲୀରୁ ଭଦ୍ରକ ଫେରିଲା ଶ୍ରମିକଙ୍କ ମୃତଦେହ

ଭୁବନେଶ୍ୱର, ୨୪।୧୧(ସମିସ): ଦିଲ୍ଲୀରେ ଦିନ ମଜୁରିଆ ଭାବେ କାର୍ଯ୍ୟରତ ଭଦ୍ରକର ସଲିମ ଖାନ୍ (୪୦)ଙ୍କ ଶବକୁ ଓଡ଼ିଶା- ମୋ ପରିବାର ସହାୟତାରେ ଓଡ଼ିଶା ଫେରାଇ ଅଣାଯାଇଛି। ସଲିମ୍ ଦୀର୍ଘ ୧୫ବର୍ଷ ଧରି ଦିଲ୍ଲୀରେ କାମ କରୁଥିଲେ। ଗତ ୨୦ ତାରିଖରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଭଉଣୀ ତାଙ୍କୁ ଦିଲ୍ଲୀସ୍ଥିତ ଆର.ଏମ୍.ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ୨୨ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ ସଲିମଙ୍କ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଶେଷଥର ପାଇଁ ପୁଅ ମୁହଁ ଦେଖିବା ପାଇଁ ବ୍ୟାକୁଳ ହୋଇଥିଲା। କିନ୍ତୁ ଶବକୁ ଦିଲ୍ଲୀରୁ ଭଦ୍ରକ ଆଣିବାରେ ପରିବାର ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା। ଏ ସଂପର୍କରେ ପରିବାରଲୋକ ସ୍ଥାନୀୟ ବିଧାୟକ ତଥା ଓଡ଼ିଶା-ମୋ ପରିବାର ସଦସ୍ୟ ସଞ୍ଜୀବ ମଲ୍ଲିକଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ମଲ୍ଲିକ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ଗତ ୨୪ ତାରିଖରେ ସଲିମଙ୍କ ମୃତଦେହ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ପରେ ସେଠାରୁ ଭଦ୍ରକସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା।

# ମନମୋହୁଛି ଶିମିଳିପାଳର ଦୁର୍ଲଭ ଅର୍କିଡ୍

ବାରିପଦା, ୨୪।୧୦(ସମିସ):

**ନୂତନ ଆବିଷ୍କୃତ ୧୦ ପ୍ରଜାତି ସମେତ ୧୦୧ ପ୍ରକାର ରହିଛି ଅର୍କିଡ୍**

**୨ ପ୍ରଜାତି ଅର୍କିଡ୍ ଭାରତରେ କେବଳ ଏଇଠି ଫୁଟେ**

**ତାଲିମ ବ୍ୟବସ୍ଥା ସହ ଫୁଲର ବ୍ୟବସାୟୀକରଣ ପାଇଁ ଦାବି**



ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ 'ଶିମିଳିପାଳ ଅଭୟାରଣ୍ୟ'ର ପ୍ରାକୃତିକ ସୌନ୍ଦର୍ଯ୍ୟ ସଦାସର୍ବଦା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଆସିଛି। ଘଞ୍ଚ ଜଙ୍ଗଲ, ଜଳପ୍ରପାତ, ବିଭିନ୍ନ ବନ୍ୟପ୍ରାଣୀ, ସରୀସୃପ ଓ ପକ୍ଷୀ ସାଙ୍ଗକୁ ରଙ୍ଗବେରଙ୍ଗ ଫୁଲର ମନଲୋଭା ସୌନ୍ଦର୍ଯ୍ୟକୁ ପାଖରୁ ଦେଖିବା ଓ ଉପଭୋଗ କରିବା ପାଇଁ ପର୍ଯ୍ୟଟନ ଋତୁରେ କାହିଁ କେତେ ଦୂରରୁ ପର୍ଯ୍ୟଟକ ଏଠାକୁ ଛୁଟି ଆସନ୍ତି। ବିଭିନ୍ନ ପ୍ରଜାତିର ଅର୍କିଡ୍ ପାଇଁ ପ୍ରକୃତିର ଏହି ଗନ୍ତାଘର ଏବେ ପର୍ଯ୍ୟଟକ ଓ ଉଦ୍ଭିଦ ବିଜ୍ଞାନୀଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି। ଖାସ୍ ଏଇଥିପାଇଁ ୧୯୭୮ ମସିହାରେ ଗୁଡ୍ଗୁଡ଼ିଆଠାରେ ପ୍ରତିଷ୍ଠା ହୋଇଥିବା ଅର୍କିଡ୍ ସଂରକ୍ଷଣ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏଠାରେ ଦେଖିବାକୁ ମିଳୁଥିବା ୧୦୧ ପ୍ରଜାତିର ମନଲୋଭା ଅର୍କିଡ୍‌କୁ ପାଖରୁ ଦେଖିବା ସହ ତା'ର ବିଶେଷତ୍ୱ, ଔଷଧୀୟ ଗୁଣ ସଂପର୍କରେ ପର୍ଯ୍ୟଟକମାନେ ଜ୍ଞାନ ଆହରଣ କରୁଛନ୍ତି। ସେହିପରି ପାଟବିଲସ୍ଥିତ ସଂଗ୍ରହାଳୟରେ ବିଭିନ୍ନ ପ୍ରକାର ଅର୍କିଡ୍ ଉପରେ ଗବେଷଣା କରାଯାଉଛି। ଏହି ୧୦୧ ପ୍ରଜାତି ମଧ୍ୟରୁ ୧୦ପ୍ରକାର ଅର୍କିଡ୍ ଗତବର୍ଷ ନୂତନ ଭାବେ ଶିମିଳିପାଳ କର୍ତ୍ତୃପକ୍ଷ ଆବିଷ୍କାର କରିଛନ୍ତି।

ଅର୍କିଡ୍ ହେଉଛି ଏକପ୍ରକାର ଲତା ପ୍ରଜାତିର ଗଛ। ଓଡ଼ିଶାରେ ଏହା ମଦାଙ୍ଗ ବା ମଲାଙ୍ଗ ଭାବେ ପରିଚିତ। ଜଙ୍ଗଲରେ ଏହି ଅର୍କିଡ ଲତା ଯେକୌଣସି ଗଛ ଉପରେ ବଢ଼ିପାରେ। ଏବେ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅର୍କିଡ୍ ଗଛକୁ କୁଣ୍ଡରେ ମଧ୍ୟ ଲଗାଯାଉଛି। ଏହି ଫୁଲ ଥରେ ଫୁଟିଲେ, ମାସେ ପର୍ଯ୍ୟନ୍ତ ସତେଜ ରହିଥାଏ। ସେଥିପାଇଁ ଏହି ଫୁଲର ମୂଲ୍ୟ ଅନ୍ୟ ଫୁଲ ତୁଳନାରେ ଯଥେଷ୍ଟ ଅଧିକ। ପୂରା ଦେଶରେ ଫୁଟୁଥିବା ଅର୍କିଡ୍ ମଧ୍ୟରୁ ୭ ପ୍ରତିଶତ ଶିମିଳିପାଳରେ ଫୁଟିଥାଏ ବୋଲି ଉଦ୍ଭିଦ ବିଜ୍ଞାନୀମାନେ ଯୁକ୍ତି ବାଢ଼ନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଠାରେ ଫୁଟୁଥିବା ୨ଟି ପ୍ରଜାତିର ଅର୍କିଡ୍ (ବୁଲବୋ ଫାଇଲୁମ ପାଣିଗ୍ରାହୀୟାନମ ଓ ଏରିଆ ମେଘାସନିସ୍) ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ଅର୍କିଡ୍ କେବଳ ଫୁଲ ପାଇଁ ପ୍ରସିଦ୍ଧ ନୁହେଁ, ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି। ତେଣୁ ଗବେଷକ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଉଦ୍ଭିଦ ବିଜ୍ଞାନୀ ଶିମିଳିପାଳରେ ଥିବା ଅର୍କିଡ୍ ଉପରେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ଅନୁସନ୍ଧାନରେ ଆସିଥାନ୍ତି ବୋଲି ଉଦ୍ଭିଦ ବିଜ୍ଞାନୀ ଡା. ଦେବାଶିଷ ବେହେରା କହିଛନ୍ତି। ଏହି ସବୁ ଗୁଣ ପାଇଁ ଅର୍କିଡ୍‌କୁ ଦୁର୍ଲଭ ବୋଲି ବିବେଚନା କରାଯାଏ।

ସାଧାରଣତଃ ଫେବୃୟାରୀରୁ ଅକ୍ଟୋବର ମଧ୍ୟରେ ଏହି ଫୁଲ ଅଧିକ ମାତ୍ରାରେ ଫୁଟିଥାଏ। ଅର୍କିଡ୍ ଗଛଗୁଡ଼ିକ ଶୀତଳ ଏବଂ ଅତି ଥଣ୍ଡା ପରିବେଶରେ ଭଲ ଭାବେ ବଢ଼ିପାରନ୍ତି। ସେଥିପାଇଁ ଏ ପର୍ଯ୍ୟନ୍ତ ଶିମିଳିପାଳରେ ଏହି ଗଛ ଅଧିକ ଦେଖାଯାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏହି ଫୁଲର ଦେଶବିଦେଶରେ ପ୍ରବଳ ଚାହିଦା ରହିଥିଲେ ହେଁ ଏହାର ପ୍ରକୃତ ବ୍ୟବସାୟୀକରଣ କରାଯାଇପାରୁନାହିଁ। ଶିମିଳିପାଳରେ ବସବାସ କରୁଥିବା ବନବାସୀ ଓ ଆଦିବାସୀ ଯୁବବର୍ଗଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କରି ଏହାର ବ୍ୟବସାୟ କରାଗଲେ, ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଶିମିଳିପାଳ ଜୈବମଣ୍ଡଳର ଅଧିକ ପ୍ରଚାରପ୍ରସାର ହୋଇପାରନ୍ତା ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।




ଓଡ଼ିଶାର ସଟଲ୍ ରାଣୀ ତନ୍ବୀ
କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-150 • BHUBANESWAR • SATURDAY • 25 NOVEMBER 2023 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୧୫୦ • ଭୁବନେଶ୍ୱର • ଶନିବାର • ୨୫ ନଭେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦



DSPL-411

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

## ODISHA'S INDUSTRIAL JUGGERNAUT PROPELLED FORWARD BY THE ABLE & STABLE LEADERSHIP OF SHRI NAVEEN PATNAIK



THE 33RD HIGH LEVEL CLEARANCE AUTHORITY APPROVED

₹85,000 CRORES INVESTMENT

42,281 JOB OPPORTUNITIES

12 MEGA PROJECTS

"With implementation of our '5T' framework, Odisha has become the investment destination of choice for the investor community.

We welcome you to join our journey of industrial growth."

(Naveen Patnaik)
Chief Minister, Odisha

- Welspun Group
- ReNew E-Fuels
- Sembcorp
- Tata Steel
- NTPC
- BMW Industries
- Aegis Vopak
- Orissa Metallurgical Industry
- Ind Barath

NURTURING INDUSTRIES
CREATING EMPLOYMENT

**IPICOL,**
**Industries Department**

**For more information, please contact:**
Mr. Kalyan Charan Mohanty,
Executive Director, IPICOL
Mobile: +91 94372 29029
Email: kalyancmohanty@investodisha.org

COME. JOIN THE JUGGERNAUT.

ScarecrowM&CSaatchi/2023/Nov

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

OIPR - 14005/13/0029/2324

# ନିରପେକ୍ଷ ରହୁ ରାଜ୍ୟପାଳଙ୍କ ଭୂମିକା: ବିଜେଡି



**ପୁଅର ରାଜନୈତିକ ଭବିଷ୍ୟତ ପାଇଁ ବିଶ୍ୱଭୂଷଣ ବ୍ୟଗ୍ର**

**ରାଜ୍ୟପାଳ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ରହିବା ଗ୍ରହଣୀୟ**

**ଓଡ଼ିଶା ସମ୍ପର୍କରେ ମତ ଦେବାରୁ କ୍ଷାନ୍ତ ରହିବାକୁ ପରାମର୍ଶ**

**ଭୁବନେଶ୍ୱର, ୨୪।୧୧(ସମିସ):** ଭାରତ ସ୍ୱାଧୀନ ହେବା ପରଠାରୁ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ରାଜ୍ୟପାଳମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ନିରପେକ୍ଷ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟପାଳମାନେ ଦାୟିତ୍ୱ ନେବା ପରେ ରାଜନୈତିକ ବ୍ୟାପାରରୁ ଦୂରେଇ ରହିଥାନ୍ତି। ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ତଥା ବର୍ତ୍ତମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ କ୍ଷେତ୍ରରେ ଓଡ଼ିଶାକୁ ଗର୍ବିତ କରିଛନ୍ତି। ମାତ୍ର ବର୍ତ୍ତମାନ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗରେ ଯେଉଁପରି ମତ ରଖୁଛନ୍ତି ତାହା ଗ୍ରହଣୀୟ ହୋଇପାରୁ ନାହିଁ। ରାଜ୍ୟପାଳଙ୍କ ଭୂମିକା ନିରପେକ୍ଷ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ରହିବା ଆବଶ୍ୟକ। ତେଣୁ ଛତିଶଗଡ଼ ରାଜ୍ୟପାଳ ଓଡ଼ିଶା ସଂକ୍ରାନ୍ତରେ ମତ ଦେବାରୁ କ୍ଷାନ୍ତ ରହିବାକୁ ପରାମର୍ଶ ଦେଇଛି ବିଜେଡି।

ଶୁକ୍ରବାର ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଯେତେବେଳେ ଜଣେ ଓଡ଼ିଆଙ୍କୁ ରାଜ୍ୟପାଳ ପଦରେ ନିଯୁକ୍ତି ମିଳିଥାଏ, ଆମେ ଖୁସି ହେଉଥାଉ। ଭାରତୀୟ ସମ୍ବିଧାନର ଧାରା ୧୫୩ରୁ ୧୬୨ ପର୍ଯ୍ୟନ୍ତ ରାଜ୍ୟପାଳଙ୍କ କ୍ଷମତା ଓ ସେବା ସର୍ତ୍ତାବଳୀ ରହିଛି। ସାମ୍ବିଧାନିକ ଦୃଷ୍ଟିରୁ ରାଜ୍ୟପାଳମାନେ ନିରପେକ୍ଷ ରହିବା ନେଇ ଏଥିରେ ଉଲ୍ଲେଖ ରହିଛି। ରାଜ୍ୟପାଳମାନେ ଅଣରାଜନୈତିକ ପଦବୀରେ ଅଧିଷ୍ଠିତ ହେଉଥିବାରୁ ରାଜ୍ୟପାଳ ପଦ ଗ୍ରହଣ କରିବା ପୂର୍ବରୁ ରାଜନୈତିକ ପଦ ଓ ରାଜନୈତିକ ଦଳରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥାଏ। ସେମାନେ ଏପରି କୌଣସି ବୟାନ କିମ୍ବା ମନ୍ତବ୍ୟ ନ ଦେଇ ରାଜ୍ୟପାଳ ପଦର ମର୍ଯ୍ୟାଦା ବଜାୟ ରଖିବେ ବୋଲି ଆଶା କରାଯାଏ। ମାତ୍ର ଗତ କିଛି ଦିନ ହେବ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିବା ଆରମ୍ଭ କରିଛନ୍ତି। ଯାହା ତାଙ୍କଠାରୁ ଆଶା କରାଯାଉନାହିଁ ଓ ଶୋଭା ପାଉନାହିଁ ବୋଲି ଡ. ପାତ୍ର କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଶ୍ରୀ ହରିଚନ୍ଦନ ନିଜ ପୁଅଙ୍କ ପାଇଁ ଏକ ରାଜନୈତିକ ପଦବୀ ଖୋଜିବା ପାଇଁ ବ୍ୟଗ୍ର ଅଛନ୍ତି। ଯିଏ କି ତାଙ୍କ ଜୀବନରେ କେବେ ବି ନିର୍ବାଚନ ଜିତି ନାହାନ୍ତି ଏବଂ ପୌର ନିର୍ବାଚନରେ କାଉନସିଲରର ନିର୍ବାଚନ ମଧ୍ୟ ହାରିଛନ୍ତି। ତେଣୁ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ନିଜ ପଦମର୍ଯ୍ୟାଦା ରକ୍ଷା କରି ଓଡ଼ିଶା ଉପରେ ବିଭିନ୍ନ ପ୍ରସଙ୍ଗରେ ମତ ବ୍ୟକ୍ତ କରି ରାଜ୍ୟପାଳ ପଦର ଗାରିମା ସ ସମ୍ମାନକୁ ହ୍ରାସ ନ କରନ୍ତୁ ବୋଲି ଆମେ ଆଶା କରୁଛୁ ବୋଲି ସସ୍ମିତ କହିଛନ୍ତି। ଆସାମର ରାଜ୍ୟପାଳ ଥିବା ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଝାଡଖଣ୍ଡର ରାଜ୍ୟପାଳ ଥିବା ଦ୍ରୌପଦୀ ମୁର୍ମୁଙ୍କ ଭଳି ଓଡ଼ିଆଙ୍କୁ ଓଡ଼ିଶା ଦେଖିଛି। ସେମାନେ ରାଜ୍ୟପାଳ ଥବା ସମୟରେ ସେମାନଙ୍କ ପଦ ଓ ମର୍ଯ୍ୟାଦା ପାଇଁ ଅନୁପଯୁକ୍ତ ହେବା ଭଳି କୌଣସି ଶବ୍ଦ ଉଚ୍ଚାରଣ କରି ନ ଥିଲେ। ଏହା ହିଁ ଜଣେ ଭଲ ରାଜ୍ୟପାଳଙ୍କ ପ୍ରକୃତ ମାନ୍ୟତା, ଯିଏ କି ରାଜ୍ୟପାଳ ପଦର ପବିତ୍ରତା ଏବଂ ମର୍ଯ୍ୟାଦା ବଜାୟ ରଖନ୍ତି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଏବଂ ବର୍ତ୍ତମାନ ଛତିଶଗଡ଼ର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ସମୟରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଯେଉଁ ଶପଥ ନେଇଛନ୍ତି, ତଦନୁଯାୟୀ ତାଙ୍କର ଦାୟିତ୍ୱ ଅଣରାଜନୈତିକ ରହିବା ଉଚିତ୍ ବୋଲି ଡ. ପାତ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ।

## ବ୍ଲକ୍ ଘେରଉ ନାଁରେ ବିଜେପି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି

**ଭଦ୍ରକ, ୨୪।୧୧(ସମିସ):** ବର୍ବରତାର ସୀମା ଟପିଲା ଚାନ୍ଦବାଲି ବିଜେପି। ବ୍ଲକ ଘେରଉ ନାଁରେ ବିଜେପିର ବିଶୃଙ୍ଖଳିତ କର୍ମୀମାନେ ଗୁଣ୍ଡାଗର୍ଦ୍ଦି କରି ପୁଲିସ୍‌କୁ ପଥର ମାଡ଼ କରିଛନ୍ତି। ଏଥିରେ ଥାନାଧିକାରୀଙ୍କ ସମେତ ଏସ୍‌ଡିପିଓ ଗୁରୁତର ଆହତ ହୋଇଛନ୍ତି। ସହ ଢେଲା ପଥର ମାଡ଼ କରିଥିଲେ। ଏଥିରେ ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତି ଓ ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ଆହତ ହୋଇଛନ୍ତି। ବିଜେପି କର୍ମୀଙ୍କ ଏମିତି ଗୁଣ୍ଡାଗର୍ଦ୍ଦି ଯୋଗୁଁ ବିଡିଓଙ୍କ ସମେତ ସମସ୍ତ କର୍ମଚାରୀ କବାଟ ବନ୍ଦ କରି ଆତଙ୍କିତ ଅବସ୍ଥାରେ ରହିଥିଲେ। ବିଜେପିର ଏପରି



**ପଥର ମାଡ଼ରେ ଏସ୍‌ଡିପିଓ, ଥାନା ଅଧିକାରୀ ଗୁରୁତର**

ଆଜି ବିଜେପି ପକ୍ଷରୁ ଚାନ୍ଦବାଲି ବ୍ଲକ ଘେରଉ କରିବା ନାଁରେ ଗେଟ୍ ଭାଙ୍ଗିବା, ଢେଲା ମାରି ଝରକା କାଚ ଭାଙ୍ଗିବା, ବ୍ଲକ୍ କର୍ମଚାରୀଙ୍କ ଗାଡ଼ି ଭାଙ୍ଗିବା ସହ ବ୍ଲକ୍‌ରେ ଲାଗିଥିବା ସିସିଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିବାକୁ ପଛାଇ ନାହାନ୍ତି। ପୁଲିସ କର୍ଡନ୍‌କୁ ଭାଙ୍ଗି ବ୍ଲକ ଭିତରକୁ ବିଜେପି କର୍ମୀମାନେ ବଳପୂର୍ବକ ଧସେଇ ପଶିଥିଲେ। ପୁଲିସ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନେ ପୁଲିସକୁ ଧକ୍କା ମାରିବା କାଣ୍ଡକୁ ବ୍ଲକ ବିଜେଡି ନିନ୍ଦା କରିଛି। ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ନରେଶ ମାଝୀ, ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଜେପିର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବାଙ୍କଚୂଡ଼ା ବେଶରେ ଦର୍ଶନଦେଲେ ମହାବାହୁ

**ପୁରୀ, ୨୪।୧୧(ସମିସ):** କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ଶୁକ୍ରବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ବାଙ୍କଚୂଡ଼ା ବେଶ କରାଯାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପକାଯାଇଥିଲା। ଖୋସାର ଅଗ୍ର ଗଣ୍ଠିରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏକ ଛୋଟ ସ୍ୱର୍ଣ୍ଣକିରୀଟ ମହାପ୍ରଭୁଙ୍କ କପାଳର ଶୀର୍ଷ ଭାଗରେ ଶୋଭା ପାଇଥିଲା। ଲକ୍ଷ୍ମୀ ନାରାୟଣ ବେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଅଳଙ୍କାର ଏହି ବେଶରେ ଠାକୁର ଲାଗି ହୋଇଥିଲେ।



ଗବେଷକଙ୍କ ମତରେ, ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଆଣିବା ପାଇଁ ଯେତେବେଳେ ଅକ୍ରୂର ମଥୁରାକୁ ଯାଇଥିଲେ, ସେ ସମୟରେ ବ୍ରଜଦାଣ୍ଡରେ ଏହି ରୂପରେ ଦର୍ଶନ କରିଥିଲେ। ସେହି ସ୍ମୃତିରେ ଏହି ବେଶ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି। ଏହି ବେଶରେ ଠାକୁରମାନେ ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥା'ନ୍ତି। ଚୂଡ଼ା ମଧ୍ୟ ଧାରଣ କରିଥାନ୍ତି। ମସ୍ତକରେ ଏହି ଚୂଡ଼ା ବା ଚୂଳ ଦକ୍ଷିଣ ଦିଗକୁ ଢଳି ରହିଥାଏ। ଏଣୁ ଏହି ବେଶକୁ ବାଙ୍କଚୂଡ଼ା ବେଶ କୁହାଯାଏ। ଏଥିସହ ଶ୍ରୀମନ୍ଦିରରେ ଗରୁଡ଼ ଉତ୍ଥାପନ ନୀତି ସଂପନ୍ନ ହୋଇଛି। ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଥିବା ବେଳେ ଶୁକ୍ରବାର ଦ୍ୱାଦଶୀରେ ଗରୁଡ଼ ନିଦ୍ରା ତ୍ୟାଗ କରିଛନ୍ତି। ଶନିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ।

## ନ୍ୟାସନାଲ ସ୍କିଲ୍ ଟ୍ରେନିଙ୍ଗ୍ ଇନଷ୍ଟିଚ୍ୟୁଟ୍‌ର ଶିଳାନ୍ୟାସ

**ଭୁବନେଶ୍ୱର, ୨୪।୧୧(ସମିସ):** ଜଟଣୀଠାରେ ନ୍ୟାସନାଲ ସ୍କିଲ୍ ଟ୍ରେନିଙ୍ଗ୍ ଇନଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଆଇଟି) ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ପ୍ରାୟ ୮ ଏକର ଜମିରେ ୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି କ୍ୟାମ୍ପସ ପ୍ରତିଷ୍ଠା ହେବ। ଆଇଟିଆଇର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସର୍ବଭାରତୀୟସ୍ତରର ଅତ୍ୟାଧୁନିକ ତାଲିମ୍ ଦେବା ପାଇଁ ଏହି କେନ୍ଦ୍ର ସହାୟକ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦକ୍ଷତା ବିକାଶ ମନ୍ତ୍ରୀ, ପ୍ରୀତିରଞ୍ଜନ ଘଡ଼ାଇ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ନିୟମଗିରି ପାହାଡ଼ରେ ଫଳିବ ଷ୍ଟ୍ରବେରୀ

**ବିଷମକଟକ, ୨୪।୧୧(ସମିସ):** ନିୟମଗିରି ପାହାଡ଼ରେ ଫଳିବ ଷ୍ଟ୍ରବେରୀ। ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ବିରଳ ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନେ ଚାଷ କ୍ଷେତ୍ରରେ ଆଉ ପାଦେ ଆଗେଇଛନ୍ତି। ସପୁରି, ଅଦା, କଦଳୀ, ପଣସକୁ ପରମ୍ପରା ଚାଷ ଭାବେ ଚାଷ କରିଆସୁଥିବା

**ବିରଳ ଜନଜାତି ଡଙ୍ଗରିଆ କଲେ ଷ୍ଟ୍ରବେରୀ ଚାଷ**

**ଡଙ୍ଗରିଆ କନ୍ଧ ଉନ୍ନୟନ ଏବଂ ଓପିଲିପି ସଂସ୍ଥାର ସହାୟତା**

ଡଙ୍ଗରିଆମାନେ ନୂତନ ଜ୍ଞାନକୌଶଳରେ ଏବେ ଷ୍ଟ୍ରବେରୀ ଫଳାଇବାକୁ ଚେଷ୍ଟା ଚଳାଇଛନ୍ତି। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅଧୀନରେ ରହିଥିବା ନିୟମଗିରିର କୁର୍ଲ୍ଲୀ ପାହାଡ଼ ଉପରେ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଛି। ଏହି ପାହାଡ଼ିଆ ଇଲାକା ଷ୍ଟ୍ରବେରୀ ଚାଷ ପାଇଁ ଅନୁକୂଳ। ତେଣୁ ଚଳିତ ବର୍ଷଠାରୁ ଏହି ପାହାଡ଼ ପାଦଦେଶରେ ଷ୍ଟ୍ରବେରୀ ଫଳିବ ବୋଲି ସମସ୍ତେ ଆଶାବାଦୀ ରହିଛନ୍ତି। ସ୍ଥାନୀୟ ଡଙ୍ଗରିଆ କନ୍ଧ ଉନ୍ନୟନ ଓ ଆଦିମ ଜନଜାତି ସଶକ୍ତୀକରଣ (ଓପିଲିପି) ସଂସ୍ଥାର ମିଳିତ ଉଦ୍ୟମରେ ଏହି ପ୍ରୟାସ କରାଯାଇଛି। ବିରଳ ଜନଜାତିଙ୍କୁ ବିଭିନ୍ନ ଉପାୟରେ ସ୍ୱାବଲମ୍ବୀ କରାଇବା ଦିଗରେ ଏହି ଦୁଇ ସଂସ୍ଥାର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି।

କୁର୍ଲ୍ଲୀ ସଦର ପଞ୍ଚାୟତର ଡଙ୍ଗରିଆ ଯୁବକ ଲାକୁନା ଜାକାଶିକାଙ୍କୁ ଷ୍ଟ୍ରବେରୀ ଚାଷ ନିମନ୍ତେ ୨ ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ଦିଆଯାଇଛି। ଏହି ଟଙ୍କାରେ ୧ ଏକର ଜମି ମରାମତି କରିବା ପରେ ଲାକୁନା ଷ୍ଟ୍ରବେରୀ ଚାଷ ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ଡଙ୍ଗରିଆ ଉନ୍ନୟନ ସଂସ୍ଥା ଓ ଓପିଲିପି ଷ୍ଟ୍ରବେରୀ ଚାଷ ପାଇଁ ଚାଷୀ ଉପକରଣ ସହ ମହାରାଷ୍ଟ୍ର ପୁଣେରୁ ଷ୍ଟ୍ରବେରୀ ଚାରା ଯୋଗାଇ ଦେଉଛି। ଏହି ଚାଷ ବୁନ୍ଦା ଜଳସେଚନ ପଦ୍ଧତିରେ ହେଉଛି। ପାହାଡ଼ରେ ବହି ଯାଉଥିବା ଝରଣା ପାଣିକୁ ପାଇପ୍ ଯୋଗେ ଟ୍ୟାଙ୍କର୍‌ରେ ସଂଗ୍ରହ କରି ବୁନ୍ଦା ଜଳସେଚନ ମାଧ୍ୟମରେ ଏହି ଚାଷ କରାଯାଉଛି। ଚାରାରୋପଣଠାରୁ ୪୫ଦିନ ମଧ୍ୟରେ ଫଳ ଫଳୁଥିବା ବେଳେ ଚାଷୀ ବହୁ ଆଗ୍ରହର ସହ ଷ୍ଟ୍ରେବେରୀଗୁଡ଼ିକର ଯତ୍ନ ନେଉଛି। ଲାକୁନା ପୂର୍ବରୁ ବିଭିନ୍ନ ପନିପରିବା ଚାଷ କରି ଆସୁଥିଲେ।

ଆଦିମ ଜନଜାତି ସଶକ୍ତୀକରଣ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ କହିଛନ୍ତି, ଲାକୁନାଙ୍କୁ ଷ୍ଟ୍ରବେରୀ ଚାଷ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି। ଚାଷ ନିମନ୍ତେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ସହ ୨୦ହଜାର ଷ୍ଟ୍ରବେରୀ ଚାରା ମଧ୍ୟ ଯୋଗାଇ ଦିଆଯାଇଛି। ଆଗକୁ ଏଥିରେ ବହୁ ଚାଷୀଙ୍କୁ ସାମିଲ କରାଯିବାର ଯୋଜନା ରହିଛି ବୋଲି ସେ କହିଛନ୍ତି।



## ମହାପ୍ରଭୁଙ୍କ ଦର୍ଶନ ହେଲା ଶେଷ ଦର୍ଶନ

**ଶ୍ରୀମନ୍ଦିରରେ ଅସୁସ୍ଥ ହବିଷ୍ୟାଳିଙ୍କ ହସ୍ପିଟାଲରେ ମୃତ୍ୟୁ**

**ପୁରୀ, ୨୪।୧୧(ସମିସ):** ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ। ନିଇତି କାଳିଆ ଠାକୁରଙ୍କୁ ଦର୍ଶନ କରିବେ। ମହାପ୍ରସାଦ ସେବନ କରି ଭଜନ, ଜଣାଣରେ କାଳିଆକୁ ଦୁଃଖ ଜଣାଇବେ। ଏମିତି ଭାବନା ରଖି ପରିଣତ ବୟସରେ ପୁରୀ ଆସି କାର୍ତ୍ତିକ ବ୍ରତ ପାଳନ କରୁଥିଲେ ନୟାଗଡ଼ ଖଲିସାହିର ୭୩ ବର୍ଷୀୟା ବୃଦ୍ଧା ଫକୀର ଧଳୁଆ। ହେଲେ ମହାପ୍ରଭୁଙ୍କ ଦର୍ଶନ ତାଙ୍କ ଜୀବନର ଶେଷ ଦର୍ଶନ ହୋଇଛି। ଶୁକ୍ରବାର ଶ୍ରୀକ୍ଷେତ୍ର ମାଟିରେ ତାଙ୍କର ଜୀବନ ଯାଇଛି।

ବର୍ତ୍ତମାନ ଚାଲିଛି ପଞ୍ଚୁକ। ପ୍ରତିଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ପଞ୍ଚୁକର ଦ୍ୱିତୀୟ ଦିନ ଅର୍ଥାତ୍ ଶୁକ୍ରବାର ଅନ୍ୟ ହବିଷ୍ୟାଳିଙ୍କ ସହ ଫକୀର ଧଳୁଆ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଠାକୁରଙ୍କ ଦର୍ଶନ ପରେ ସେ ମନ୍ଦିର ପରିସର ନୀଳାଚଳ ଉପବନରେ ବସିଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଓଡ଼ିଶା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ କ୍ୟାଡର୍ ପୁନର୍ଗଠିତ

**ଭୁବନେଶ୍ୱର, ୨୪।୧୧(ସମିସ):** ରାଜ୍ୟରେ ସ୍ୱାସ୍ଥ୍ୟସେବାର ବର୍ଦ୍ଧିତ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାନବସମ୍ବଳ ଅଭାବ ଦୂର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ମଲ୍ଟିପର୍ପଜ୍ ହେଲଥ୍ ୱାର୍କର (ମହିଳା) ସେବା କ୍ୟାଡର୍ ଏବଂ ଓଡ଼ିଶା ମଲ୍ଟିପର୍ପଜ୍ ହେଲଥ୍ ୱାର୍କର (ପୁରୁଷ) କ୍ୟାଡର୍‌ରେ ପାରିଶ୍ରମିକ ସଂଶୋଧନ କରିଛନ୍ତି। ବିଭାଗ ତରଫରୁ ଆଜି ପ୍ରକାଶିତ ସଂକଳ୍ପନାମା ଅନୁସାରେ, ଓଡ଼ିଶା ମଲ୍ଟିପର୍ପଜ୍ ହେଲଥ୍ ୱାର୍କର (ମହିଳା) କ୍ୟାଡର୍‌ରେ ୧୨୭୩୮ଟି ପଦବୀ ମଞ୍ଜୁର ହୋଇଥିଲା ବେଳେ ସେଥିରୁ ୪୪୫୮ଟି ପଦ ଉଚ୍ଛେଦ କରାଯାଇ ପଦୋନ୍ନତି ଦେବା ଲାଗି ସମାନ ସଂଖ୍ୟକ ପଦବୀ ସୃଷ୍ଟି କରାଯାଇଛି। ଫଳରେ ପ୍ରବେଶ ସ୍ତରରେ ପଦବୀ ସଂଖ୍ୟା ୮୨୮୦ରେ ପହଞ୍ଚିଛି। ଏହି କ୍ୟାଡର୍‌ରେ ଗୋଟିଏ ସହକାରୀ ନିର୍ଦ୍ଦେଶକ ଏବଂ ୫୪୫ଟି ଏମ୍‌ପିଏଚ୍‌ଏସ୍ (ମହିଳା) ପଦବୀ ନୂଆ କରି ସୃଷ୍ଟି କରାଯାଇଛି। ଏହି କ୍ୟାଡର୍‌ରେ ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୫୮୩୧ ରହିଛି। ଅପରପକ୍ଷେ ଓଡ଼ିଶା ମଲ୍ଟିପର୍ପଜ୍ ହେଲଥ୍ ୱାର୍କର (ପୁରୁଷ) କ୍ୟାଡର୍‌ରେ ପ୍ରବେଶ ସ୍ତରରେ ୪୯୪୧ ପଦବୀ ରହିଥିବା ବେଳେ ତାହା କ୍ୟାଡର୍ ପୁନର୍ଗଠନ ପରେ ୯୯୫୫କୁ ବୃଦ୍ଧି କରାଯାଇଛି। ଏଥିରୁ ୩୨୬୭ ପଦବୀ ପଦୋନ୍ନତି ନିମନ୍ତେ ରହିବ। ସେହିପରି ନୂତନ ଭାବେ ୩୯୫ ଏମ୍‌ପିଏଚ୍‌ଏସ୍ (ପୁରୁଷ) ଏବଂ ଗୋଟିଏ ସହକାରୀ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଏହି କ୍ୟାଡର୍‌ରେ ଏବେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୨୩୪୧ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଚଳିତ ମାସ ୨୦ତାରିଖରେ ଓଡ଼ିଶା ଲାବୋରେଟୋରୀ ଟେକ୍ନିସିଆନ୍ ସର୍ଭିସ୍ କ୍ୟାଡର୍ ଏବଂ ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ୍ କ୍ୟାଡର୍‌ର ପୁନର୍ବିନ୍ୟାସ କରିଥିଲେ।

**ତିନିଦିନିଆ ସୋଆ ସାହିତ୍ୟ ମହାକୁମ୍ଭ ଉଦ୍‌ଘାଟିତ**

# 'ସାରା ବିଶ୍ୱକୁ ଅନୁପ୍ରେରିତ କରିଛି ଭାରତୀୟ ସଂସ୍କୃତି'

**ଭୁବନେଶ୍ୱର, ୨୪।୧୧(ସମିସ):**

ସହନଶୀଳତା ଓ ଆଧ୍ୟାତ୍ମିକତା ଯୋଗୁଁ ସାରା ବିଶ୍ୱ ପାଇଁ ପ୍ରେରଣାର ଉତ୍ସ ଭାବେ ଉଭା ହୋଇଛି ଭାରତୀୟ ସଂସ୍କୃତି। ମାତ୍ର ସାମ୍ପ୍ରତିକ ଦ୍ରୁତ ଜଗତିକରଣ, ବୈଷୟିକ ଅଗ୍ରଗତି ଓ

**ଅନେକ ସାହିତ୍ୟିକ ସେମାନଙ୍କ ନିଜସ୍ୱ ସୃଷ୍ଟିକୁ ସ୍ୱୀକାର କରିପାରନ୍ତି ନାହିଁ: ଆଶିଷ ନନ୍ଦୀ**

**ଲେଖକ ଓ କବିମାନେ ହେଉଛନ୍ତି ସାଧାରଣ ଜନତାଙ୍କ ମୁଖପାତ୍ର: ମାଧବ କୌଶିକ୍**

**ଆସନ୍ତା ବର୍ଷଠୁ ପ୍ରସିଦ୍ଧ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ 'ସୋଆ ସାହିତ୍ୟ ସମ୍ମାନ'**

**ମନୋନୀତ ସାହିତ୍ୟ ସାଧକଙ୍କୁ ଦିଆଯିବ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି**

ବିବିଧ ପ୍ରଭାବ ଆମ ସାଂସ୍କୃତିକ ପରିଚୟର ଅବକ୍ଷୟ ଆଶଙ୍କା ସୃଷ୍ଟି କରିଛି। ଏହି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସମସ୍ତେ ଚିନ୍ତାଶୀଳ ତଥା ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ବିଶିଷ୍ଟ ଔପନ୍ୟାସିକା ତଥା ଜ୍ଞାନପୀଠ ବିଜେତା ଡ.ପ୍ରତିଭା ରାୟ। ଶୁକ୍ରବାର ସୋଆ ଅଡିଟୋରିୟମ୍‌ରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩ ଦିନିଆ ଦ୍ୱିତୀୟ 'ସୋଆ ସାହିତ୍ୟ ଉତ୍ସବ'କୁ ଉଦ୍‌ଘାଟନ କରି ଡ. ରାୟ କହିଛନ୍ତି ଯେ, ଏଭଳି ଜଟିଳ ପରିସ୍ଥିତି ମଧ୍ୟରେ ଆମର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଗତିକରଣରୁ ମିଳୁଥିବା ସୁଯୋଗ ଓ ଆମ ପରିଚୟର ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଅର୍ଥନୈତିକ ପ୍ରଗତି ଓ ବ୍ୟକ୍ତିଗତ ସଫଳତା ପଛରେ ନ ଧାଇଁ ଆମକୁ ସାମାଜିକ ବୈଷମ୍ୟତାକୁ ଦୂର କରିବାକୁ ପଡ଼ିବ ବୋଲି ଡ. ରାୟ କହିଛନ୍ତି।




ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଜବିଜ୍ଞାନୀ ପ୍ରଫେସର ଆଶିଷ ନନ୍ଦୀ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଛନ୍ତି। 'ଭାରତୀୟ ସଂସ୍କୃତି, ସମାଜ ଓ ସାହିତ୍ୟ: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା ଅବସରରେ ସେ କହିଛନ୍ତି ଯେ ଅନେକ ସାହିତ୍ୟିକ ସେମାନଙ୍କ ନିଜସ୍ୱ ସୃଷ୍ଟିକୁ ନିଜେ ସ୍ୱୀକାର କରିପାରନ୍ତି ନାହିଁ। ବିଶିଷ୍ଟ ଭାରତୀୟ ଗଣିତଜ୍ଞ ଶ୍ରୀନିବାସନ୍ ରାମାନୁଜନ ଏହାର ଜ୍ୱଳନ୍ତ ଉଦାହରଣ। ରାମାନୁଜନଙ୍କ ପରିସ୍ଥିତି ତାଙ୍କୁ ଅସୁରକ୍ଷିତ କରି ରଖିଥିଲା, ଯାହାଦ୍ୱାରା ସେ କ'ଣ ଆବିଷ୍କାର କରିଛନ୍ତି ସେ ନିଜେ ମଧ୍ୟ ଗ୍ରହଣ କରିପାରି ନଥିଲେ ବୋଲି ଆଶିଷ ନନ୍ଦୀ କହିଛନ୍ତି।

ଉତ୍ସବରେ କେନ୍ଦ୍ର ସାହିତ୍ୟ ଅକାଦେମୀର ଅଧ୍ୟକ୍ଷ ମାଧବ କୌଶିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି ଯେ ଲେଖକ ଓ କବିମାନେ ହେଉଛନ୍ତି ସାଧାରଣ ଜନତାଙ୍କ ମୁଖପାତ୍ର। ଜଣେ ଲେଖକ ନିଜ ଚାରିପଟେ ଥିବା ଲୋକମାନଙ୍କର ଦୁଃଖ ଓ ସମସ୍ୟାକୁ ଅନୁଭବ କରି ନିଜ ଲେଖନୀ ଦ୍ୱାରା ତାହାକୁ ଜନମାନସରେ ପରିପ୍ରକାଶ କରିଥାଏ। ପାଠକ ତାହାକୁ ପଢ଼ିବାବେଳେ ନିଜ ଅଙ୍ଗେ ନିଭା କଥା ଭାବି ସେଥିରେ ମୁଗ୍ଧ ହୋଇଯାଇଥାଏ ବୋଲି ଶ୍ରୀ କୌଶିକ କହିଛନ୍ତି।

ପ୍ରାରମ୍ଭରେ ସୋଆ ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ତଥା 'ପ୍ରାଚୀନ'ର ମୁଖ୍ୟ ଡକ୍ଟର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଗାମୀ ବର୍ଷଠାରୁ ଜାତୀୟସ୍ତରରେ ଦେଶର ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ 'ସୋଆ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ ବୋଲି ସେ ଏହି ଅବସରରେ ଘୋଷଣା କରିଥିଲେ। ଜାତୀୟସ୍ତରର ଏକ ବିଚାରକମଣ୍ଡଳୀ ଏହି ସମ୍ମାନ ପାଇଁ ସାହିତ୍ୟିକମାନଙ୍କୁ ମନୋନୀତ କରିବେ ଏବଂ ତାଙ୍କୁ ୭ ଲକ୍ଷ ଟଙ୍କାର ରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ଡ଼. ପଣ୍ଡା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖକ ତଥା ସାହିତ୍ୟ ଅକାଦମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ, ବିଶିଷ୍ଟ ଅଭିନେତ୍ରୀ ତଥା ଲେଖିକା ଦିବ୍ୟା ଦତ୍ତ ନିଜର ବକ୍ତବ୍ୟ ରଖିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବ ଅବସରରେ ଡ. ଗାୟତ୍ରୀବାଳା ପଣ୍ଡାଙ୍କର ଅନ୍ୟ ଭାଷାରେ ଅନୁବାଦ ହୋଇଥିବା ଚାରିଟି ଓଡ଼ିଆ ପୁସ୍ତକ ଉନ୍ମୋଚିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାରପ୍ରାପ୍ତ ତାଙ୍କର ପୁସ୍ତକ 'ଦୟାନଦୀ'ର ପଞ୍ଜାବୀ ଓ ସଂସ୍କୃତ ଅନୁବାଦକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସେହିପରି 'ବାଘ'ର ହିନ୍ଦୀ ଅନୁବାଦ, ହିନ୍ଦୀ ଭାଷାରେ ଲିଖିତ 'ଆସାନ ନହିଁ ଇତିହାସ ଲିଖ୍‌ନା' ଏବଂ ଇଂରାଜୀ ଭାଷାରେ ନିର୍ବାଚିତ କ୍ଷୁଦ୍ରଗଳ୍ପ 'ମାଇଁ ଟ୍ରୁଥ୍, ମାଇଁ ଷ୍ଟୋରୀ'କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏହାସହିତ 'ପ୍ରାଚୀନ'ଦ୍ୱାରା ପ୍ରକାଶିତ 'ସାରୋଳ ଦାସ ମହାଭାରଥ ସମ୍ପାଦନା ପ୍ରସ୍ତାବ ଭବିଷ୍ୟତ, ଅତୀତ ଓ ବର୍ତ୍ତମାନ' ମଧ୍ୟ ଲୋକାର୍ପିତ ହୋଇଥିଲା।

ଏଠାରେ ସୂଚନାଯୋଗ୍ୟ ଯେ 'ସୋଆ' ପକ୍ଷରୁ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ନିମନ୍ତେ ସ୍ଥାପିତ 'ସୋଆ ସେଣ୍ଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ' (ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ପ୍ରାୟ ୨୫୦ ଜଣ ବିଶିଷ୍ଟ ଲେଖକ, କବି, ଐତିହାସିକ, ସମାଲୋଚକ ଓ କଳାକାର ଯୋଗ ଦେଇଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସାହିତ୍ୟ ମହାକୁମ୍ଭର ଉଦ୍‌ଯାପନୀ ଉତ୍ସବରେ ୧୧ଜଣ ବର୍ଷିଆନ ତଥା ଖ୍ୟାତନାମା ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯିବ।




RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-150 ◆BHUBANESWAR ◆SATURDAY ◆25 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୦ ◆ଭୁବନେଶ୍ୱର ◆ଶନିବାର ◆୨୫ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦

## ୨୭ରେ ଲଘୁଚାପ; ୩୦ରେ ବାତ୍ୟା ଆଶଙ୍କା

■ ଭୁବନେଶ୍ୱର, ୨୪।୧୧(ସମିସ): ଶନିବାର କେନ୍ଦ୍ରୀୟ ଦକ୍ଷିଣ ବଙ୍ଗୋପସାଗର ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହି ଘୂର୍ଣ୍ଣିବଳୟ ପ୍ରଥମେ ପଶ୍ଚିମ ଦିଗକୁ ଗତି କରି ୨୭ ତାରିଖରେ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାପରେ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ପ୍ରାୟତଃ ଉତ୍ତର ଦିଗରେ ଡିସେମ୍ବର ୧ ପର୍ଯ୍ୟନ୍ତ ଗତି କରିବ। ତେବେ ପ୍ରାଥମିକ ଆକଳନ ଅନୁଯାୟୀ ଏହି ଲଘୁଚାପଟି ୨୮ ସୁଦ୍ଧା ଅବପାତ ଓ ୩୦ ତାରିଖରେ ବାତ୍ୟାର ରୂପ ନେବ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି। ଏହା ବାତ୍ୟାରେ ପରିଣତ ହେଲେ ମିଆଁମାର ଦ୍ୱାରା ପ୍ରଦତ୍ତ ନାମ 'ମିଚାଉଁ' ରହିବ। ଏହି ବାତ୍ୟା ଡିସେମ୍ବର୨ତାରିଖରେ ଉତ୍ତର-ପୂର୍ବ ଦିଗରେ ଯାଇ ବାଂଲାଦେଶ ଦକ୍ଷିଣ ଉପକୂଳରେ ସ୍ଥଳଭାଗ ଛୁଇଁପାରେ। ତେବେ ଅବପାତ ହେବା ପରେ ହିଁ ଏ ସମ୍ପର୍କରେ ସ୍ପଷ୍ଟ କହିହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶାରେ ବର୍ଷା ବା ପବନର ପ୍ରଭାବ ରହିବ ନାହିଁ। ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶାରେ ଡିସେମ୍ବର ▶ପୃଷ୍ଠା-୯

**ଓଡ଼ିଶାରେ ପଡ଼ିବନି ପ୍ରଭାବ**
**ଡିସେମ୍ବରରେ ବଢ଼ିବ ଶୀତ**

## ମହାକାଶରୁ ଆସିଲା ପ୍ରଥମ 'ଲେଜର ମେସେଜ'

■ କାଲିଫର୍ଣ୍ଣିଆ, ୨୪।୧୧ (ଏଜେନ୍ସି): ପ୍ରଥମ ଥର ପାଇଁ ମହାକାଶରୁ ପୃଥିବୀକୁ ଲେଜର ମେସେଜ (ବାର୍ତ୍ତା) ମିଳିଛି। ୧୬ ନିୟୁତ କିମି ଦୂରରୁ ପୃଥିବୀକୁ ଏହି ବାର୍ତ୍ତା ପଠା ଯାଇଛି। ଏହି ବାର୍ତ୍ତା ପାଇବା ପାଇଁ ମାତ୍ର ୫୦ ସେକେଣ୍ଡ ଲାଗିଛି। ଆମେରିକା ମହାକାଶ ଏଜେନ୍ସି ନାସା ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ମହାକାଶରେ ଥିବା 'ସାଇକେ' ଯାନ ଏହି ବାର୍ତ୍ତା ପ୍ରେରଣ କରିଛି। ଅନେକ ଦିନ ହେଲା ମହାକାଶରୁ ମହାକାଶ ଯାନ ମାଧ୍ୟମରେ ବାର୍ତ୍ତା ପଠାଇବା ପାଇଁ ରେଡିଓ ସିଗ୍ନାଲ ବ୍ୟବହାର କରାଯାଉ ଥିଲା। ଏହା ପୂର୍ବରୁ କେବେ ବି ଲେଜର ମାଧ୍ୟମରେ ଏତେ ଦୂରରୁ ବାର୍ତ୍ତା ଗ୍ରହଣ କିମ୍ବା ପ୍ରେରଣ କରାଯାଇ ନ ଥିଲା। ନାସା ଅଧିକାରୀ ଟର୍ଡି କୋର୍ଟିସଙ୍କ ସୂଚନା ଅନୁଯାୟୀ ଏହି ସଫଳତା ଦ୍ୱାରା ମହାକାଶରେ ଯୋଗାଯୋଗ ବ୍ୟବସ୍ଥାକୁ ▶ପୃଷ୍ଠା-୯

**୧୬ ନିୟୁତ କିମିରୁ ଆସିବା ପାଇଁ ଲାଗିଲା ୫୦ ସେକେଣ୍ଡ**





### ବିରୋଧୀଙ୍କ 'କୁମ୍ଭୀର କାନ୍ଦଣା'କୁ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଜବାବ

# ଆଦିବାସୀଙ୍କ ବିକାଶରେ ଓଡ଼ିଶା ଦେଶରେ ମଡେଲ

- ଏକମାତ୍ର ରାଜ୍ୟ ଭାବେ ରାଜ୍ୟରେ ଗଠନ ହୋଇଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ
- ଦେଶରେ ସର୍ବାଧିକ ୪ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ
- ରାଜ୍ୟର ସାଢ଼େ ୫ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ହଷ୍ଟେଲ ସୁବିଧା
- ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରୁନାହିଁ କେନ୍ଦ୍ର
- କେନ୍ଦୁପତ୍ର ଉପରୁ କେନ୍ଦ୍ର ସରକାର ଛାଡ଼ କରୁନାହାନ୍ତି ୧୮ ପ୍ରତିଶତ ଜିଏସ୍‌ଟି
- ଟିଏସି ବୈଠକରେ ଆଦିବାସୀ ଜମି ପ୍ରସ୍ତାବକୁ ସବୁ ଦଳ କରିଥିଲେ ସମର୍ଥନ

■ ଭୁବନେଶ୍ୱର, ୨୪।୧୧ (ସମିସ): ଆଦିବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିରୋଧୀଙ୍କୁ ବିଧାନସଭାରେ କଡ଼ା ଜବାବ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି। ଆଦିବାସୀଙ୍କ ନିମନ୍ତେ କଲ୍ୟାଣମୂଳକ କାର୍ଯ୍ୟ କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ କେବଳ ମଡ଼େଲ ରାଜ୍ୟରେ ପରିଣତ ହୋଇନାହିଁ; ବିଭିନ୍ନ କ୍ଷେତ୍ରରେ ଉଦାହରଣୀୟ ହୋଇ ପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ଓ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆନ୍ତରିକ ଉଦ୍ୟମ ସାରା ଦେଶରେ ପ୍ରଶଂସିତ ହୋଇଛି ବୋଲି ଶ୍ରୀ ମାର୍ଣ୍ଡି କହିଛନ୍ତି।

ବିଧାନସଭାରେ ବିଜେପି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବରେ ଉତ୍ତର ରଖି ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶା ଆଦିବାସୀ କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛି। ୨୩ ଜିଲ୍ଲାରେ ଗଠନ ହୋଇଥିବା ଏସଡିସି ଦ୍ୱାରା ପାଖାପାଖି ୬୨ ଆଦିବାସୀ ସମ୍ପ୍ରଦାୟ, ୧୩ଟି ପିଭିଟିଜି ଗୋଷ୍ଠୀର ୮୪ ଲକ୍ଷ ଆଦିବାସୀ ଉପକୃତ ହେଉଛନ୍ତି। ଦେଶରେ ଅନ୍ୟ କୌଣସି ରାଜ୍ୟରେ ଏଭଳି ପଦକ୍ଷେପ ନିଆଯାଇ ନାହିଁ। ରାଜ୍ୟର ସାଢ଼େ ୫ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ଶିକ୍ଷା ପ୍ରଦାନ କରାଯାଉଛି। ଅନୁସୂଚୀତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନରେ ଓଡ଼ିଶା ଦେଶରେ ସବୁଠୁ ଆଗରେ। 'ଅନ୍ୱେଷା' ଯୋଜନାରେ ୨୦ ହଜାର ଏସ୍‌ସି, ଏସ୍‌ଟି ଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ସହ ହଷ୍ଟେଲ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ସେହିପରି ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀଙ୍କୁ ୧୦୦ ପ୍ରତିଶତ ମାଗଣାରେ ଶିକ୍ଷା ଦେବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲ ଅଧିକାର ଆଇନରେ ରାଜ୍ୟର ପାଖାପାଖି ୪ ଲକ୍ଷ ଜଙ୍ଗଲ ଜମି ପଟ୍ଟା ଅଦ୍ୟାବଧି ପ୍ରଦାନ କରାଯାଇଛି। ଦେଶର ଅନ୍ୟ କୌଣସି ରାଜ୍ୟରେ ଏତେସଂଖ୍ୟକ ପଟ୍ଟା ପ୍ରଦାନ କରାଯାଇନାହିଁ।

ଶ୍ରୀ ମାର୍ଣ୍ଡି ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ଅଧିନରେ ୧୧୯ଟି ଟ୍ରାଇବାଲ ସବ-ପ୍ଲାନ(ଟିଏସପି) ବ୍ଲକରେ ୨୨ଟି ଆଇଟିଡିଏ ଜରିଆରେ ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ଅର୍ଥରାଶି ସେମାନଙ୍କ ଜୀବିକା ଜୀବନ ନିର୍ବାହରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଅନ୍ୟପକ୍ଷରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ହୋ, ମୁଣ୍ଡାରୀ, ଭୂମିଜ, ସଉରା ଏବଂ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ବାରମ୍ବାର ଦାବି କରି ଆସୁଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଏକାଧିକ ଚିଠି ଲେଖିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। 'ଲକ୍ଷ୍ମୀ' ଯୋଜନାକୁ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ▶ପୃଷ୍ଠା-୯

### ଆଦିବାସୀ ଜମି ହସ୍ତାନ୍ତର ପୁନର୍ବିଚାର ପ୍ରସଙ୍ଗରେ ରାଜ୍ୟ କ୍ୟାବିନେଟର ବଡ଼ ନିଷ୍ପତ୍ତି

# ତର୍ଜମା କରିବ ଟିଏସି

■ ଭୁବନେଶ୍ୱର, ୨୪।୧୧ (ସମିସ): ଆଦିବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ରାଜ୍ୟ ସରକାର ନେଇଛନ୍ତି ଏକ ବଡ଼ ପଦକ୍ଷେପ। ଗତ କ୍ୟାବିନେଟ ବୈଠକରେ ଆଦିବାସୀ ଜମି ହସ୍ତାନ୍ତର ପ୍ରସଙ୍ଗ ସଂକ୍ରାନ୍ତ ନିଷ୍ପତ୍ତିର ପୁନର୍ବିଚାର ଓ ତର୍ଜମା ନିମନ୍ତେ ସରକାର ଏହାକୁ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି)କୁ ପଠାଇବେ। ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତରେ ଓଡ଼ିଶା ଅନୁସୂଚିତ ଅଞ୍ଚଳରେ ସ୍ଥାବର ସମ୍ପତ୍ତି (ଅନୁସୂଚିତ ଜନଜାତି ଦ୍ୱାରା) ହସ୍ତାନ୍ତର ଆଇନ ୧୯୫୬ ସଂଶୋଧନ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ୍‌ରେ ଗୃହୀତ ହୋଇଥିଲା। ମାତ୍ର ଆଜିର ବୈଠକରେ ଉପରୋକ୍ତ ସଂଶୋଧନର ପୁନର୍ବିଚାର କରି କ୍ୟାବିନେଟ ଏ ବିଷୟରେ ଅଧିକ ତର୍ଜମା ନିମନ୍ତେ ଜନଜାତି ଉପଦେଷ୍ଟା ପରିଷଦକୁ ସୁପାରିଶ କରିଛନ୍ତି। ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ହସ୍ତାନ୍ତର ସକାଶେ ୧୯୫୬ ଆଇନର ରେଗୁଲେସନ-୨, ସଂଶୋଧନ ପ୍ରସ୍ତାବକୁ ଗତ ୧୪ ତାରିଖରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଥିଲା। ଯେଉଁଥିରେ ସଂଶୋଧିତ ଆଇନରେ ଅଣଆଦିବାସୀଙ୍କୁ ଆଦିବାସୀମାନେ ଜମି ବିକ୍ରି ବା ହସ୍ତାନ୍ତର ବ୍ୟବସ୍ଥା ରହିଥିଲା। ଉକ୍ତ ନିଷ୍ପତ୍ତିକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଯିବା ପରେ ଗତ୧୬ ତାରିଖରେ ରାଜ୍ୟ ସରକାର ତାହା ସ୍ଥଗିତ ରଖିଥିଲେ। ରାଜସ୍ୱ ▶ପୃଷ୍ଠା-୯




- ୩ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର
- ଓସ୍ୱାସର ଉନ୍ନତିକରଣକୁ ମିଳିଲା ଅନୁମୋଦନ
- ନୂଆରୂପ ପାଇବ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମ୍ପର୍କିତ ମୋଟ ୩ଟି ନିଷ୍ପତ୍ତି ଉପରେ ୬୭ତମ କ୍ୟାବିନେଟ ବୈଠକରେ ମୋହର ବାଜିଛି। ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ କ୍ୟାବିନେଟ୍ ନିଷ୍ପତ୍ତି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

୨୦୨୩ ଜୁଲାଇ ୧୧ ତାରିଖରେ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି)ର ଅନୁମୋଦିତ ପ୍ରସ୍ତାବ ଆଧାରରେ ଗତ ୧୪ ନଭେମ୍ବରରେ

### ଏଚ୍‌ଏଲ୍‌ସିଏ ବୈଠକରେ ୧୨ କମ୍ପାନୀର ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ

# ୧୦ ଜିଲ୍ଲାରେ ୮୪,୯୧୮ କୋଟିର ପୁଞ୍ଜିନିବେଶ

■ ଭୁବନେଶ୍ୱର, ୨୪।୧୧ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଜାରି ରହିଥିବା ଅଭିଯାନ ଦ୍ରୁତ ଗତିରେ ଆଗେଇ ଚାଲିଛି। ବିଶେଷକରି ଓଡ଼ିଶାରେ ଶିଳ୍ପ ଅନୁକୂଳ ପରିବେଶ ପୁଞ୍ଜିପତିଙ୍କୁ ଆକୃଷ୍ଟ କରୁଛି। ରାଜ୍ୟ ସରକାରଙ୍କ ଶିଳ୍ପ ଅନୁକୂଳ ନୀତି ଓ ପରିବେଶ ଯୋଗୁଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟ କଂପାନୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶାକୁ କ୍ରମାଗତ ଭାବେ ପୁଞ୍ଜିନିବେଶର ସୁଅ ଛୁଟିଛି। ମେକ୍ ଇନ୍ ଓଡ଼ିଶା କନକ୍ଳେଭ୍ ହେଉ ଅବା ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଦେଶ ବିଦେଶରେ ନିବେଶକ ସମ୍ମିଳନୀ, ସବୁଠି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ ପାଇଛି। ଶିଳ୍ପପତି ବା କଂପାନୀଙ୍କ ଆଡୁ ଆସିଥିବା ହଜାର ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ସରକାର ମଞ୍ଜୁରୀ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟ ଶିଳ୍ପ ସମୃଦ୍ଧ ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗର ସମ୍ଭାବନା ସୃଷ୍ଟି ହୋଇଛି। ଏହିକ୍ରମରେ ଆଜି ୩୩ତମ ଉଚ୍ଚସ୍ତରୀୟ ▶ପୃଷ୍ଠା-୯



**ଆହୁରି ତ୍ୱରାନ୍ୱିତ ହେବ ଶିଳ୍ପ ବିକାଶ ଅଭିଯାନ**
**୪୨ ହଜାରରୁ ଅଧିକ ଲୋକ ପାଇବେ ନିଯୁକ୍ତି**

## ଲୋକକଥା



ସେବାୟତ କିଛି ଭାବନ୍ତି ଦିଅଁଙ୍କୁ
ସତେ ଅବା ଦାରୁ ପଥର,
ନିଜ ଇଚ୍ଛାମତେ ନୀତି ବିଗାଡ଼ନ୍ତି
ଓପାସେ ରହନ୍ତି ଠାକୁର !
ଭକତ ହୁଅନ୍ତି ଆତୁର,
ଆପଣା ଜାଗିରି ପରାଏ କରନ୍ତି
ତାଲା ପଡୁଅଛି ମନ୍ଦିର !!

# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ

■ ନବରଙ୍ଗପୁର/ଭୁବନେଶ୍ୱର, ୨୪।୧୧(ସମିସ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ଗଙ୍ଗା ପାଇକରାୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ଗଙ୍ଗାଙ୍କ କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ପୈତୃକ ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ଉ କରିଛି। ଚଢ଼ଉ ବେଳେ ଭିଜିଲାନ୍ସ ଟିମ୍ ଆୟ ବହିର୍ଭୂତ ସଂପତ୍ତି ଠୁଳ ନେଇ ଏକାଧିକ ଦସ୍ତାବିଜ୍ ଜବତ କରିଛି। ଗଙ୍ଗାଙ୍କର ଜୟପୁର ଅଗ୍ନିଶମ କେନ୍ଦ୍ର ନିକଟରେ ୩ତାଲା ବିଲ୍ଡିଂ ରହିଛି। ସେହିପରି ଜୟପୁର ନୂଆସାହି ଲେନ୍-୧ରେ ୩ତାଲା ବିଶିଷ୍ଟ ଏକ କୋଠା, ଜଗଧାତ୍ରୀପୁରସ୍ଥିତ ପ୍ଲଟ୍ ନଂ-୩୪୧ରେ ୧୪୫୦ଫୁଟ୍‌ର ଟିଣ ସେଡ୍‌ରେ ନିର୍ମାଣ ଏକ ପାର୍କିଂସ୍ଥଳ ଠାବ କରାଯାଇଛି। ସେ ଅନ୍ନପୂର୍ଣ୍ଣା ରିଅଲ୍ ଇଷ୍ଟେଟ୍‌ସ୍‌କୁ ୨୦୧୩-୧୪ଭିତରେ ୧୬ଲକ୍ଷ ଟଙ୍କା ଅଗ୍ରିମ ଦେଇଛନ୍ତି। ଏଥିସହ ଜୟପୁର ମୁଖ୍ୟ ଅଞ୍ଚଳରେ ତାଙ୍କର ୫ଟି ପ୍ଲଟ୍ ଠାବ କରାଯାଇଛି। ଏହାର ମୂଲ୍ୟ ଭିଜିଲାନ୍ସର ଏକ୍ସପର୍ଟ ଟିମ୍ ଆକଳନ କରୁଛନ୍ତି। ତାଙ୍କ ଘରୁ ନଗଦ ୧ ଲକ୍ଷ ୧୨ହଜାର ୨୪୦ ଟଙ୍କା ଠାବ କରାଯାଇଥିବା ବେଳେ ୧୭ ଲକ୍ଷ ଟଙ୍କାର ଦୁଇଟି ଚାରିଚକିଆ ଏବଂ ଦୁଇଟି ଦୁଇଚକିଆ ଗାଡ଼ି ଠାବ କରାଯାଇଛି। ଚଢ଼ଉ ଜାରି ରହିଥିବାରୁ ସଂପତ୍ତି ତାଲିକା ଆହୁରି ▶ପୃଷ୍ଠା-୯



**ଘରୁ ଜବତ ହେଲା ନଗଦ ୧.୧୨ଲକ୍ଷ ଟଙ୍କା**
**ଦୁଇଟି ବହୁତଳ କୋଠା, ୫ଟି ପ୍ଲଟ୍ ଠାବ**



# ବଳଦେବଜୀଉ ମନ୍ଦିର ସିଂହଦ୍ୱାରକୁ ଅବାଧମୁକ୍ତ କରିବାକୁ ଦାବି

**ପାଲଲହଡା, ୨୪।୧୧(ସମିସ)**



ରାଜରାଜୁଡା ଅମଳରୁ ଶହ ଶହ ବର୍ଷର ପୁରୁଣା ଐତିହ୍ୟ ସମ୍ପନ୍ନ ପାଲଲହଡା ସଦର ମହକୁମାର ମଧ୍ୟସ୍ଥଳରେ ରହିଛି ବଳଦେବଜୀଉଙ୍କ ମନ୍ଦିର। କାହିଁ କେଉଁ କାଳରୁ ଆଜି ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା ପାଇ ଆସୁଛନ୍ତି। ମାତ୍ର ଦୀର୍ଘ ୨୫ ବର୍ଷ ହେଲା ମନ୍ଦିର ସାମ୍ନା ପଟେ ଦୋକାନ ଗୃହ ନିର୍ମାଣ କରି ବିଭିନ୍ନ ବ୍ୟବସାୟୀମାନଙ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ଭଡାରେ ଦିଆଯାଇଛି। ତେଣୁ ଦୋକାନ ଗୃହଗୁଡିକର ଆଢୁଆଳ ଭିତରେ ରହିଯାଇଛି ବଳଦେବଜୀଉଙ୍କ ମନ୍ଦିର। ଏଠାକୁ ବାହାରର ଭକ୍ତ ତ ଦୂରର କଥା ସ୍ଥାନୀୟ ସାଧାରଣ ଭକ୍ତ ଟିଏ ମଧ୍ୟ ଯାଇ ଜଗନ୍ନାଥଙ୍କ ଦର୍ଶନ କରିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ବିଶେଷ କରି ସମ୍ମୁଖ ସିଂହ ଦ୍ୱାରଟି ସଂକୁଚିତ ହୋଇଯାଇଥିବାରୁ ଏଠାରେ ଏକ ମନ୍ଦିର ଅଛି ବୋଲି ସାଧାରଣ ଜନତା ସହଜରେ ଜାଣିପାରୁନାହାନ୍ତି। ମନ୍ଦିରର ସମ୍ମୁଖ ଓ ଉଭୟ ପାର୍ଶ୍ୱରେ ୨୫ ବର୍ଷ ହେବ ଦେବୋତ୍ତର ବିଭାଗ ଦ୍ୱାରା ଦୋକାନ ଘର ନିର୍ମାଣ କରାଯାଇ ମାସିକ ଭଡାସୂତ୍ରରେ ଦିଆଯାଇଛି। କିନ୍ତୁ ଦୋକାନ ଘର ଗୁଡିକ ବିପଦପୂର୍ଣ୍ଣ ହୋଇଯିବାରୁ କିଛି ଦିନ ତଳେ ବିଭାଗ ପକ୍ଷରୁ ନୋଟିସ ଦେଇ ସମସ୍ତ ଦୋକାନୀଙ୍କୁ ଉଚ୍ଛେଦ କରି ଘର ଗୁଡିକୁ ଭଙ୍ଗା ସରିଛି। ପୁନଶ୍ଚ ଏଠାରେ ଉଭୟ ଦେବୋତ୍ତର ବିଭାଗ ଓ ସରକାରୀ ଅନୁଦାନରୁ ଦୋକାନ ଘର ନିର୍ମାଣ ପାଇଁ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ଜଗନ୍ନାଥ ମନ୍ଦିରର ବେଢ଼ାକୁ ଅବାଧମୁକ୍ତ ଓ ସମଗ୍ର ରାଜ୍ୟରେ ବର୍ତ୍ତମାନ ଜଗନ୍ନାଥ ସଂସ୍କୃତିର ପୁନଃରୁତ୍ଥାନ ପାଇଁ ରାଜ୍ୟ ସରକାର ତତ୍ପର ହୋଇ ବ୍ୟାପକ ଅର୍ଥ ଅନୁଦାନ ଦେଉଛନ୍ତି। ତେଣୁ ବଳଦେବଜୀଉ ମନ୍ଦିରର ସମ୍ମୁଖ ସିଂହ ଦ୍ୱାରର ଉଭୟ ପଟକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ଜୋରଧରିଛି। ମନ୍ଦିରକୁ ଅଧିକ ଆକର୍ଷଣୀୟ ଏବଂ ସିଂହ ଦ୍ୱାରକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଆଜି ସ୍ଥାନୀୟ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଧ୍ୟକ୍ଷ ରଘୁନନ୍ଦନ ଆଚାର୍ଯ୍ୟ ଓ ସଭାପତି ଖଗେଶ୍ୱର ଦାଶଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ସଦସ୍ୟା ପାଲଲହଡା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତିଙ୍କୁ ଭେଟି ଏହାର ସ୍ଥାୟୀ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିବା ସହିତ ଏହାର ନକଲ ମୁଖ୍ୟମନ୍ତ୍ରୀ, ଦେବୋତ୍ତର କମିଶନର ଓଡ଼ିଶା ଭୁବନେଶ୍ୱର, ଢେଙ୍କାନାଳ ସାଂସଦ, ପାଲଲହଡା ବିଧାୟକ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ଡାକ ଓ ମେଲ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଏଅବସରରେ ଉପଜିଲ୍ଲାପାଳ ସୁଶାନ୍ତ ପତି ସମ୍ମୁଖ ସିଂହଦ୍ୱାରକୁ ସମ୍ପୂର୍ଣ୍ଣ ମୁକ୍ତ ରଖି ଗୋଡ଼ ହାତ ଧୋଇବାକୁ ପାଣିର ବ୍ୟବସ୍ଥା ସମେତ ଜୋତା ଷ୍ଟାଣ୍ଡ ଓ ଦୀପ ଷ୍ଟାଣ୍ଡ ରଖିବାକୁ ସାମ୍ବାଦିକ ସଙ୍ଘକୁ ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ଅଞ୍ଚଳବାସୀଙ୍କ ମତାମତ ଅନୁଯାଇ ଏକ ବୈଠକ କରାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ରବିନାରାୟଣ ପ୍ରଧାନ, ଦିବ୍ୟଜ୍ୟୋତି ଦାଶ, ସାଧାରଣ ସମ୍ପାଦକ ଦେବଦତ୍ତ ସାହୁ, ସହ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ସୁବ୍ରତ କୁମାର ଦାଶ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା କମିଟିର ସଦସ୍ୟ ଖଗେଶ୍ୱର ମହାନ୍ତ, ଶିଶିର କୁମାର ଆଚାର୍ଯ୍ୟ, ପ୍ରୀତିମଞ୍ଜରୀ ମହାନ୍ତି, ରଜନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ

**ପାଲଲହଡା, ୨୪।୧୧(ସମିସ):** ପାଲଲହଡା ବ୍ଲକରେ ଚଳିତ ବର୍ଷ ୧୬ ଜଣ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତରୁଣକାନ୍ତି ପ୍ରଧାନଙ୍କ ଠାରୁ ସମସ୍ତ ସଦସ୍ୟ ବୀମା କାର୍ଡ ଗ୍ରହଣ କରିଥିଲେ।

# ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ



**କଣିହାଁ, ୨୪।୧୧(ସମିସ):** କଣିହାଁ ବ୍ଲକ ପିଟିଏସ୍ ଦୁର୍ଗା ମଣ୍ଡପ ପରିସରରେ ଶ୍ରୀ ସତ୍ୟସାଇ ବାବାଙ୍କ ୯୮ତମ ଜନ୍ମ ଜୟନ୍ତୀ ଏନଟିପିସି କଣିହାଁ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାଇବାବାଙ୍କ ସକାଳ ଆଳତୀ ଓମ୍ କାରମ୍ ସୁପ୍ରଭାତମ ନଗରକୀର୍ତ୍ତନ ଷୋଡ଼ଶ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସାଇଙ୍କ ପ୍ରଶାନ୍ତି ପତାକା ଉତ୍ତୋଳନ କରି ଭଜନ କାର୍ଯ୍ୟକ୍ରମ ଶେଷ କରି କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଓ ଅସହାୟ ଲୋକଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶ୍ରୀ ସତ୍ୟସାଇ ସେବା ସମିତିର ଅର୍ଜୁନ ମୋହନ ପ୍ରଧାନ, ପ୍ରହଲ୍ଲାଦ ସାହୁ, କ୍ଷେତ୍ରବାସୀ ପଟ୍ଟନାୟକ, ଅକ୍ଷୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହୁଲପାଳରେ କାର୍ତ୍ତିକେଶ୍ୱର ପୂଜା ଓ ରାସ ପୂର୍ଣ୍ଣିମା

**ଭୁବନ, ୨୪।୧୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳରେ ରାସ ପୂର୍ଣ୍ଣିମା ଅବସରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ପୂଜା ପାଇଁ ସାରା ପଞ୍ଚାୟତ ଉତ୍ସବମୁଖର ହୋଇପଡ଼ିଛି। ଚଳିତ ବର୍ଷ ୯ଟି ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି। ପଶ୍ଚିମ ସାହି, ବଉଳମୂଳ ସାହି, ତାରିଣୀ ଛକ, ମଝି ସାହି, ମଙ୍ଗଳା ସାହି, ବାରିକ ସାହି, ଜଗତପତା ସାହି, ରାଉଳ ସାହି, ଝରିମୂଳ ସାହି ପୂଜା ମଣ୍ଡପରେ ପୂଜା ହେଉଛି। ସେହିପରି ଭୁବନ ଏନ୍‌ଏସିର ଥୋରିଆ ସାହି, ଘଣାଶାଳ ସାହି ଓ ବଡ଼ହାଟ ସାଧବନଗର ଆଦି ସ୍ଥାନରେ ଧୁମଧାମରେ ପୂଜା ହେଉଛି

# ପୂର୍ବ ଶତ୍ରୁତାରୁ ଛୁରାମାଡ଼; ଯୁବକ ଗୁରୁତର

**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ମୃଦଙ୍ଗାପଲୀ ଗ୍ରାମରେ ପୂର୍ବ ଶତ୍ରୁତାରୁ ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃଦଙ୍ଗାପଲ୍ଲୀ ଗ୍ରାମର ପଦ୍ମନାଭ ରାଉତ କୌଣସି କାର୍ଯ୍ୟରେ ଗୁଡିଆକାଟେଣୀ ବଜାରରୁ ଫେରି ନିଜ ଗ୍ରାମ ମଝିରେ ଛିଡା ହୋଇଥିଲେ। ଏହି ସମୟରେ ଗ୍ରାମର ଯୁବକ ଅତର୍କିତ ଭାବରେ ତାଙ୍କୁ ଏକ ଛୁରାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଯୁବକ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାର ଜଣାପଡ଼ିଛି। ଖବର ପାଇ ମୋଟଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ସମଲ ବ୍ୟାରେଜ୍ ହାଇସ୍କୁଲ ବାର୍ଷିକ କ୍ରୀଡ଼ା



**କଣିହାଁ, ୨୪।୧୧(ସମିସ):** କଣିହାଁ ବ୍ଲକ ସମଲ ବ୍ୟାରେଜ ହାଇସ୍କୁଲ ପରିସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣିହାଁ ବ୍ଲକ ଯୁବ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପରିଚାଳନା କମିଟିର ସଭାପତି ବୁଦ୍ଧିମନ୍ତ ସାହୁ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଚୟନ କରାଯାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ମଦ ବ୍ୟବସାୟକୁ ବିରୋଧ କରିବାରୁ ଆକ୍ରମଣ ଅଭିଯୋଗ

**ପାଣିକୋଇଲି, ୨୪।୧୧(ସମିସ):** ଚୋରାମଦ ବିକ୍ରିକୁ ବିରୋଧ କରୁଥିବା ପରିବାରକୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୁଲିସ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ରାଣୀଗୋଡା ଗ୍ରାମର ମଧୁସୂଦନ ଦାସଙ୍କ ପୁଅ ଅଭିମନ୍ୟୁ ଦାସ, ପ୍ରଦୀପ କୁମାର ଦାସଙ୍କ ଅଭିଯୋଗ ମୁତାବକ, ଆଜି ସକାଳେ ଧାନ କାଟିବାକୁ ଚାଷ ଜମିକୁ ଯାଉଥିବା ସମୟରେ ତାଙ୍କ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କ ସହ ତାଙ୍କ ଦୁଇପୁଅ ଦିଲ୍ଲୀପ ପ୍ରଧାନ(୨୮) ଓ ପ୍ରଦୀପ ପ୍ରଧାନ(୨୪), ସ୍ତ୍ରୀ ଜାନକୀ ପ୍ରଧାନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କୌଣସି କାରଣ ନ ଥାଇ ଅଶ୍ଳୀଳ ଭାଷାରେ ପ୍ରଦୀପଙ୍କୁ ଗାଳିଗୁଲଜ କଲେ। ଏହାର ପ୍ରତିବାଦ କରିବାରୁ ଦିଲ୍ଲୀପ ଜୀବନରୁ ମାରି ଦେବା ଉଦ୍ଦେଶ୍ୟରେ କୋଦାଳ ଧରି ଗୋଡାଇ ଆସିଲା। ପରେ ଉଭୟଙ୍କୁ ମାଡ଼ ମାରିବା ଆରମ୍ଭ କରିଦେଲେ। ଫଳରେ ଦୁଇ ଜଣ ଆହତ ହେବା ସହ କ୍ଷତାକ୍ତ ହୋଇଥିଲେ। ପୂର୍ବରୁ ଉକ୍ତ ପରିବାର ଚୋରାମଦ ବିକ୍ରି କରୁଥିବା ଅଭିଯୋଗ କରାଯାଇଥିଲା।

# ଜିଲ୍ଲା ମୁଖ୍ୟ କାରାଗାରର କର୍ମଚାରୀଙ୍କ ଅସଦ୍‌ବ୍ୟବହାର ଅଭିଯୋଗ

**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ମୁଖ୍ୟ କାରାଗାରର କର୍ମଚାରୀଙ୍କ ଅସଦବ୍ୟବହାର ନେଇ ଜେଲ ଅନ୍ତେବାସୀଙ୍କୁ ସାକ୍ଷାତ କରିବାକୁ ଆସୁଥିବା ପରିବାର ଓ ଆତ୍ମୀୟ ସ୍ୱଜନମାନେ ଅଭିଯୋଗ କରିଛନ୍ତି। ଅନ୍ତେବାସୀଙ୍କୁ ସାକ୍ଷାତ କରିବା ଓ କିଛି ଶୁଖିଲା ଖାଦ୍ୟ ନେଇଆସୁଥିବା ପରିବାର ଓ ଆତ୍ମୀୟ ସ୍ୱଜନ ଦେଖାକରିବା ଆଶାନେଇ ଆସୁଛନ୍ତି। ମୁଖ୍ୟ ଫାଟକରେ ଥିବା ଜନୈକ ଜେଲ କର୍ମଚାରୀ ସେମାନଙ୍କୁ ଅସଦବ୍ୟବହାର କରିବା ସହିତ ଏଠାକୁ ନଆସିବା ପାଇଁ ବାରଣ କରୁଛନ୍ତି। ଏହାକୁ ନେଇ ଜେଲ ଅନ୍ତେବାସୀଙ୍କ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ଧରି ରହୁଥିବା କର୍ମଚାରୀ ମାନେ ଅନ୍ୟତ୍ର ବଦଳୀ ନ ହେବାରୁ ଦୀର୍ଘଦିନ ଧରି ଏଠାରେ ରହି ଲୋକଙ୍କ ଉପରେ ଜୁଲମ କରୁଥିବାର ଅଭିଯୋଗ ହୋଇଛି। ଫଳରେ ଅନ୍ତେବାସୀମାନେ ନିଜ ଲୋକମାନଙ୍କୁ ଦେଖି ନପାରି ଚିନ୍ତାଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ତଦନ୍ତ କରି ମୁଖ୍ୟ ଫାଟକ ଦାୟିତ୍ୱରେ ଥିବା ଜେଲ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜେଲ ଅନ୍ତେବାସୀଙ୍କ ପରିବାର ଓ ଆତ୍ମୀୟ ସ୍ୱଜନମାନେ ଅନୁରୋଧ କରିଛନ୍ତି।

# ପ୍ଲାଷ୍ଟିକ୍ ମୁକ୍ତ ହେବ ଦଣ୍ଡାଧର, ସାପୁଆ ଓ ସପ୍ତଶଯ୍ୟା

**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲାର ୩ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ସ୍ପଟ ଘୋଷଣା କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଓଡ଼ିଶାର ବହୁ ପର୍ଯ୍ୟଟନସ୍ଥଳୀ ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ସ୍ପଟ୍ ଘୋଷଣା କରାଯାଇଥିବା ବେଳେ ଜିଲ୍ଲାର ଦଣ୍ଡାଧର, ସାପୁଆ ଏବଂ ସପ୍ତଶଯ୍ୟା ବଣଭୋଜି ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ସ୍ପଟ ଭାବେ ଘୋଷଣା କରାଯାଇଛି। ସ୍ଥାନୀୟ ଲୋକ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ପଞ୍ଚାୟତ ପକ୍ଷରୁ ଏହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରାକୃତିକ ପରିବେଶର ସୁରକ୍ଷା ନିମନ୍ତେ ଏକକ ପ୍ଲାଷ୍ଟିକର ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ପରିବେଶର ସୁରକ୍ଷା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ପ୍ରତିବର୍ଷ ଦଣ୍ଡାଧର, ସାପୁଆ ଓ ସପ୍ତଶଯ୍ୟାକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକ ବଣଭୋଜି କରିବାକୁ ଆସିଥାନ୍ତି। ସାଧାରଣତଃ ଡିସେମ୍ବର ଓ ଜାନୁଆରୀ ମାସରେ ୩ଟି ପର୍ଯ୍ୟଟନ ସ୍ଥଳୀରେ ପ୍ରବଳ ଭିଡ ହୋଇଥାଏ। ଏଥିପାଇଁ ଜିଲ୍ଲା ପ୍ରଶାସନ ପୁଲିସ ଓ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥାଏ। ଚଳିତ ବର୍ଷ ଉପୋରକ୍ତ ୩ଟି ସ୍ଥାନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଜିଏମ୍‌ଡିସି ପକ୍ଷରୁ ଭଲିବଲ ଖେଳାଳିଙ୍କୁ ସହାୟତା

**ଛେଣ୍ଡିପଦା, ୨୪।୧୧(ସମିସ):** ଛେଣ୍ଡିପଦା ବ୍ଲକର ବୈତରଣୀ ୱେଷ୍ଟ କୋଲ ବ୍ଲକର ପ୍ରସ୍ତାବିତ ଖୋଲା କୋଇଲା ଖଣି ଅଞ୍ଚଳରେ ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ଭଲି ଖେଳାଳିମାନଙ୍କୁ ଖେଳ ଉପକରଣ ବଣ୍ଟନ କରାଯାଇଛି।



ବୈତରଣୀ ୱେଷ୍ଟ କୋଲ ବ୍ଲକରେ ଗୁଜୁରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ଟେଣ୍ଟୁଲୋଇ, ମାଛକୁଟା ଓ ଛେଣ୍ଡିପଦା ପଞ୍ଚାୟତର ଯୁବ ଭଲିବଲ ଖେଳାଳିମାନଙ୍କୁ ଉତ୍ସାହିତ ଓ ଖେଳର ଅଗ୍ରଗତି ପାଇଁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଛେଣ୍ଡିପଦା, ସାପୋଇ ସାହି, ପଥର ମୁଣ୍ଡା, ପୋଡାପଡ଼ା, ମାଛକୁଟା, ଖୁଣ୍ଟାନାଳୀ, ହାଣ୍ଡିଗୁଡା, ଜାମୁନାଳୀ ଆଦି ଗ୍ରାମ ଗୁଡିକରେ ଥିବା ୧୨ଟି ଭଲିବଲ ଦଳର ଖେଳାଳିଙ୍କୁ ଭଲିବଲ ଖେଳ ଉପକରଣ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଜୁରାଟ ଡେଭଲପମେଣ୍ଟ କର୍ପୋରେସନର ମୁଖ୍ୟ ବ୍ରିଗେଡ଼ିୟର ମନୁ ମେହେରହୋତ୍ରା, ପରିଚାଳନା ନିର୍ଦ୍ଦେଶକ ବିରେନ୍ଦ୍ର କୁମାର ମହାତୋ, କ୍ୟାପଟେନ ପି.କେ ପତି ଓ ବିଏନବିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ହିନ୍ଦୋଳରେ ଭୀମଭୋଇ ଭିନ୍ନକ୍ଷମ ଶିବିର



**ହିନ୍ଦୋଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକରେ ଆଜି ରାଜ୍ୟ ସରକାରଙ୍କ ମେଗା ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବିଡିଓ ବିନିତା ବିଜୟିନୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୫୨୨ଜଣ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ଦୃଷ୍ଟିହୀନ ୭୦ଜଣ, ମେଡିସିନରେ ୩୦, ଶାରୀରିକ ୨୭୨, ବଧିର ୭୪, ମାନସିକ ଭିନ୍ନକ୍ଷମ ୭୬ଜଣ ଥିବା ଜଣାପଡ଼ିଛି। ସକାଳୁ ଶିବିର ଆରମ୍ଭ ହେବା ମାତ୍ରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ମାତ୍ର ବିଡିଓଙ୍କ ସୁଚିନ୍ତିତ ପରିଚାଳନା ପାଇଁ ନାମ ପଞ୍ଜୀକରଣ, ଖାଇବା, ଭିଡ଼ ନିୟନ୍ତ୍ରଣ, ମେଡିକାଲ ଚେକଅପ୍ ଇତ୍ୟାଦି ସୁରୁଖୁରୁରେ ହୋଇପାରିଥିଲା। କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ, ହିନ୍ଦୋଳ ଥାନା ପୁଲିସ, ସମସ୍ତ ନିର୍ବାଚିତ ପ୍ରତିନିଧି ମାନେ ସହଯୋଗ କରିଥିଲେ।

## ■ କାମାକ୍ଷାନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳା

# ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୧୫ଟି ପ୍ରକଳ୍ପ ପ୍ରଦର୍ଶିତ




**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କମାକ୍ଷାନଗର ବ୍ଲକ ଅନ୍ତର୍ଗତ ବାରୁଆଁ(କ) ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପରିବେଶ ବିଜ୍ଞାନ, ଗଣିତ ସମ୍ପର୍କୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ବ୍ଲକର ୧୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଭା ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କାମାକ୍ଷାନଗର ଜିଲ୍ଲା ପରିଷଦ ସଭ୍ୟା ଅବନ୍ତୀ ସେଠୀ, ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ସାହୁ, ବାରୁଆଁ ସରପଞ୍ଚ ସଞ୍ଜୟ କୁମାର ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ମହାରଣା, ବ୍ଲକ ନୋଡାଲ ଅଫିସର ସୁରେନ୍ଦ୍ର କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ମୁରଲୀଧର ସାହୁ, ବାରୁଆଁ ଉଚ୍ଚ ବିଦ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସାଂସଦ ମହେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦାନନ୍ଦ ପରିଡ଼ା, ଆଳୁତୁମା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ, ପାରିମାଳ ମହାବିଦ୍ୟାଳୟର ଅଧ୍ୟାପକ ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ଗୁଡିକ ମୂଲ୍ୟାୟନକରିବା ପାଇଁ କନ୍ଦରା ଉଚ୍ଚ ବିଦ୍ୟାଳୟର ଦିଲ୍ଲିପ କୁମାର ମାଝୀ, ବାରହା ଅରବିନ୍ଦ ବିଦ୍ୟାଳୟର ଚନ୍ଦ୍ରମଣି ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଶିକ୍ଷାଧିକାରୀ ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳାରୁ ୫ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀକୁ ମନୋନୀତ ହୋଇଛନ୍ତି।

# ସିଡିପିଓଙ୍କ କାର୍ଯ୍ୟାଳୟର କାନ୍ଥ ଭାଙ୍ଗିଦେଲେ ଠିକାଦାର

**ହିନ୍ଦୋଳ, ୨୪।୧୧(ସମିସ)**

ହିନ୍ଦୋଳ ବ୍ଲକ ନିକଟରେ ଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସର କାନ୍ଥକୁ ଠିକାଦାର ମନଇଚ୍ଛା ଭାଙ୍ଗି ଦେବା ସହିତ କାର୍ଯ୍ୟାଳୟ ପରିସରରେ ଥିବା ପୁରାତନ ଗଛ କାଟିଦେବା ଘଟଣାକୁ ନେଇ ହିନ୍ଦୋଳ ଉପଖଣ୍ଡରେ ଚର୍ଚ୍ଚା ଜୋର ଧରିଛି। ହିନ୍ଦୋଳ ସିଡିପିଓ

**● ବିନା ଅନୁମତିରେ କାଟିଦେଲେ ପୁରୁଣା ଗଛ**

ନିଦାବିଷ୍ଟ ସାଜିଥିବା ବେଳେ ଗଛ ଚୋରି ଏବଂ କାନ୍ଥ ଭାଙ୍ଗିବା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିବା ତ ଦୂରର କଥା ବରଂ ନିଦାବିଷ୍ଟ ସାଜିଥିବାର ଆଲୋଚନା ହେଉଛି। ହିନ୍ଦୋଳ ସିଡିପିଓଙ୍କ କାର୍ଯ୍ୟାଳୟର ନିକଟକୁ ଏନଏସିର କଲ୍ୟାଣ ମଣ୍ଡପ ଲାଗି ରହିଛି। ବହୁ ଦିନ ଧରି କଲ୍ୟାଣ ମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଶେଷ ହେବାର ନାଆଁ ଧରୁନାହିଁ। କାର୍ଯ୍ୟ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତରବରିଆ ଭାବରେ କଲ୍ୟାଣ ମଣ୍ଡପର ବିଦ୍ୟୁତକରଣ କାର୍ଯ୍ୟ ଓ ଅନ୍ୟ କାର୍ଯ୍ୟ କରାଯାଉଛି। ଏହି ସମୟର ସିଡିପିଓଙ୍କ କାନ୍ଥକୁ କଲ୍ୟାଣମଣ୍ଡପ କାର୍ଯ୍ୟ କରୁଥିବା ଠିକାଦର ଭାଙ୍ଗି ଦେଇଥିବାର ଜଣାପଡ଼ିଛି। ଏପରିକି କାର୍ଯ୍ୟାଳୟ ପରିସରରେ ଥିବା ବହୁ ପୁରୁଣା ଗଛ କାଟି ଦେଇଥିବା ଜଣାପଡ଼ିଛି।



ସିଡିପଓଙ୍କ କାର୍ଯ୍ୟାଳୟର କାନ୍ଥ ଜଣେ ଠିକାଦାର ଭାଙ୍ଗି ଦେବା ଏବଂ ଗଛ କଟାଯାଇଥିଲେ ମଧ୍ୟ ସିଡିପିଓ ଥାନାରେ ଅଭିଯୋଗ କରିବା ତ ଦୂରର କଥା ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଅବଗତ କରିନଥିବାର ଜଣାପଡ଼ିଛି। ଘଟଣାକୁ ନେଇ ସିଡିପିଓଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇନଥିଲେ। ସେହିପରି କାର୍ଯ୍ୟଳୟର କାର୍ଯ୍ୟରତ ସୁପରଭାଇଜର ଏବଂ କିରାଣୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେମାନେ ଏ ସମ୍ପର୍କରେ ଜାଣିନଥିବା ବେଳେ ଛୁଟିରେ କାନ୍ଥ ଭଙ୍ଗାଯିବା ସହିତ ଗଛ କଟାଯାଇଥିବାର ଜଣାପଡ଼ିଛି। ଉପଜିଲ୍ଲାପାଳ ନିଜେ ଏହାର ଅଧ୍ୟକ୍ଷ ରହିଥିବା ବେଳେ କାର୍ଯ୍ୟାଳୟର କାନ୍ଥ କପରି ଭଙ୍ଗାଗଲା ଏବଂ ଭଙ୍ଗାଯାଇଥିବା କାନ୍ଥକୁ ପୁଣି ଥରେ ନିର୍ମାଣ କରିବାକୁ ଯୋଜନା କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ଏନ. ଶ୍ରୀନିବାସନଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ, ଏହି କାର୍ଯ୍ୟ କାହା ଇଙ୍ଗିତରେ ହୋଇଛି ତାହା ସେ ଜାଣିନାହାଁନ୍ତି। ଏଭଳି ଘଟଣା ତଦନ୍ତ ପରିସରଭୁକ୍ତ ବୋଲି କହିଛନ୍ତି। ଗଛ କଟାନେଇ ବନାଞ୍ଚଳ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ମେଳା



**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ରଣପଶି ଗ୍ରାମସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଦେବାଶିଷ ମିଶ୍ର ଓ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ବିଜ୍ଞାନ ମେଳାରେ ବହୁ ଛାତ୍ରଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ଢେଙ୍କାନାଳ, ୨୪।୧୧(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ବିରିଖୁଣ୍ଟି ଗ୍ରାମର ଜଣେ ଚାଷୀ ବିଲକୁ ଧାନ ଜଗିବାକୁ ଯାଇଥିବା ସମୟରେ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବିରିଖୁଣ୍ଟି ଗ୍ରାମରେ ଛବି ଦେହୁରୀ(୫୫) ବିଲକୁ ଧାନ ଜଗିବାକୁ ଯାଇଥିଲେ। ସେଠାରେ ଏକ ଦନ୍ତାହାତୀ ଆକ୍ରମଣ କରିବାରୁ ଗୁରୁତର ଆହତ ହୋଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ରାଜରାଜୁଡ଼ା ଅମଳର ଜଳାଶୟ ଏବେ ଦୂଷିତ

## ବ୍ୟବହାର ଉପଯୋଗୀ ନ ହେବାରୁ ଜନଅସନ୍ତୋଷ

ଢେଙ୍କାନାଳ, ୨୪।୧୧(ସମିସ)

ଢେଙ୍କାନାଳ ପୌର ପରିଷଦ ଅଞ୍ଚଳରେ ଥିବା ରାଜରାଜୁଡ଼ା ସମୟର ଐତିହ୍ୟ ଜଳାଶୟଗୁଡ଼ିକ ଦୂଷିତ ହେବା ସହ ବ୍ୟବହାର ଉପଯୋଗୀ ନ ହେବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ବର୍ଷ ହେବ ପଙ୍କ ଉଦ୍ଧାର ନ ହେବା ଯୋଗୁ ଜଳାଶୟର ପାଣି ଦୂଷିତ ହେବା ସହ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଛି। ଏହି ପୋଖରୀ ବ୍ୟବହାର କରିବା ଦ୍ୱାରା କାଛୁ, କୁଣ୍ଡିଆ ହେବା ସହ ଶୁଦ୍ଧିକ୍ରିୟା କରିବାକୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାଜ୍ୟ ସରକାର ଜଳାଶୟ ଗୁଡ଼ିକର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ତଥା ପ୍ରଶାସନର ଉଦାସୀନତା ଯୋଗୁ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ତେଣୁ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶୀଘ୍ର କରିବା ପାଇଁ ଦୃଢ଼ ଦାବି କରିଛନ୍ତି ସହରବାସୀ।

ଢେଙ୍କାନାଳ ଜିଲ୍ଲା ଏକ ଗଡ଼ଜାତ ଅଞ୍ଚଳ। ଏଠି ରାଜରାଜୁଡ଼ା ଶାସନ ଥିଲା। ସେହି ସମୟରୁ ଲୋକମାନଙ୍କର ସୁବିଧା ପାଇଁ ସହରର ବିଭିନ୍ନ ସାହି, ବସ୍ତି ଗୁଡିକରେ ବଡ଼ ବଡ଼ ପୋଖରୀ ଖନନ କରାଯାଇଥିଲା। ଏହି ପୋଖରୀ ହେବା ଦ୍ୱାରା ସେହି ପୋଖରୀ ଗୁଡିକରେ ପ୍ରତିଦିନ ଶହ, ଶହ ସ୍ଥାନୀୟ ଲୋକ ସ୍ନାନ, ସୌଚ କରିବା ସହ ଶୁଭ ଏବଂ ଅଶୁଭ କାମରେ ବ୍ୟବହାର କରିଆସୁଛନ୍ତି। ଏବେ ପୋଖରୀ ଗୁଡ଼ିକରୁ ଦୀର୍ଘ ବର୍ଷ ହେବ ପଙ୍କ ଉଦ୍ଧାର ହୋଇ ନଥିବା କାରଣରୁ



ପାଣି ଦୁର୍ଗନ୍ଧ ହେଉଛି। ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ପଡ଼ିଥିବା ବେଳେ କିଛି ପୋଖରୀରେ ଗଛଲଟା ଉଠିଯାଇଛି। ଏହି ଦୂଷିତ ପୋଖରୀରେ କିଛି ସ୍ଥାନୀୟ ବସ୍ତି ବାସିନ୍ଦା, ହୋଟେଲ କର୍ମଚାରୀ ଓ ଗରିବ ପରିବାର ଲୋକ ପ୍ରତିଦିନ ସ୍ନାନ ଶୌଚ କରି ଆସୁଛନ୍ତି। ପୋଖରୀ ପାଣି ମାତ୍ରାଧିକ ଦୂଷିତ ହୋଇଥିବାରୁ ଏହା ଉପରେ ଏକ ତେଲିଆ ଆବରଣ ଦେଖିବାକୁ ମିଳୁଛି। ଯଦି କାହା ପରିବାରର ମୃତ୍ୟୁ ହୋଇଛି ପୋଖରୀ ଗୁଡିକରେ ଦଶତୋଠ କରୁଥିବା ବେଳେ ପୋଖରୀର ଅବସ୍ଥା ଦେଖି ସ୍ନାନ କରିବାକୁ ଲୋକେ ନାକ ଟେକୁଛନ୍ତି। ପୋଖରୀ ହୁଡ଼ାରେ ପାଣି ଟ୍ୟାଙ୍କର ଲଗାଇ ଅତି ଦୟନୀୟ ଭାବେ ସ୍ନାନ, ଶୌଚ ହେଉଛନ୍ତି। ରାଜ୍ୟ ସରକାର ଏହି ପୁରାତନ ଐତିହ୍ୟ ସମ୍ପନ୍ନ ପୋଖରୀ ଗୁଡିକର ଉନ୍ନତିକରଣ ପାଇଁ କୋଟି, କୋଟି ଟଙ୍କା ପ୍ରଦାନ କରିଛନ୍ତି। ହେଲେ ପୌର ପରିଷଦ କାହିଁକି କାର୍ଯ୍ୟ ତ୍ୱରାନିତ କରିବାରେ ବିଳମ୍ବ କରୁଛି ତାହାକୁ ନେଇ ଜନ ଅସନ୍ତୋଷ ଦେଖାଦେଲାଣି। ଢେଙ୍କାନାଳ ପୌର ପରିଷଦରେ ୨୩ଟି ୱାର୍ଡ ରହିଛି। ଏବେ ପୌର ପରିଷଦରେ ୧୬ଟି ପୋଖରୀ ରହିଛି। ସେଗୁଡିକ ହେଲା କୁଞ୍ଜକାନ୍ତ ପୋଖରୀ, ଭାଗିରଥି ସାଗର, ଓଟିଆ ଝରି ପୋଖରୀ, ଗୋପାଳ ସାଗର, ବୈଷ୍ଣବ ପୋଖରୀ, ହିରାସାଗର, ପାଚି ବନ୍ଧ, ଲକ୍ଷ୍ମୀ ବଜାରସ୍ଥିତ ମଲ୍ଲା ସାହି ପୋଖରୀ, ବନମାଳୀ ପ୍ରସାଦ ପୋଖରୀ, ମାର୍ଦ୍ଦାକୁଣ୍ଡି, ଦଣ୍ଡାସର, ବଡ଼ିପୋଖରୀ, କୋରିଆଁ ପୋଖରୀ, କାଠ ଶଙ୍ଖ ପୋଖରୀ, କୋରିଆଁ ଶିବ ମନ୍ଦିର ପୋଖରୀ।

ସେହିପରି ସହର ମଧରେ ବାଜି ଚୌକ ନିକଟର ଥିବା ହୀରା ସାଗର ପୋଖରୀ ଉପରେ ବଂଶାନୁକ୍ରମେ ଶହେ ବର୍ଷରୁ ଉର୍ଦ୍ଧ ହେବ ସେଠୀ ପରିବାରମାନେ ଧୋବା ତୋଠ କରି ନିଜର କୌଳିକ ବୃତ୍ତି କରି ଆସୁଥିଲେ। ଆଜି ସେହି ପୋଖରୀ ପୋତି ହୋଇ ଗଲାଣି ତା ସହିତ ଅନାବନା ଗଛ ଉଠି ଜଙ୍ଗଲ ଭଳି ସୃଷ୍ଟି ହେବା ଦ୍ୱାରା ସେହି ପୋଖରୀରେ ନିଜର କୌଳିକ ବୃତ୍ତି କରିବା ପାଇଁ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ପୋଖରୀ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି। ପୋଖରୀ ଜଳ ଦୂଷିତ ହେବା ଘଟଣା ସମ୍ପର୍କରେ ସ୍ଥାନୀୟ କାଉନ୍ସିଲର, ଉପନଗରପାଳ, ନଗରପାଳ, ପୌର ପରିଷଦର ନିର୍ବାହୀ ଅଧିକାରୀ ଅବଗତ ଅଛନ୍ତି।

ଅନ୍ୟପଟରେ ଐତିହ୍ୟ ସମ୍ପନ୍ନ ଭାଗୀରଥି ସାଗର ଉନ୍ନତି, ସୌନ୍ଦର୍ଯ୍ୟକରଣ ପାଇଁ ୧କୋଟି ୮୭ ଲକ୍ଷ, କୁଞ୍ଜକାନ୍ତ ପୋଖରି ପାଇଁ ୧ କୋଟି ୧ ଲକ୍ଷ ୭୪ ହଜାର, ଗୋଡି ପୋଖରୀ ପାଇଁ ୫୯ ଲକ୍ଷ, ଗୋପାଳ ସାଗର ପାଇଁ ୨୯ ଲକ୍ଷ ୩୯ ହଜାର ଟଙ୍କାର ୫ଟି ପୋଖରୀ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଏହି ପୋଖରୀ ଗୁଡିକ କାର୍ଯ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ କରିବା ପାଇଁ ପ୍ରକ୍ରିୟା ଶେଷ ହୋଇଛି। ସହରରେ ବିଭିନ୍ନ ସ୍ଥାନରେ ଥିବା ୧୬ଟି ପୋଖରୀ ମଧ୍ୟରୁ ଆଉ ୧୦ଟି ପୋଖରୀ ଆମ ପୋଖରୀ ପ୍ରକଳ୍ପରେ ସାମିଲ କରିବା ସହ ପୋଖରୀ ଗୁଡିକର ସୌନ୍ଦର୍ଯ୍ୟ କରଣ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଛି। ତୁରନ୍ତ ଯେଉଁ ୫ଟି ପୋଖରୀ ପାଇଁ ଅର୍ଥ ମଞ୍ଜୁର ହୋଇଛି ସେଗୁଡିକର କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ପରିଷଦ ସୂଚନା ଦେଇଛି।

# ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ପରିକଳ୍ପିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସଂଯୋଜକ ତଥା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଅଲୋକପାତ କରିଥିଲେ। ସଂଯୋଜକ ଡ. ଏ.କେ ଖିଲାର ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ବିଶେଷ ଭାବେ ସଂଶ୍ଳିଷ୍ଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନା ପାଇଁ ପ୍ରଧ୍ୟାପକ ଡ. ଦେବରାଜ ପରିଡ଼ା, ଡ. ଭୁପେଶ ଚନ୍ଦ୍ର ସାହୁ, ତପନ ସେଠୀ ଓ ରବର୍ଟ ବାତ୍ରା କ୍ରୀଡା ପାଇଁ ଡ. ମଞ୍ଜୁଳିକା ନାୟକ ଓ ଡ. ସୌମ୍ୟାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମର ରୂପରେଖ ବର୍ଣ୍ଣନା କରିଥିଲେ। ଡ. ଅମୃତ ସେଠ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାରେ ଭାଗନେବା ପାଇଁ ଆହ୍ୱାନ ଜଣାଇଥିଲେ। ଶେଷରେ ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ବିଧବା

## ଅନ୍ତ୍ୟୋଦୟ ଯୋଜନାରେ ସାମିଲ ପାଇଁ ନିବେଦନ



**ମାର୍ଥାପୁର, ୨୪।୧୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗ୍ରାମର ବିଧବା ମହିଳା ରମା ମଳିକ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ରମାଙ୍କ ପିତା ଶୁକଦେବ ମଳିକ ଓ ମାତା ଦୂରେଇ ଆରପାରିକୁ ଚାଲିଗଲେଣି ଏକ ମାତ୍ର ଭାଇ ରାଉତ ମଳିକ ବର୍ଷେ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ରମା ସ୍ୱାମୀ ଲଣ୍ଡା ମଳିକଙ୍କ ମୃତ୍ୟୁ ପରେ ଅସହାୟ ହୋଇ ପଡ଼ିଛନ୍ତି। ପୁଅ ଝିଅ ବୋଲି କେହି ନଥିବା ବେଳେ ପାଖରେ ଆହା ପଦେ କହିବା ପାଇଁ ମଧ ନାହାନ୍ତି ଓ ଭଙ୍ଗା ନୁଆଣିଆଁ ଚାଳ ତଳେ ଭାଗ୍ୟକୁ ଆଦରି ପଡ଼ିଛନ୍ତି। ଘର ଖଣ୍ଡିକ ଠିକ୍‌ରେ ମରାମତି ହେଉନଥିବାରୁ ବର୍ଷା ଦିନ ଆସିଲେ ମୁଣ୍ଡ ଗୁଞ୍ଜିବାକୁ ସମ୍ଭବପର ହେଉନଥିବା କହନ୍ତି ରମା। ସରକାରୀ ସହାୟତା କହିଲେ ମାସକୁ ପାଞ୍ଚ ସହ ଭତ୍ତା ଟଙ୍କା ଓ ରାସନ କାର୍ଡରେ ପାଞ୍ଚ କେଜି ଚାଉଳ ମିଳୁଛି। ପାଞ୍ଚ କିଲୋ ଚାଉଳ ସରିବା ପରେ ସେ ଗାଁ ସାହିରେ ଭିକ୍ଷାବୃତ୍ତି କିରି ଚଳୁଛନ୍ତି। ବୟସ ହୋଇଯାଇଥିବାରୁ ନିଜେ କୌଣସି କାମ ଧନ୍ଦା କରିବା ପାଇଁ ମଧ୍ୟ ସକ୍ଷମ ହେଉ ନାହାଁନ୍ତି। ସରକାରଙ୍କ ପକ୍ଷରୁ ଅନ୍ତୋଦୟ ଯୋଜନାରେ ସାମିଲ୍ କରିବା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସେ ନିବେଦନ କରିଛନ୍ତି।

## ଖଜୁରିଆକଟା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ କର୍ମଚାରୀଙ୍କ ବିୟୋଗ



**ହିନ୍ଦୋଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଇନ୍ଦ୍ରମଣି ସାହୁ(୮୩)ଙ୍କର ଆଜି ସକାଳେ ତାଙ୍କ ବାସ ଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୧୯୫୮ ମସିହାରେ ପ୍ରତିଷ୍ଠିତ ଖଜୁରିଆକଟା ଉଚ୍ଚ ବିଦ୍ୟାଳୟର ପ୍ରଥମ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଷ୍ଠାପର ସେବା ଯୋଗାଇଦେଇ ଡିସେମ୍ବର ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ସାହୁ ଜଣେ ଛାତ୍ର ବତ୍ସଳ, ପରୋପକାରୀ, ମିଷ୍ଟଭାଷି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ବିୟୋଗରେ ଖଜୁରିଆ ଗ୍ରାମ ସମେତ ଖଜୁରିଆକଟା ବଜାରରେ ଶୋକର ଛାୟା ଖେଳିଯାଇଥିଲା। ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ବହୁ ପୁରାତନ ଛାତ୍ରମାନେ ତାଙ୍କ ବାସଭବନରେ ପହଞ୍ଚି ଥିଲେ। ଇନ୍ଦ୍ରମଣି ସାହୁଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଜନଜାତୀୟ ଗୌରବ ଦିବସ ପାଳିତ

ଢେଙ୍କାନାଳ, ୨୪।୧୧(ସମିସ)

ଢେଙ୍କାନାଳ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ଗଁଦିଆ ବ୍ଲକ ଅନ୍ତର୍ଗତ ଯୋରନ୍ଦା ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଷ୍ଟାର ଆନୁକୂଲ୍ୟରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସୁଭାଷ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଭାବେ ଯୋରନ୍ଦା ପଞ୍ଚାୟତର ନାଏବ ସରପଞ୍ଚ ଭଗବତୀ ସାହୁ, ସଂସ୍ଥାନର ଅଧ୍ୟକ୍ଷ ପ୍ରୀତିରଞ୍ଜନ ଦାଶ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଷ୍ଟାରର ନିର୍ଦ୍ଦେଶକ ସାରଙ୍ଗଧର ସାହୁ, ସଂସ୍ଥାନର ନିର୍ଦ୍ଦେଶକ ମାନସ ରଞ୍ଜନ ଦାଶ, ସହ କାର୍ଯ୍ୟକ୍ରମ ଅଧିକାରୀ ଦୁର୍ଗାପ୍ରସାଦ ନନ୍ଦ ଓ ସମ୍ଭବ ଦାଶ ପ୍ରମୁଖ ଯୋଗଦେଇ ଜନଜାତୀୟ ଗୌରବ ଦିବସ ପାଳନର ମହତ୍ୱ ଓ ବିଶେଷତା ଉପରେ ଆଲୋଚନା କରିବା ସହ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଏକ ରଚନା ଓ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଂସ୍ଥାନର ଅଧ୍ୟକ୍ଷ ଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ଗାଁର ଉନ୍ନତି ହେଲେ ସହରର ଉନ୍ନତି ସମ୍ଭବ






ଢେଙ୍କାନାଳ, ୨୪।୧୧(ସମିସ)

ଢେଙ୍କାନାଳ ସହରର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧିର କୁମାର ସାମଲ ଯୋଗଦେଇ କୃଷି ସମ୍ବନ୍ଧୀୟ ଯୋଜନା ସମ୍ପର୍କରେ କହିଥିଲେ। ଏହାସହ ଉନ୍ନତମାନର ମାଛଚାଷ ଓ ପଶୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ଗାଁର ଉନ୍ନତି ହେଲେ ସହରର ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାର ଗ୍ରାମୀଣ ଚାଷୀମାନେ କିପରି ଆଗକୁ ବଢ଼ିବେ ଓ ଉନ୍ନତ ଧରଣର ଚାଷ କରିପାରିବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିବେ ଏହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସହର ଓ ଗ୍ରାମର ସମାନ ଭାବେ ଉନ୍ନତି ହେଲେ ଢେଙ୍କାନାଳ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୋ- ପାଳନ ଓ ମତ୍ସ୍ୟଚାଷକୁ ଆଗକୁ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇ ଧାନଚାଷ ଅପେକ୍ଷା ମାଛଚାଷ ଓ ପଶୁପାଳନ ଅଧିକ ଲାଭ ଦାୟକ ବୋଲି କହିଥିଲେ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଢେଙ୍କାନାଳ ସେଥିମଧ୍ୟରୁ କୃଷି ପ୍ରଧାନ ଜିଲ୍ଲା। ଚାଷ ଜିଲ୍ଲାର ମୁଖ୍ୟ ବେଉସା। ଅର୍ଥକାରୀ ଫସଲରୁ ଅଧିକ ଉତ୍ପାଦନ କରି ଚାଷୀମାନେ କିପରି ଅର୍ଥ ଉପାର୍ଜନ କରି ନିଜ ପିଲାମାନଙ୍କ ପାଠପଢ଼ାର ଅଭିବୃଦ୍ଧି ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଯୋଜନାକୁ ଗଣମାଧ୍ୟମ ପ୍ରଚାର ଓ ପ୍ରସାର କରୁଛି। ଧାନଚାଷ ସହିତ ପଶୁପାଳନ ଓ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ସେ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଡମ୍ବରୁଧର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲାରେ ମତ୍ସ୍ୟଚାଷ ଓ ପଶୁପାଳନ ସମ୍ପର୍କରେ କୌଣସି ପ୍ରକାରର ସୂଚନା ପ୍ରାପ୍ତି ନିମନ୍ତେ ଚାଷୀମାନେ ୧୯୬୨ କିମ୍ବା ୧୫୫୩୩୩ ନମ୍ବରରେ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ବୁଝି ପାରିବେ। ଏହି ଅବସରରେ ଅଗ୍ରଣୀ ୪ଜଣ କୃଷକଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରେ କୁକୁଡା ଚାଷୀ ଅରୁନ୍ଧତୀ ପୃଷ୍ଟି ଓ ମନୋରଞ୍ଜନ ପୃଷ୍ଟି, ଓଡାପଡ଼ାର ଶକ୍ତି ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ଦୁଇଦିନ ଧରି ଚାଲିବାକୁ ଥିବା ମେଳାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଛି। ଏହା ସହ ଏଠାରେ କୃଷି ବିଜ୍ଞାନୀମାନେ ଚାଷୀମାନଙ୍କୁ ମତ୍ସ୍ୟଚାଷ ଓ ପଶୁପାଳନ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଯାହାକି ଆଗାମୀ ଦିନରେ ଚାଷୀମାନଙ୍କୁ ଅଧିକ ଅଭିଜ୍ଞତା ସମ୍ପର୍ଣ୍ଣ କରିବ। ଏହି କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲାର ୮ଟି ବ୍ଲକର ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

## ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସାଂଗଠନିକ ବୈଠକ

**ଢେଙ୍କାନାଳ, ୨୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସାଙ୍ଗଠନିକ ବୈଠକ ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ଢେଙ୍କାନାଳ ଜିଲ୍ଲା ମହିଳା ମୋର୍ଚ୍ଚାର ପ୍ରଭାରୀ ରଶ୍ମିରେଖା ଦାସ ମୁଖ୍ୟ ଅତିଥି ଭାବେ ବୈଠକରେ ଯୋଗଦେଇ ଜିଲ୍ଲାର ସଂଗଠନ ଉପରେ ଆଲୋଚନା କରିଥିଲେ। ମୋଦି ସରକାର ମହିଳାଙ୍କ ପାଇଁ ସମର୍ପିତ ଓ କେନ୍ଦ୍ରରେ ମହିଳାମାନଙ୍କ ପାଇଁ ନିଆଯାଇଥିବା ସମସ୍ତ ଯୋଜନା ବାବଦରେ ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କରି ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେପି ସମ୍ପାଦିକା ତଥା ମହିଳା ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ଯଶସ୍ୱିନୀ ରାଉତ ଯୋଗ ଦେଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 5447
(ବ୍ୟାକଲଗ୍ ଖାଲି ପଦବୀ ସହିତ)

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers/current-opening ରେ ବିଜ୍ଞାପନ ନମ୍ବର CRPD/CBO/2023-24/18 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 22.11.2023 ରୁ 12.12.2023

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 22.11.2023
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)



ସକାଳ
THE SAKALA

# ଅଶାନ୍ତ ବାଂଲାଦେଶ ଭାରତ ପାଇଁ ବିପଦ

ଯେକୌଣସି ଦେଶର ଶାନ୍ତି ଓ ସ୍ଥିରତା ରକ୍ଷାରେ ଏହାର ପଡ଼ୋଶୀ ରାଷ୍ଟ୍ରଙ୍କର ସ୍ଥିତିର ବଡ଼ ଭୂମିକା ଥାଏ। ପଡ଼ୋଶୀ ସୁଖ ଶାନ୍ତିରେ ରହିଲେ ନିଜେ ମଧ୍ୟ ଭଲରେ ରହିଥାଏ। ସେହି ନ୍ୟାୟରେ ଦେଖିଲେ ଭାରତର ପ୍ରମୁଖ ପଡ଼ୋଶୀ ରାଷ୍ଟ୍ରଙ୍କ ସ୍ଥିତି ଭଲ ନୁହେଁ। ଚିରଶତ୍ରୁ ପାକିସ୍ତାନ ବହୁଦିନ ଧରି ଅସ୍ଥିର ଏବଂ ଉତ୍କଟ ଆର୍ଥିକ ସମସ୍ୟାର ସମ୍ମୁଖୀନ। ଶ୍ରୀଲଙ୍କାର ସ୍ଥିତି ଉଲ୍ଲେଖ କରିବା ନିଷ୍ପ୍ରୟୋଜନ। ନେପାଳ ଭାରତଠୁ ସବୁ ସୁବିଧା ନେଇ ଚୀନ୍‌ର ଗୋଡ଼ାଣିଆ। ମ୍ୟାଁମାରରେ ସାମରିକ-ଗୋଷ୍ଠୀ ସରକାର ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି ଓ ଭାରତକୁ ଶରଣାର୍ଥୀମାନେ ପଳାଇ ଆସୁଛନ୍ତି। ଏକମାତ୍ର ପଡ଼ୋଶୀ ଦେଶ ବାଂଲାଦେଶ, ଯାହା ସହିତ ଭାରତର ସଂପର୍କ ଏବେ ନିବିଡ଼ ରହିଛି। କିନ୍ତୁ ଆସନ୍ତା ଜାନୁଆରୀ ୭ ତାରିଖରେ ସେଠାରେ ଯେଉଁ ପାର୍ଲାମେଣ୍ଟ ନିର୍ବାଚନ ହେବ ସେ ନେଇ ସେଠାକାର ରାଜନୀତି ଏବେ ଭୀଷଣ ଉତ୍ତେଜନାପୂର୍ଣ୍ଣ ରହିଛି। ଏବେ ସେଠାରେ ଘଟୁଥିବା ରାଜନୈତିକ ଘଟଣାବଳୀ ଓ ହିଂସାକାଣ୍ଡ ଭାରତ ପାଇଁ ଅସୁବିଧା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।

ବାଂଲାଦେଶର ମୁଖ୍ୟ ବିରୋଧୀଦଳ ବିଏନ୍‌ପି ଓ ବାଂଲାଦେଶ ଜମାତ୍-ଇ-ଇସ୍‌ଲାମୀ ସମେତ ଅନେକ ସାଂପ୍ରଦାୟିକ ଦଳକୁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯାଇଛି। ଅଭିଯୋଗ ହୁଏ ଯେ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶର ସର୍ବୋଚ୍ଚ ଅଦାଲତକୁ ପ୍ରଭାବିତ କରି ମିଛ ସାକ୍ଷ୍ୟ ପ୍ରମାଣ ଓ ରାଜନୈତିକ ଚକ୍ରାନ୍ତ କରି ପ୍ରମୁଖ ବିରୋଧୀମାନଙ୍କୁ ନିର୍ବାଚନରୁ ଦୂରେଇ ରଖିଛନ୍ତି। ତେବେ ସେ ଯା'ହେଉ ହସିନା ଏବେ ନିଷ୍କଣ୍ଟକ ଏବଂ ସେ କ୍ରମାଗତ ଭାବେ ତୃତୀୟଥର ଏକ ପ୍ରମୁଖ ବିରୋଧୀ ବିହୀନ ସାଧାରଣ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଏହାର ସୁଯୋଗ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହସିନାଙ୍କ ଇସ୍ତଫା ଦାବି କରାଯାଇ ଏକ କାମଚଳା ସରକାର ଅଧୀନରେ ନିର୍ବାଚନ କରିବାକୁ ଦାବି କରାଯାଇଛି। ଅବଶ୍ୟ ବାଂଲାଦେଶରେ ଆଉ କାମଚଳା ସରକାର ଅଧୀନରେ ନିର୍ବାଚନ କରିବା ବ୍ୟବସ୍ଥା ନାହିଁ ଏବଂ ୨୦୧୧ରୁ ସମ୍ବିଧାନର ପଞ୍ଚଦଶ ସଂଶୋଧନ କରାଯାଇ ଏ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ତଥାପି ବିରୋଧୀ ପକ୍ଷ ଏହି ଦାବି ନେଇ ଦେଶବ୍ୟାପୀ ହିଂସାକାଣ୍ଡ ଓ ବିରୋଧ ପ୍ରଦର୍ଶନ କରୁଛନ୍ତି। ସର୍ବଶେଷ ଖବର ଅନୁସାରେ ବାଂଲାଦେଶର ୧୫୦ ପ୍ରମୁଖ ବିରୋଧୀଦଳ ନେତାଙ୍କୁ ହସିନା ସରକାର ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ଗିରଫ କରି ଜେଲ୍‌ରେ ରଖିଛନ୍ତି। ନିର୍ବାଚନ ପୂର୍ବରୁ ଆହୁରି ଅଧିକ ଗିରଫ ହୋଇପାରନ୍ତି।

ଚିନ୍ତାର ବିଷୟ ହେଲା ବାଂଲାଦେଶର ସାଂପ୍ରଦାୟିକ ରାଜନୈତିକ ତତ୍ତ୍ୱମାନେ ହସିନାଙ୍କୁ ବିରୋଧ କରିବା ସହିତ ଏବେ ନୂଆ ରାଜନୀତି ଆପଣାଇଛନ୍ତି। ବିଏନ୍‌ପି ଓ ବାଂଲାଦେଶ ଜମାତ୍ ଇ ଇସ୍‌ଲାମୀର ତୃଣମୂଳ ସ୍ତରର ବହୁସଦସ୍ୟ ଶାସକ ବାଂଲାଦେଶ ଆୱାମି ଲିଗ୍‌ରେ ଯୋଗ ଦେଉଛନ୍ତି। ସେମାନେ ଦଳ ଭିତରେ ରହି ହସିନାଙ୍କୁ ଦୁର୍ବଳ କରିବାକୁ ଚାହାନ୍ତି। ଏମାନେ ଭାରତ-ବାଂଲାଦେଶ ସୁସମ୍ପର୍କ ଚାହାନ୍ତି ନାହିଁ। ସେମାନେ ଚୀନ୍ ଓ ପାକିସ୍ତାନର ସମର୍ଥକ। ଆହୁରି ମଧ୍ୟ ବାଂଲାଦେଶର ଆର୍ଥିକ ସ୍ଥିତି ଏବେ ଦୁର୍ବଳ। ସେଠାରେ ଗଚ୍ଛିତ ବୈଦେଶିକ ମୁଦ୍ରା ପରିମାଣ ଅତିବେଶିରେ ତିନିମାସ ପର୍ଯ୍ୟନ୍ତ ଦେଶର ଆମଦାନୀ ଆବଶ୍ୟକତା ପୂରଣ କରିପାରିବ। ଦେଶରେ ମୁଦ୍ରାସ୍ଫୀତି ହାର ଏବେ ୧୦ ଶତାଂଶ ପାଖାପାଖି। ଆହୁରି ମଧ୍ୟ ହସିନାଙ୍କ କିଛି ଚୀନ୍ ସପକ୍ଷବାଦୀ ନୀତି ପାଇଁ ଆମେରିକା ତାଙ୍କ ଉପରେ ଅସନ୍ତୁଷ୍ଟ। ହସିନା ଅଧିକକାଳ ଶାସନରେ ରହନ୍ତୁ ଆମେରିକା ଏହା ଚାହୁଁନାହିଁ।

ଏଭଳି ପରିସ୍ଥିତିରେ ବାଂଲାଦେଶରେ ଶାସକ ଓ ସତ୍ତା ବିରୋଧୀ ଜନମତ ଶକ୍ତିଶାଳୀ ହେଉଛି। ସେହି ସ୍ଥିତିରେ ବିରୋଧୀଙ୍କୁ ନିର୍ବାଚନରୁ ଦୂରେଇ ରଖିବା ଓ ସେମାନଙ୍କୁ ବ୍ୟାପକଭାବେ ଗିରଫ କରି ଜେଲ୍‌ରେ ଠୁଙ୍କିବା ହସିନାଙ୍କ ପାଇଁ କ୍ଷତିକାରକ ହୋଇପାରେ। ସେ ଦେଶ ରାଜନୈତିକ ଦୃଷ୍ଟିରୁ ଯେତେ ଅଶାନ୍ତ ହେବ ସେଠାରେ ଇସଲାମୀୟ ମୌଳବାଦୀମାନେ ସେତେ ଶକ୍ତିଶାଳୀ ହେବେ। ଏକ ମୌଳବାଦୀ ବାଂଲାଦେଶ ଉଭୟ ଭାରତ ଓ ହସିନାଙ୍କ ପାଇଁ ବିପଦ। ପାକିସ୍ତାନ ଓ ଚୀନ୍ ଭଳି ଦେଶ ଏଥିରେ ଫାଇଦା ଉଠାଇବେ। ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପରରେ ଭାରତ ସିଧାସଳଖ ହସ୍ତକ୍ଷେପ କରିପାରିବ ନାହିଁ। ଆହୁରି ମଧ୍ୟ ସେଠା ଲୋକଙ୍କର ଧାରଣା ଯେ ଭାରତ ହସିନାଙ୍କ ଦୃଢ଼ ସମର୍ଥକ। ଏଥିରେ ମଧ୍ୟ ଦିରୁକ୍ତି ନାହିଁ। ତେଣୁ ଏଭଳି ସ୍ଥିତିରେ ଭାରତ କୂଟନୈତିକ ସ୍ତରରେ ବାର୍ତ୍ତା ଦେଇ ହସିନାଙ୍କୁ ଏହି ଦମନମୂଳକ କାର୍ଯ୍ୟରୁ ନିବୃତ କରିପାରିଲେ ଭଲ ହୁଅନ୍ତା। ଭାରତ ଏହା କରିପାରିବ କି ନାହିଁ ତାହା ସହସ୍ର ଟଙ୍କାର ପ୍ରଶ୍ନ। ତେବେ ଉଭୟ ଦେଶର ହିତ ପାଇଁ ଭାରତ ଏଥିରେ ପରୋକ୍ଷ ହସ୍ତକ୍ଷେପ କରିବା ଉଚିତ ହେବ।

ଏଥିରେ କିନ୍ତୁ ଆଉ ଏକ ସମସ୍ୟା ହେଲା ଭାରତର ଦେଖାଦେଖି ଚୀନ୍ ମଧ୍ୟ ବାଂଲାଦେଶ ବ୍ୟାପାରରେ ମୁଣ୍ଡ ପୂରାଇବ। ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଭୌଗୋଳିକ କାରଣରୁ ବାଂଲାଦେଶ ଚୀନ୍ ପଟକୁ ଅଧିକ ଢଳିପାରେ, ଯାହା ଭାରତ ପାଇଁ ଆହୁରି ଚିନ୍ତା ବଢ଼ାଇବ। ଅତୀତରେ ଏହାର ବହୁଳ ଉଦାହରଣ ଦେଖିବାକୁ ମିଳିଥିଲା। ବାଂଲାଦେଶର ଜୀବନରେଖା କୁହାଯାଉଥିବା ବ୍ରହ୍ମପୁତ୍ର ନଦୀ ବାଂଲାଦେଶ ବିରୋଧରେ ଚୀନ୍‌ର ବଡ଼ ଅସ୍ତ୍ର। ତେଣୁ ଚୀନ୍ ଚାହିଁଲେ ବାଂଲାଦେଶର ଚାଷଜମିକୁ ବନ୍ୟାପ୍ଲାବିତ କରିଦେଇପାରେ କିମ୍ବା ମରୁଡ଼ି ପ୍ରପୀଡ଼ିତ ମଧ୍ୟ କରିପାରେ। ବିସ୍ତାରବାଦୀ ଚୀନ୍ ଦ୍ୱାରା ସବୁକିଛି ସମ୍ଭବ। ତେଣୁ ଭାରତ ଭାବିଚିନ୍ତି ପଦକ୍ଷେପ ନେବା ଉଚିତ। ଭାରତ ପାଇଁ ଯାହା ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିବ ତାହା ହେଉଛି ବିପୁଳ ସଂଖ୍ୟାରେ ଆମ ଦେଶକୁ ଶରଣାର୍ଥୀଙ୍କ ଅନୁପ୍ରବେଶ। ତେଣୁ ଭାରତକୁ ଦୂରଦୃଷ୍ଟିସମ୍ପନ୍ନ ଓ ଦୀର୍ଘସ୍ଥାୟୀ ଭିତ୍ତିକ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସୀମାନ୍ତ ରାଜ୍ୟମାନେ ମଧ୍ୟ ଆଞ୍ଚଳିକ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଆମ ଦେଶର ଭବିଷ୍ୟତ ଓ ସାର୍ବଭୌମତାକୁ ଅଗ୍ରାଧିକାର ଦେବା ଆବଶ୍ୟକ।

# ଆମ ନୌବାଣିଜ୍ୟ ପରମ୍ପରା



ଡଃ. ବାସନ୍ତୀ ମହାନ୍ତି
ଭୁବନେଶ୍ୱର, ମୋ: ୯୪୩୭୦୩୩୦୭୪

ଉତ୍କଳର ନୌବାଣିଜ୍ୟ ପରମ୍ପରା ଯେ ପ୍ରାକ୍ ବୌଦ୍ଧକାଳରୁ ରହିଆସିଛି, ତାହା ବୌଦ୍ଧ ଜାତକ ଓ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରୁ ମିଳେ। ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲି, ସିଂହଳ, ଇଣ୍ଡୋନେସିଆ ଆଦି ସ୍ଥାନରେ ଏବେ ସୁଦ୍ଧା କଳିଙ୍ଗ ପୁଅର ପଦଚିହ୍ନ ରହିଛି। ସେମାନଙ୍କର ଖାଦ୍ୟ, ବସ୍ତ୍ର, କଳା, ସ୍ଥାପତ୍ୟ, ପୂଜା କର୍ମ ଓ ଦେବଦେବୀଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଫିଲିଫାଇନ୍ସରେ କଳିଙ୍ଗ ଆସାୟାଓ ନାମକ ଏକ ପ୍ରଦେଶ ରହିଛି। ବ୍ରହ୍ମଦେଶରେ 'କଳିଙ୍ଗ ବନ' ଓ 'ଶ୍ରୀକ୍ଷେତ୍ର' ନାମକ ଦୁଇଟି ସ୍ଥାନ ରହିଛି। କିଲିଂ ନାମକ ଏକ ଜାତି ବାଲି ଦ୍ୱୀପରେ ବାସ କରନ୍ତି। ଏମିତି ଅନେକ ଉଦାହରଣ ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଓଡ଼ିଶାରେ ବିଧିବଦ୍ଧ ଇତିହାସ ଲେଖାଯାଇ ନାହିଁ। ଏତେବଡ଼ ସମୃଦ୍ଧ ପରମ୍ପରା କେବଳ କାହାଣୀ, କିମ୍ବଦନ୍ତୀ, ବ୍ରତକଥା, ଲୋକକଥା ମାନଙ୍କରେ ରହିଛି। ଗବେଷକମାନଙ୍କ ପାଇଁ ଏହି ଉପାଦାନମାନଙ୍କ ମଧ୍ୟରୁ ତଥ୍ୟ ବାହାର କରି ନିଷ୍କର୍ଷରେ ପହଞ୍ଚିବାକୁ ହେଉଛି।

ସିଂହଳ ଦ୍ୱୀପ ସମ୍ପର୍କରେ ମଧ୍ୟ ସେଇଭଳି କୁହାଯାଏ ଯେ, ଉତ୍କଳର ଜଣେ ଅବାଧ ଅତ୍ୟାଚାରୀ ଉଦଣ୍ଡ ରାଜପୁତ୍ର ବିଜୟ ସିଂହଙ୍କୁ ରାଜଦଣ୍ଡ ସ୍ୱରୂପ ସାତଶହ ଲୋକଙ୍କୁ ଧରି ବୋଇତରେ ବସାଇ ଏକ ନିକାଞ୍ଚନ ଦ୍ୱୀପକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ସ୍ଥାନୀୟ ଲୋକଙ୍କୁ ପରାସ୍ତ କରି ସେମାନଙ୍କର ରାଜା ହୋଇଥିଲେ ଏବଂ ଦ୍ୱୀପର ନାମ ସିଂହଳ ଦେଇଥିଲେ।

ଉତ୍କଳର ଉପକୂଳବର୍ତ୍ତୀ ଅଞ୍ଚଳରେ ଛୋଟବଡ଼ ଅନେକ ବନ୍ଦର ଥିଲା। ଏହି ବନ୍ଦରଗୁଡ଼ିକ ଥିଲା ନୌବାଣିଜ୍ୟର ପେଣ୍ଠ ସ୍ଥଳ। ସେମାନଙ୍କ ମଧ୍ୟରେ ତାମ୍ରଲିପ୍ତି, ଚେଲିତୋଲ (ଚିଲ୍ଲୋଳ) ମାଣିକ ପାଟଣା, ହରିହରପୁର, ପାଲୁର, ପିଥୁଣ୍ଡ, ମନସୁର କୋଟା, ପିପିଲି, ବାଲେଶ୍ୱର, ଧାମରା, ଚାନ୍ଦବାଲି, ସୁବର୍ଣ୍ଣରେଖା, ପୁରୀ, ଗଞ୍ଜାମ, ସୋନପୁର ବିରୁହା, କଳିଙ୍ଗ ପତନମ୍ ଆଦି ପ୍ରଧାନ। ଓଡ଼ିଶାର ସାଧବପୁଅମାନେ ଓଡ଼ିଶାର ମସଲା, ମୂଲ୍ୟବାନ ପଥର, ହୀରା, ଆସବାବପତ୍ର, ହାତୀଦାନ୍ତ, ନଡ଼ିଆ, ଆୟୁର୍ବେଦିକ ଔଷଧପତ୍ର ଆଦି ନେଇଯାଉଥିଲେ ଏବଂ ଯେଉଁ ଦ୍ୱୀପରୁ ଯାହା ଭଲ ଭଲ ଜିନିଷ ମିଳୁଥିଲା ତାହା ଧରି ଆସୁଥିଲେ। ଖୁଲଣା ସୁନ୍ଦରୀ ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ପ୍ରସଙ୍ଗତଃ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଗନ୍ନାଥଙ୍କର ମସ୍ତକରେ ଏକ ମୂଲ୍ୟବାନ୍ ମଣି ରହିଛି। କିମ୍ବଦନ୍ତୀ କହେ କଳିଙ୍ଗର ଜଣେ ସାଧବ ସ୍ୱଦେଶକୁ ବାହୁଡୁଥିବା ବେଳେ ଏକ ଦ୍ୱୀପରେ କିଛି ସମୟ ବିଶ୍ରାମ ନେଉଥିବାବେଳେ ଦେଖିଲେ ଏକ ଭୟଙ୍କର ସର୍ପ ତା' ମସ୍ତକରୁ ମଣିଟି ବାହାର କରି ରଖି ଚରିବା ପାଇଁ ଗଲା। ସାଧବଙ୍କ ଦୃଷ୍ଟିରେ ଏହି ମଣିଟି ପଡ଼ିବାରୁ ସେ ତାହାକୁ ଅତିଶୀଘ୍ର ଉଠାଇ ବୋଇତକୁ ଚାଲି ଆସିଲେ ଏବଂ ବୋଇତ ଆଗକୁ ବାହି ଚାଲିଲେ। କିନ୍ତୁ ଅଳ୍ପବାଟ ଯାଇଛନ୍ତି କି ନାହିଁ ସେହି ସର୍ପଟି ବିରାଟକାୟ ଫଣା ତୋଳି ଗର୍ଜନ କରି ବୋଇତ ପଛେ ପଛେ ଧାଇଁଲା। ଭୟରେ କାତର ହୋଇ ସାଧବ ଶ୍ରୀଜଗନ୍ନାଥଙ୍କୁ ସୁମରଣା କଲେ - ଯଦି ଏହି ସର୍ପ କବଳରୁ ସେ ମୁକ୍ତି ପାଆନ୍ତି ତେବେ ସେ ମଣିଟିକୁ ତାଙ୍କୁ ଦେଇ ଦେବେ ବୋଲି ମାନସିକ କଲେ। ସଙ୍ଗେ ସଙ୍ଗେ ସର୍ପଟି ପଛକୁ ଫେରିଗଲା। ସାଧବ ସ୍ୱଦେଶରେ ପହଞ୍ଚି ପ୍ରଥମେ ସେହି ମଣିଟିକୁ ଶ୍ରୀଜଗନ୍ନାଥଙ୍କୁ ସମର୍ପି ଘରକୁ ଫେରିଲେ।

'ବାଣିଜ୍ୟେ ବସତେ ଲକ୍ଷ୍ମୀ' ଏହି ବୋଇତ ଓ ନୌବାଣିଜ୍ୟ ପରମ୍ପରାକୁ ଲକ୍ଷ୍ୟ କରି ହିଁ କୁହାଯାଇଛି। ତତ୍କାଳୀନ ସମାଜରେ ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତାକୁ ମାପିବା ପାଇଁ ବୋଇତ ଥିଲା ମାପଦଣ୍ଡ। କେନ୍ଦ୍ରାପଡ଼ା ବଡ଼କୋଠ ଜମିଦାରଙ୍କର ୭୦ ଖଣ୍ଡ ବୋଇତ ଥିଲା ବୋଲି କଥିତ ଅଛି। ତଅପୋଇର ପିତା ତନୟବନ୍ତ ସାଧବର ସାତଖଣ୍ଡ ବୋଇତ ଥିଲା। ତାଙ୍କର ସାତପୁଅ, ସାତବୋହୂ ଓ ଅଲିଅଳି କନ୍ୟା ତଅପୋଇ। ସାତପୁଅ ବୋଇତ ଧରି ବେପାର ବାଣିଜ୍ୟକୁ ଦୂରଦେଶକୁ ଯାଆନ୍ତି। ଖୁଦୁରୁକୁଣି ଓଷା ବହିରେ ତଅପୋଇର ସାତ ଭାଇ ଦଶବର୍ଷ ପରେ ଫେରିଥିଲେ ବୋଲି ଲେଖାଅଛି।

ସମାଜରେ ସାଧବମାନଙ୍କର ସାମାଜିକ ମର୍ଯ୍ୟାଦା ମନ୍ତ୍ରୀ, କଟୁଆଳମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲା। ସେମାନେ ବେପାର ବାଣିଜ୍ୟରେ ସାଧୁତା ରକ୍ଷା କରୁଥିବାରୁ ସେମାନଙ୍କୁ ସାଧବ ବୋଲି କୁହାଯାଉଥିଲା। କ୍ରମେ ଏମାନେ ସାଧୁରୁ ସାହୁ ହୋଇ ଯାଇଥିବା କଥା ଅମୂଳକ ନୁହେଁ। ରାଜା, ମନ୍ତ୍ରୀ, କଟୁଆଳ ଓ ସାଧବମାନଙ୍କର ସନ୍ତାନମାନେ ସାଙ୍ଗସାଥୀ ହୋଇ ଖେଳୁଥିଲେ। ଏମାନଙ୍କ ମଧ୍ୟରେ ବନ୍ଧୁତା ରହୁଥିଲା। ଏହାକୁ ଆଧାର କରି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ଲୋକକଥା ରହିଛି। ସାହାଡ଼ା ସୁନ୍ଦରୀ ଗଳ୍ପରେ ମନ୍ତ୍ରୀ ପୁଅର ବୋଇତରେ ନୌବାଣିଜ୍ୟ ପାଇଁ ଯିବା କଥା ରହିଛି। ସାରଳା ଦାସଙ୍କ ମହାଭାରତ, ନରସିଂହ ସେଣଙ୍କ ପରିମଳା କାବ୍ୟ, ଟୀକା ଗୋବିନ୍ଦ ଚନ୍ଦ୍ର, କୈବର୍ତ୍ତ ଗୀତା, ଲାବଣ୍ୟବତୀ, ମାୟାଧର ମାନସିଂହଙ୍କ ସାଧବ ଝିଅ କଥା ଆଦିରୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ପରିଚୟ ମିଳେ।

ସାଧବମାନେ ମୁଖ୍ୟତଃ ମାଆ ମଙ୍ଗଳାଙ୍କୁ ପୂଜା କରିଥା'ନ୍ତି। ମଙ୍ଗଳା ହେଉଛନ୍ତି ସେମାନଙ୍କ ଇଷ୍ଟ ଦେବୀ। କାକଟପୁର ମଙ୍ଗଳାଙ୍କୁ କେହି ଜଣେ ସାଧବ ସିଂହଳ ଦ୍ୱୀପରୁ ଆଣିଥିଲେ ବୋଲି କିମ୍ବଦନ୍ତୀ କହେ। ପ୍ରକୃତରେ ମଙ୍ଗଳା ବୈଦିକ, ଶାସ୍ତ୍ର, ପୁରାଣର ଦେବୀ ନୁହନ୍ତି। ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀଙ୍କୁ ହିଁ ଶାସ୍ତ୍ରସମ୍ମତ ଦେବୀ ରୂପେ ଗ୍ରହଣ କରାଯାଇଛି। ମଙ୍ଗଳା ହେଉଛନ୍ତି ଲୋକଦେବୀ। ନିତି ପ୍ରତିଦିନ ପେଟ ପାଟଣା ପାଇଁ ନଦୀ ସମୁଦ୍ରର ଅକାତ କାତ ପାଣିକୁ ଜୀବନ ଜୀବିକାର ମାଧ୍ୟମ ବୋଲି ଗ୍ରହଣ କରୁଥିବାରୁ ଏହି ବିପତ୍ତିରୁ ରକ୍ଷା କରିବା ପାଇଁ ସେମାନେ ମଙ୍ଗଳା ମାଆଙ୍କୁ ପୂଜନ୍ତି। ଧାମୁରେଇ, ବାସୁଳେଇ, ଜାଗୁଳେଇ, କୋଟିଳାଇ, ଚର୍ଚ୍ଚିକେଇ, ହିଙ୍ଗୁଳାଇ ପରି ନାମ ଏମାନଙ୍କର ରହିଛି। ପ୍ରାଚୀ ନଦୀର କୂଳେ କୂଳେ ମାଆ ମଙ୍ଗଳା ଏହିପରି ଅନେକ ନାମରେ ପୂଜିତା ହୁଅନ୍ତି। ଏହି ଦେବୀମାନଙ୍କୁ ପ୍ରାୟତଃ ଅବ୍ରାହ୍ମଣ ସ୍ତ୍ରୀ କିମ୍ବା ପୁରୁଷମାନେ ପୂଜା କରନ୍ତି।

ଓଡ଼ିଶାରେ ଯେତେ ସବୁ ଓଷାବ୍ରତ କଥା ଅଛି ଅଧିକାଂଶ ସାଧବାଣୀ କିମ୍ବା ସାଧବ ଝିଅମାନେ କରୁଥିବା ଉଲ୍ଲେଖ ରହିଛି। ଖୁଲଣା ସୁନ୍ଦରୀ, ସତ୍ୟପୀର, ଶନିଶ୍ଚର ମେଳା, ଚଇତି ପୁନେଇଁ, ସୋମନାଥ ବ୍ରତ ତଥା ଅନ୍ୟାନ୍ୟ ଅନେକ ବ୍ରତ ଓଷା କେବଳ ଓଡ଼ିଶା ନୁହେଁ, ବଙ୍ଗ ଦେଶରେ ସ୍ତ୍ରୀ ଲୋକମାନେ ଯେଉଁ ମଙ୍ଗଳ ଚଣ୍ଡୀ ପୂଜା କରନ୍ତି, ତାହା ମଧ୍ୟ ପ୍ରଥମେ ସୌଦାଗର (ଓଡ଼ିଶାରେ ଯାହାଙ୍କୁ ସାଧବ ବୋଲି କୁହାଯାଏ)ର ସ୍ତ୍ରୀ ମଙ୍ଗଳ ଚଣ୍ଡୀ ପୂଜା କରିଥିଲା।

ଖୁଲଣା ସୁନ୍ଦରୀ ପୁସ୍ତକରେ ରାଜା ଧନେଶ୍ୱର ମଙ୍ଗଳାଙ୍କ ଆଶୀର୍ବାଦ ନ ନେଇ ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ବୋଇତରେ ଯାଇଥିବାରୁ ସବୁ ଅଘଟଣ ଘଟିଲା। ସମୁଦ୍ର ବକ୍ଷରେ ପଦ୍ମଫୁଲ ଉପରେ ସୁନ୍ଦରୀ ଯୁବତୀ ଧନେଶ୍ୱରଙ୍କୁ ଦୃଶ୍ୟ ହେଲେ। ଧନେଶ୍ୱର ସାଧବ ସେ ଦେଶର ରାଜାଙ୍କୁ ଏ ସମ୍ବାଦ ଦେବାକୁ ଗଲା। ଏପରି ଅଦ୍ଭୁତ ଦୃଶ୍ୟ ଦେଖିବା ପାଇଁ ରାଜା ଆସିଲେ। କିନ୍ତୁ ମଙ୍ଗଳାଙ୍କ ମାୟାରେ ସବୁ ଅଦୃଶ୍ୟ ହୋଇଗଲା। ପରେ ମଙ୍ଗଳା ମାଆଙ୍କୁ ପୂଜା କରିବାରୁ ତାଙ୍କ ଦୟାରେ ଧନେଶ୍ୱର ସାଧବର ଦ୍ୱିତୀୟ ସ୍ତ୍ରୀ ଖୁଲଣା ଉଭଣୀ ତଥା ସପତ୍ନୀ ନୟନା ସୁନ୍ଦରୀର ସବୁପ୍ରକାର କଷଣ ଦୂର ହୋଇଛି। ସେ ଅସାଧ ସାଧନ କରିଛି। ପୁତ୍ର ଶ୍ରୀଧର ମଙ୍ଗଳା ମାଆଙ୍କୁ ସୁମରଣା କରି ବୋଇତରେ ଯାଇ ପିତାଙ୍କୁ ଉଦ୍ଧାର କରିଛି ଓ ଧୂମାନ୍ତ ରାଜ୍ୟର ରାଜକୁମାରୀଙ୍କୁ ବିବାହ କରିଛି। ଯେଉଁମାନେ ବୋଇତରେ ଦୂର ଦେଶକୁ ଯାଉଥିଲେ ସେମାନେ ମା' ମଙ୍ଗଳାଙ୍କୁ ପୂଜା କରିବା ପରମ୍ପରା ଏହିଭଳି ସୃଷ୍ଟି ହୋଇଥିବ। ସବୁ ବନ୍ଦର ମୁହାଁଣ ପାଖରେ ମଙ୍ଗଳାଙ୍କ ମୂର୍ତ୍ତି ବିରାଜମାନ ହୋଇଥିବା ଦେଖାଯାଏ। ବୋଇତର ମଙ୍ଗ କୋଣରେ ମଧ୍ୟ ମଙ୍ଗଳାଙ୍କୁ ବସାଇ ତାଙ୍କ ଆଶୀର୍ବାଦ ନେଇ ସାଧବ ପୁଅ ଦୂର ବିଦେଶକୁ ବୋଇତ ମେଲି ଦେଉଥିଲା।

ସାଧବମାନଙ୍କ ଦ୍ୱାରା ଦେଶର ଆର୍ଥିକ ସମୃଦ୍ଧି ହେଉଥିଲା। ଯେଉଁ ଅଞ୍ଚଳରେ ଯେତେ ବେଶି ସାଧବ ରହୁଥିଲେ ସେ ଅଞ୍ଚଳର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସ୍ୱତନ୍ତ୍ର ଥିଲା। ସେମାନଙ୍କ ପୁଅଝିଅମାନେ ସୁନା ଚାନ୍ଦରେ ଓ ହୀରାର ତାରାରେ ଖେଳୁଥିଲେ। ରୁପା କୁଲେଇରେ ଧୂଳି ଖେଳୁଥିଲେ। ଯେଉଁମାନେ ବୋଇତ ବଣିଜରେ ଯାଉଥିଲେ ସେମାନେ ମୁଖ୍ୟତଃ ବଣିଆ, ଗୁଡ଼ିଆ ଓ ତେଲି ସମ୍ପ୍ରଦାୟର ଥିଲେ। ଏହି ତିନି ସମ୍ପ୍ରଦାୟରେ ସାହୁ ସଂଜ୍ଞା ବହୁଳ ପରିମାଣରେ ପରିଲକ୍ଷିତ ହୋଇଥାଏ। ଏହାଛଡ଼ା କ୍ଷତ୍ରିୟ ଓ ଅନ୍ୟ ସମ୍ପ୍ରଦାୟମାନଙ୍କର ମଧ୍ୟ କେତେକ ଏହି ବୃତ୍ତି କରୁଥିଲେ। ଖୁଲଣା ସୁନ୍ଦରୀ କାବ୍ୟରେ ଧନେଶ୍ୱର ସାଧବ ଥିଲା ଜାତିରେ ବଣିଆ। ସାଧବ ବୋଲି ନିର୍ଦ୍ଦିଷ୍ଟ ଜାତି ନ ଥିଲା। ଯେଉଁମାନେ ନୌବାଣିଜ୍ୟ କରୁଥିଲେ ସେମାନଙ୍କୁ ସାଧବ ବୋଲି କୁହାଯାଉଥିଲା। ବୋଇତ ସହ ସାଧବମାନଙ୍କ ସମ୍ପର୍କ ନିବିଡ଼ ଥିଲା।

ଏକଦା ଐଶ୍ୱର୍ଯ୍ୟମୟୀ ଶ୍ରୀସମ୍ପନ୍ନା ଉତ୍କଳର ଏହି ଗୌରବାବହ ଦିନଗୁଡ଼ିକର ସ୍ମୃତି ଆମେ କେବଳ ଆଶ୍ୱିନ, କାର୍ତ୍ତିକ ମାସମାନଙ୍କରେ ରୋମନ୍ଥନ କରୁ। ଆଶ୍ୱିନରେ ଖୁଦୁରୁକୁଣୀର ତଅପୋଇ କଥା ପ୍ରସଙ୍ଗରେ କୁମାରୀ ଝିଅମାନେ ସାଧବ ଘରର ଗୁମର ଓ ଗୌରବ ଗାଥା ଗାନ କରନ୍ତି। ଏ ବହିର ମୂଳ ରଚୟିତା ଗୋପୀନାଥ ଦାସ ଥିବା ବେଳେ ନିଶା ମଙ୍ଗଳବାର ବା ଖୁଲଣାସୁନ୍ଦରୀ ବହିର ରଚୟିତା ଭିକାରୀ କୈବର୍ତ୍ତ। ବହିଟିର ୬୨ ଛାନ୍ଦକୁ ୫ଟି ମଙ୍ଗଳ ବାରରେ ନାରୀମାନେ ପାଠ କରି ମଙ୍ଗଳା ଓଷା ସମ୍ପନ୍ନ କରନ୍ତି। ସୋମନାଥ ବ୍ରତ କଥାରେ ସେହି ସାଧବ ସାଧବାଣୀଙ୍କ କଥା ଥାଏ। ମାତ୍ର କାର୍ତ୍ତିକ ମାସରେ ଜଗନ୍ନାଥ, ଶିବ, ରାଧାକୃଷ୍ଣ ଓ କାର୍ତ୍ତିକେୟ ଆଦି ଦେବଦେବୀଙ୍କୁ ନାରୀମାନେ ପୂଜା କରନ୍ତି।

କାର୍ତ୍ତିକ ଧର୍ମ ମାସ। ପୂର୍ଣ୍ଣମୀଦିନ ବୋଇତ ବନ୍ଦାଣ ଉତ୍ସବରେ ପୁଣି ଆମ ନୌବାଣିଜ୍ୟର ଐତିହ୍ୟ ପରମ୍ପରାର ସ୍ମୃତି ରୋମନ୍ଥନ ହୁଏ। କାର୍ତ୍ତିକର ଦୀପଦାନ ଓ ବୋଇତ ବନ୍ଦାଣ ଦୁଇଟା ଅଲଗା ଅଲଗା ଜିନିଷ। କଦଳୀ ବାସୁଙ୍ଗା କିମ୍ବା ସୋଲରେ ତିଆରି ଡଙ୍ଗା ଭସା ସମ୍ପୂର୍ଣ୍ଣ ନୌବାଣିଜ୍ୟର ସ୍ମୃତି। ମାଟି ତିଆରି ଚକି ପେସା, ପାନ ଗୁଆ ହଳଦୀ ସୋରିଷ ଜିରା ଆଦି ପୂର୍ବେ ବୋଇତରେ ସାଧବମାନେ ଯାହା ନେଇଯାଉଥିଲେ, ପ୍ରତୀକାତ୍ମକ ଭାବରେ ସେସବୁ ରଖାଯାଏ। କାର୍ତ୍ତିକ ପୂର୍ଣ୍ଣମୀ ବେଳକୁ ଜଳବାୟୁ ଅନୁକୂଳ ହୋଇଥାଏ। ବର୍ଷା ଝଡ଼ ବାତ୍ୟାର ପ୍ରକୋପ କମିଯାଇଥାଏ। ଚାଷ ବାସ କାର୍ଯ୍ୟ ମଧ୍ୟ ସରିଯାଇଥାଏ। ଏହିଦିନ ଅନୁକୂଳ କରି ସାଧବମାନେ ବୋଇତରେ ଯାଉଥିଲେ। ସମ୍ଭବତଃ ସଂଯୋଗବଶତଃ ଏହି ଦୁଇଟି ଉତ୍ସବ ଗୋଟିଏ ଦିନରେ ପଡ଼ୁଥିବାରୁ 'ଆ କା ମା ବୈ'ଙ୍କ ସହ ଆମ ପ୍ରାଚୀନ ଐତିହ୍ୟ ସ୍ମୃତି ବିଜଡ଼ିତ ହୋଇପଡ଼ିଛି। ମାସେ କାଳ ହବିଷ୍ୟ ଆଦି କରି ବିଭିନ୍ନ ପୂଜା ବ୍ରତରେ ନାରୀମାନେ ଯେଉଁ ଧର୍ମ ଅର୍ଜନ କରିଥା'ନ୍ତି ସେଗୁଡ଼ିକୁ ଆଧାର କରି ସ୍ୱାମୀ, ପୁତ୍ର, ଭ୍ରାତା ଆଦିଙ୍କ ଶୁଭ ମନାସି ମେଲାଣି ଦେଉଥିଲେ।

ସୁଦୂର ଥାଇଲ୍ୟାଣ୍ଡରେ ଆମ ବୋଇତ ବନ୍ଦାଣ ପରି ଏକ ପର୍ବ ପାଳନ କରାଯାଏ। ଅଦ୍ଭୁତ ଭାବରେ ଏହି ପର୍ବ ସହ ଆମ ବୋଇତ ବନ୍ଦାଣ ଉତ୍ସବର ସାମ୍ୟ ପରିଲକ୍ଷିତ ହୁଏ। ଏହି ପର୍ବକୁ ଲୟ କ୍ରାଥଙ୍ଗ ବା ଆଲୋକ ଭସାଣ ପର୍ବ ବୋଲି କୁହାଯାଏ। ବର୍ଷା ଋତୁ ଶେଷରେ ବ୍ୟାଙ୍କକ୍‌ସ୍ଥ ନଦୀରେ ଏହି ଲୟ କ୍ରାଥଙ୍ଗ ପର୍ବ ପାଳିତ ହୋଇଥାଏ। ପୂର୍ଣ୍ଣମୀ ଦିନ ସୂର୍ଯ୍ୟାସ୍ତ ସମୟରେ କଦଳୀ ବାସୁଙ୍ଗାରେ କପ୍ ବା ଡଙ୍ଗା ଆକୃତି ନିର୍ମାଣ କରି ଏହାକୁ ନଦୀରେ ଭସାନ୍ତି। ଆମ କଟକର ବାଲିଯାତ୍ରା ମହୋତ୍ସବ ପରି ସେମାନେ ମଧ୍ୟ ବାଣ ଫୁଟେଇ ନାଚଗୀତ ମାଧ୍ୟମରେ ନଦୀ ଭିତରେ ଡଙ୍ଗାରେ ଖୁବ୍ ଉପଭୋଗ କରନ୍ତି। ଗୋଟିଏ ଡଙ୍ଗାରୁ ଆର ଡଙ୍ଗାକୁ ଫଳ ଫିଙ୍ଗା ଫିଙ୍ଗି ହୋଇ ଖେଳନ୍ତି। ଏସବୁ ସିଧା ଉତ୍କଳୀୟମାନଙ୍କର ବୋଇତ ବନ୍ଦାଣ ଉତ୍ସବର ରୂପାନ୍ତର ରୂପ।

ଏବେ ଆଉ ସେ ସାଧବ ନାହାନ୍ତି, ନୌ ଯାତ୍ରା ନାହିଁ କି ନୌ ବାଣିଜ୍ୟ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ପରାଭବ, ବୈଦେଶିକ ଶତ୍ରୁଙ୍କର ଦୌରାତ୍ମ୍ୟ ଉତ୍କଳର ଏହି ମହାନ୍ ପରମ୍ପରାକୁ ଧୂଳିସାତ୍ କରିଦେଲା। ଏବେ ଆମ ଲୋକମାନେ ଆଉ ସୁନା, ରୁପା, ମୋତି, ମାଣିକ୍ୟର କାରବାର ପାଇଁ ବିଦେଶ ଯାଉନାହାନ୍ତି। ଯାଉଛନ୍ତି ନିର୍ମାଣ ଶ୍ରମିକ ହୋଇ। ପାଣି ପାଇପ୍ କାମ କରିବା ପାଇଁ। କେତେବେଳେ କି ପ୍ରକାର ଘଟଣ ଅଘଟଣରେ ସେମାନଙ୍କ ପ୍ରାଣ ଚାଲିଯାଉଛି, ତାହାର ସଠିକ୍ ଖବର ସୁଦ୍ଧା ଆମ ପାଖରେ ପହଞ୍ଚି ପାରୁନାହିଁ।

ତଥାପି ଆମେ ହତୋତ୍ସାହିତ ହେବା ନାହିଁ। ଆମ ଐତିହ୍ୟ ସଂସ୍କୃତି ଆମର ସମ୍ପଦ। ସେହି ସମ୍ପଦର ଯଥାର୍ଥ ଉପଯୋଗ କରି ଆମେ ପୁଣି ଥରେ ସେହି ହୃତଗୌରବ ଲୁପ୍ତ ସୌରଭକୁ ଫେରାଇ ଆଣି ପାରିବା। ଆମ ଆତ୍ମବିଶ୍ୱାସକୁ ଉଜ୍ଜୀବିତ କରି ପୁଣି ଥରେ ଆମେ ଗର୍ବର ସହ କହିବା - ଆମେ ସେହି ସାହସୀ ବୀର ଓଡ଼ିଆ, ଯାହାର ଉନ୍ନତ ଜ୍ଞାନକୌଶଳ, ଉତ୍ତମ ବ୍ୟବସାୟିକ ବୃଦ୍ଧି, ସାଧୁତା ସଚ୍ଚୋଟତା ଦିନେ ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

## ଲୋକମତ

### ଜଳ ପ୍ରଦୂଷଣର ନିରାକରଣ

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ହେବା ସହ ପରିବେଶ ଦୂଷିତ ହେଉଛି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ଅତ୍ୟଧିକ ଯାନବାହନ ଚଳାଚଳ, କଳକାରଖାନାର ଦୂଷିତ ଧୂଆଁ, ବ୍ୟବହୃତ ଜଳ ଆଦିର ପରିଚାଳନା ନ ହେବା। ଆମ ସମାଜରେ ବାର ମାସରେ ତେରପର୍ବ ପାଳନ କରାଯାଏ। ଏଗୁଡ଼ିକ ମଧ୍ୟରେ କାର୍ତ୍ତିକ ମାସ ଅନ୍ୟତମ। କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ। କୁମାର ପୂର୍ଣ୍ଣମା ପରଦିନଠାରୁ କାର୍ତ୍ତିକ ହବିଷ ଆରମ୍ଭ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ହୁଏ। ଡଙ୍ଗାଭସା ଦିନ ପୂର୍ବରୁ ବଜାରରେ ଭଳିକି ଭଳି କାଠ, ସୋଲ, ରଙ୍ଗ ଓ ଝାଲେରୀ ପ୍ରସ୍ତୁତ ଡଙ୍ଗା ବିକ୍ରି କରାଯାଇଥାଏ। କୁହାଯାଏ ଉତ୍କଳର ନୌବାଣିଜ୍ୟ ଗୌରବ ବହନ କରୁଥିବା ସାଧବ ପୁଅଙ୍କ ସ୍ମୃତିରେ ଏହା ପାଳନ କରାଯାଏ। କିନ୍ତୁ ଏହା ପରିବେଶ ଉପରେ କେତେ ଯେ କ୍ଷତିକାରକ, ତା'ର କଳନା କରାଯାଇପାରିବ ନାହିଁ। ଆଜିର ମଣିଷ ସମାଜ ନିଜର ଖୁସି ପାଇଁ ପରିବେଶକୁ କେତେ ଦୂଷିତ କରୁଛନ୍ତି ତାହା ସମସ୍ତଙ୍କୁ ଜଣା। କିନ୍ତୁ ସେହି ହାନିକାରକ ଜିନିଷକୁ ଆପଣେଇ ପରିବେଶକୁ ଦୂଷିତ କରାଉଛି। ବୋଇତ ବନ୍ଦାଣ ସହିତ ଧୂପ, ଦୀପ, ମହମବତି, ଗୁଆ, ପାନପତ୍ର, ବେଲପତ୍ର ଆଦି ଡଙ୍ଗାରେ ରଖାଯାଏ। ଏସବୁ ପାଣିରେ ରହି ପଚି ପାଣିକୁ ଦୂଷିତ କରାଇଦିଏ। ପାଣିରେ ରହୁଥିବା ଜଳଚର ପ୍ରାଣୀମାନଙ୍କ ଉପରେ କୁ-ପ୍ରଭାବ ପଡ଼ିଥାଏ। ଜଳକୁ ପରିଷ୍କାର କରୁଥିବା ଅନେକ ପ୍ରାଣୀଙ୍କର ମୃତ୍ୟୁ ମଧ୍ୟ ହୋଇଥାଏ। ଏ ଦିଗରେ ବ୍ୟାପକ ସଚେତନତା ଆବଶ୍ୟକ।

ଦିପ୍ତିମୟୀ ନାୟକ, ମୋ: ୯୦୯୦୬୬୧୫୮୬

### 'ମୋ ବସ୍' ସମୟ ସାରଣୀ ସୂଚନା ମିଳୁ

ସହରାଞ୍ଚଳରେ ଯାତାୟାତ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଓଡ଼ିଶାରେ 'ମୋ ବସ୍' ସେବା ଚାଲିଛି। ଦିନକୁ ଦିନ ଏହା ଜନାଦୃତ ହେବା ସହିତ ଲୋକମାନଙ୍କର ମଧ୍ୟ ଏହା ଉପରେ ନିର୍ଭରଶୀଳତା ବଢ଼ୁଛି। କିନ୍ତୁ ଯେଉଁମାନେ ଗ୍ରାମାଞ୍ଚଳ କିମ୍ବା ସହର ବାହାରୁ ଆସୁଛନ୍ତି, ସେମାନେ ବସ୍ ରୁଟ ଏବଂ ବସ୍ ଚଳାଚଳର ସମୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଯଦିଓ ଏ ସମ୍ପର୍କିତ ତଥ୍ୟ 'ମୋ ବସ୍ ଆପ୍'ରେ ଉପଲବ୍ଧ, ସମସ୍ତେ ତାହାର ବ୍ୟବହାର ଜାଣନ୍ତି ନାହିଁ। ତେଣୁ 'ମୋ ବସ୍ ଷ୍ଟପ୍'ମାନଙ୍କରେ ଏ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚନା ରହିଲେ ସମସ୍ତ ଯାତ୍ରୀ ଉପକୃତ ହୋଇପାରନ୍ତେ। ଏଥିପାଇଁ କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ।

ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ବର୍ଜ୍ୟବସ୍ତୁର ପରିଚାଳନା

ବିଏମ୍‌ସି ସୂଚନା ମୁତାବକ ଭୁବନେଶ୍ୱରର ୪ଟି ସ୍ଥାନରେ ଓଦା ବର୍ଜ୍ୟଭିତ୍ତିକ ଜୈବଗ୍ୟାସ୍ (ବାୟୋ-ସିଏନଜି) ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ କରାଯିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏତଦ୍‌ବ୍ୟତୀତ ଭୁବନେଶ୍ୱର ବର୍ଜ୍ୟବସ୍ତୁ ପରିଚାଳନାରେ ଏହିଭଳି କେତେକ ଦୀର୍ଘକାଳୀନ ସ୍ଥାୟୀ ସମାଧାନ ଉପରେ ବିଚାର କରାଯାଇ ପାରିବ। ପ୍ରଥମତଃ, କେତେକ ଜାଗାରେ ଶୁଖିଲା ଏବଂ ଇ-ଆବର୍ଜନା ସଂଗ୍ରହ କେନ୍ଦ୍ର ସ୍ଥାପନ କରାଯିବା ଆବଶ୍ୟକ, ଯାହା ସିଧାସଳଖ ଲୋକଙ୍କଠାରୁ କିଣି ରିସାଇକ୍ଲିଂ ୟୁନିଟକୁ ବିକ୍ରୟ କରିବ। ଦ୍ୱିତୀୟତଃ, ସହରରେ ବହୁଳ ଭାବରେ ବ୍ୟବହୃତ ପ୍ଲାଷ୍ଟିକ୍ କ୍ଷୀର ପ୍ୟାକେଟ୍, ଖାଦ୍ୟ ପ୍ୟାକେଟ୍, ମୃଦୁ ପାନୀୟ, ରାପର୍ ଇତ୍ୟାଦି ଉପରେ ଜମା-ଫେରସ୍ତ ସିଷ୍ଟମ ଲାଗୁ କରାଯିବା ଉଚିତ। ଉକ୍ତ ବ୍ୟବସ୍ଥାରେ ଦୋକାନୀ କ୍ୟୁଆର୍ କୋଡ୍ ସନ୍ନିହିତ ଉପରୋକ୍ତ ଖାଦ୍ୟ କିମ୍ବା ପାନୀୟକୁ ସାମାନ୍ୟ ଅଧିକା ଦରରେ ବିକ୍ରି କରିବ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯେକୌଣସି ବ୍ୟକ୍ତି ଉପରୋକ୍ତ ଖାଲି ପ୍ୟାକେଟ୍, ବୋତଲ କିମ୍ବା ରାପର୍ ଫେରାଇବା ସମୟରେ ଅତିରିକ୍ତ ସଂଗୃହୀତ ପରିମାଣକୁ ଦୋକାନୀ ଫେରସ୍ତ କରିବ। ଫଳସ୍ୱରୂପ ବ୍ୟବହୃତ କ୍ଷୀର ପ୍ୟାକେଟ୍, ଖାଦ୍ୟ ପ୍ୟାକେଟ୍, ମୃଦୁ ପାନୀୟ, ରାପର୍ ଇତ୍ୟାଦିର ପୁନଃଚକ୍ରଣ ପ୍ରକ୍ରିୟା ସହଜ ହୋଇପାରିବ। ତୃତୀୟତଃ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାର କରି ପ୍ଲାଷ୍ଟିକ ସଡ଼କ ନିର୍ମାଣ କରାଯାଇପାରିବ। ଚତୁର୍ଥରେ, ନିକଟବର୍ତ୍ତୀ ଅଞ୍ଚଳରେ ଅଗ୍ରାଧିକାର ଭିତ୍ତିରେ ବର୍ଜ୍ୟଭିତ୍ତିକ ରିସାଇକ୍ଲିଂ/ଅପସାଇକ୍ଲିଂ ୟୁନିଟ୍ ସ୍ଥାପନା କରିବା। ଆମ ଦେଶର କିଛି କିଛି ସ୍ଥାନରେ ଏହିସବୁ ଅଭିନବ ପଦକ୍ଷେପମାନ ଅବଲମ୍ବନ କରାଯାଇଛି ଏବଂ ସୁଫଳ ପରିଲକ୍ଷିତ ହୋଇଛି। ଏହିଭଳି କେତେକ ପଦକ୍ଷେପକୁ କାର୍ଯ୍ୟକାରୀ କଲେ ହୁଏତ ବର୍ଜ୍ୟବସ୍ତୁର ସଦୁପଯୋଗ ହୋଇପାରିବ।

ନବନିତ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଯୌଥ ପରିବାରର ଭୂମିକା

ଏକଦା ଯୌଥ ପରିବାର ଥିଲା ଆମ ସମାଜର ଅଭିନ୍ନ ଅଙ୍ଗ। ବାପାବୋଉ, ଦାଦାଖୁଡ଼ୀ, ବଡ଼ବାପାବଡ଼ବୋଉ, ଜେଜେବାପାଜେଜେମା'ଙ୍କୁ ନେଇ ଗହଳଚହଳରେ କମ୍ପି ଉଠୁଥିଲା ପରିବାର। ବିପଦ ଆପଦରେ, ବାହା ପୁଆଣିରେ, ରୋଗ ବଇରାଗରେ ସମସ୍ତେ ଏକାଠି ହୋଇ ପରିସ୍ଥିତିକୁ ସମ୍ଭାଳି ନେଉଥିଲେ। ବୈକୁଣ୍ଠ ସମାନ ସେହି ଘରେ ଥିଲା ପରସ୍ପର ପ୍ରତି ନିଃସର୍ତ୍ତ ଭଲ ପାଇବା; ସ୍ନେହର ଡୋରିରେ ବନ୍ଧା ସମ୍ପର୍କରେ ନିରନ୍ତର ପ୍ରବାହିତ ହେଉଥିଲା ମମତାର ନିର୍ଝରିଣୀ। ସେଠି ଥିଲା ପୁଣି ବିଶ୍ୱାସର ଦୁର୍ଭେଦ୍ୟ ପାଚେରି। ରଜ, ଦଶହରା, ଦୀପାବଳି, ଦୋଳପୂର୍ଣ୍ଣିମାରେ ଉତ୍ସବର ପରିବେଶ ସୃଷ୍ଟି ହେଉଥିଲା। ପିଲାମାନେ ଜେଜେମାଆଠୁ ଗପ ଶୁଣୁଶୁଣୁ ନିଦ ମାଉସୀ କେତେବେଳେ ଯେ ତାହାର କଅଁଳ ହାତର ଉଷୁମ ପରଶରେ ନିଦର ଚାଦର ଢାଙ୍କି ଦେଉଥିଲା, ଜଣା ପଡୁ ନ ଥିଲା। ବୁଢ଼ୀ ଅସୁରୁଣୀ, ଟୁଆଁଟୁଇଁ, ବଉଳା ଗାଈ, ଧ୍ରୁବ, ପ୍ରହ୍ଲାଦ - ଏମିତି କେତେ କ'ଣ ଗପ। ହେଲେ ସେସବୁ ଏବେ କେଉଁ ଦୂରଅତୀତର କଥା ଭଳି ଲାଗେ। ପିତା, ମାତା ଓ ଏକମାତ୍ର ସନ୍ତାନକୁ ନେଇ ଆଜିର 'ପରିବାର'। ତେଣୁ ପାରିବାରିକ ସମ୍ପର୍କର ବ୍ୟାପକ ପରିଭାଷା ଆଜିର ପିଲାମାନେ ନ ଜାଣିବା ସ୍ୱାଭାବିକ। ଗପ ଶୁଣିବାର ସ୍ଥାନ ନେଇଛି ମୋବାଇଲ ଓ ଏହାର କୁହୁକୀ ମାୟାଜାଲ। ଗବେଷଣାରୁ ଜଣାପଡ଼ିଛି ଯେ ପରିବାରର ଏକୁଟିଆ ପିଲା ତା' ମନର କଥା କାହା ପାଖରେ କହି ନ ପାରି ଚିଡ଼ିଚିଡ଼ା ସ୍ୱଭାବର ହୁଅନ୍ତି। ଚୁପଚାପ୍ ରୁହନ୍ତି। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ଅନ୍ତରାୟ ସୃଷ୍ଟି କରେ। ଏକ ରିପୋର୍ଟରୁ ପ୍ରକାଶ ଯେ ଓଡ଼ିଶାରେ ଗତ ସାତ ବର୍ଷରେ ଛାଡ଼ପତ୍ର ସଂଖ୍ୟାରେ ପ୍ରାୟ ୩୮% ବୃଦ୍ଧି ପାଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଏଥିରେ ମଧ୍ୟବିତ୍ତ, ଯୁବବର୍ଗ ତଥା ଉଚ୍ଚ ବେତନପ୍ରାପ୍ତଙ୍କର ସିଂହ ଭାଗ। କାର୍ଯ୍ୟଭାର, ପରକୀୟା ପ୍ରୀତି ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଯୌଥ ପରିବାରର ଗୁରୁଜନଙ୍କ ପରାମର୍ଶରେ ହୁଏତ ଏଭଳି ପରିସ୍ଥିତି ଏଡ଼ାଇ ଦିଆ ଯାଇପାରନ୍ତା।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

### ପିଲାଙ୍କୁ ଅଧିକ ଚାପଗ୍ରସ୍ତ କରନ୍ତୁ ନାହିଁ

ଛାତ୍ରଛାତ୍ରୀମାନଙ୍କର ଏକକ/ଅର୍ଦ୍ଧବାର୍ଷିକ/ବାର୍ଷିକ ପରୀକ୍ଷା ଓ ଫଳାଫଳ ସମୟରେ ଅଧିକ ଚାପରେ ରହୁଛନ୍ତି। କାରଣ ଅଭିଭାବକମାନେ ବାରମ୍ବାର ଭଲ ନମ୍ବର ରଖିବା ପାଇଁ ପିଲାମାନଙ୍କୁ ତାଗିଦ୍ କରନ୍ତି। ଏଥିପାଇଁ ଅଭିଭାବକମାନେ ପିଲାମାନଙ୍କୁ ନା ଖେଳିବାକୁ ଛାଡୁଛନ୍ତି ନା ଅନ୍ୟ ସହିତ ମିଶିବାକୁ। କେବଳ ପାଠ ପଢ଼ ଏବଂ ଭଲ ନମ୍ବର ରଖ - ଏହାକୁ ହିଁ ମନ୍ତ୍ର କରିଛନ୍ତି ଅଭିଭାବକମାନେ। ଆହୁରି ମଧ୍ୟ ଅଭିଭାବକମାନେ ଅନ୍ୟ ପିଲାଙ୍କ ସହିତ ନିଜ ପିଲାଙ୍କୁ ତାଙ୍କ ଆଗରେ ତୁଳନା କରନ୍ତି। ତେଣୁ ଛାତ୍ରଛାତ୍ରୀମାନେ କୋମଳମତି ବୟସରେ ଅଧିକ ଚାପଗ୍ରସ୍ତ ହେଉଛନ୍ତି। ସେମାନଙ୍କୁ ପଢ଼ା ସମୟରେ ପଢ଼ିବାକୁ ଏବଂ ଖେଳ ସମୟରେ ଖେଳିବାକୁ ସୁଯୋଗ ଦିଅନ୍ତୁ। ତା'ହେଲେ ଯାଇ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସମ୍ଭବ।

ଅନୁପମ ଜେନା, ମୟୂରଭଞ୍ଜ

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ରେଳପଥ ନିର୍ମାଣରେ ବେଆଇନ ମୋରମ୍ ଓ ମାଟି ବ୍ୟବହାର ଅଭିଯୋଗ

# ୩ ସପ୍ତାହ ମଧ୍ୟରେ କମିଟି ରିପୋର୍ଟ ଦେବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ, ୨୪।୧୧(ସମିସ):** ଟାଙ୍ଗୀ-ଚୌଦ୍ୱାର ତହସିଲ୍ ଅନ୍ତର୍ଗତ ଉଚ୍ଚପଦା ପଞ୍ଚାୟତର ଜଙ୍ଗଲ, ପତିତ କିସମ ଜମିରୁ ବେଆଇନ ଭାବେ ମାଟି ମୋରମ୍ ଉତ୍ତୋଳନ କରାଯାଇ ଭଦ୍ରକ-ନିର୍ଗୁଣ୍ଡି ରେଳ ଲାଇନ୍ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗକୁ ଗୁରୁତ୍ୱର ସହ ନେଇଛନ୍ତି ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। ୪ ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀକାନ୍ତ କୁମାର ପାକଳ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଜିଟି।

ଅନ୍ୟପକ୍ଷେ ଏହି ମାମଲାରେ ରାଜ୍ୟ ସରକାର, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବ, କେନ୍ଦ୍ରୀୟ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କଟକ ଜିଲ୍ଲାପାଳ, ଟାଙ୍ଗୀ-ଚୌଦ୍ୱାର ତହସିଲ୍‌ଦାର, ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି। ଏଥିସହ କଟକ ଜିଲ୍ଲାପାଳ କିମ୍ବା ଏଡିଏମ୍ ପାହ୍ୟାର ଅଧିକାରୀ, କଟକ ଡିଏଫ୍‌ଓ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବରିଷ୍ଠ ବୈଜ୍ଞାନିକ, କଟକ ଜିଲ୍ଲା ମାଇନିଂ ଅଫିସରଙ୍କୁ ନେଇ ଏକ କମିଟି ଗଠନ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ୩ ସପ୍ତାହ ଭିତରେ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୋଡାଲ ସଂସ୍ଥା ରହିବ ବୋଲି ଏନ୍‌ଜିଟି କହିଛନ୍ତି। ୨୦୨୪ ଜାନୁଆରୀ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ବେଆଇନ ଭାବେ ମାଟି ମୋରମ୍ ଉତ୍ତୋଳନ ପାଇଁ ଗଛ କଟାଯାଇଛି। ମୋରମ୍ ଏକ ଲଘୁ ଖଣିଜଦ୍ରବ୍ୟ। ଏହାର ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରୀ ଓ ମାଇନିଂ ପ୍ଲାନ୍ ଆବଶ୍ୟକ। କିନ୍ତୁ ଏହା କରାଯାଇନଥିବା ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

## ପ୍ରବାସୀ ଓଡ଼ିଆ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ଆରମ୍ଭ ହେବ ହେଲ୍ପଲାଇନ୍ ନମ୍ବର

**ଭୁବନେଶ୍ୱର, ୨୪।୧୧(ସମିସ):** ରାଜ୍ୟ ବାହାରେ ରହୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ହିତାଧିକାରୀଙ୍କ ପାଇଁ ଆରମ୍ଭ ହେବ ନୂଆ ହେଲ୍ପ ଲାଇନ୍ ଅବା ସହାୟତା ନମ୍ବର। ଆସନ୍ତା ୩୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହେଲ୍ପଲାଇନ୍ ନମ୍ବରର ଶୁଭାରମ୍ଭ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାରେ ନୂଆ ସ୍ୱାସ୍ଥ୍ୟ ପ୍ରକଳ୍ପର ଲୋକାର୍ପଣ କରିବା ସହ ନୂଆ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସୂଚନା ଅନୁସାରେ ସମ୍ପ୍ରତି ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ୧୦୪ ହେଲ୍ପଲାଇନ୍ ନମ୍ବର ରହିଛି। ତେବେ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଲୋକେ ଗୋଟିଏ ହେଲ୍ପଲାଇନ୍ ନମ୍ବର ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଦିବାସୀଙ୍କ ବିକାଶରେ...

ଆରମ୍ଭ କରିଛନ୍ତି। ଆଦିବାସୀଙ୍କ ପ୍ରମୁଖ ଖାଦ୍ୟ ପୁଷ୍ଟିଶସ୍ୟ ତଥା ମିଲେଟ୍‌କୁ ଆନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସରକାର ଉଦ୍ୟମ ଚଳାଇଛନ୍ତି। କେନ୍ଦୁପତ୍ର ତୋଳାଳିମାନଙ୍କୁ ବୋନସ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଉଛି। ଅପରପକ୍ଷରେ କେନ୍ଦୁପତ୍ର ତେଳାଳିଙ୍କୁ କେନ୍ଦ୍ର ଲଗାତାର ଉପେକ୍ଷା କରି ଆସୁଛି। ଏହାଉପରେ ରାଜ୍ୟର ପାଖାପାଖି ୧୦ ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ଏଥିରୁ ଅଧିକାଂଶ ଆଦିବାସୀ ମହିଳା ଅଟନ୍ତି। ମାତ୍ର କେନ୍ଦୁପତ୍ର ଉପରୁ ୧୮ ପ୍ରତିଶତ ଜିଏସ୍‌ଟି ଛାଡ଼ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଏକାଧିକବାର ଚିଠି ଲେଖିଥିଲେ ହେଁ ଏନେଇ କେନ୍ଦ୍ର ଆଦୌ କର୍ଣ୍ଣପାତ କରୁନାହିଁ।

ଅନ୍ୟପକ୍ଷରେ ଆଦିବାସୀ ଜମି ହସ୍ତାନ୍ତରଣ ନିଷ୍ପତ୍ତି ସମ୍ପର୍କରେ ଆଜି ଗୃହକୁ ଅବଗତ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଅବଗତ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ହାଉସିଂ ସ୍କିମ ଅଥବା କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟ, ସବୁଥିରେ ଆଦିବାସୀ ବର୍ଗ ବଞ୍ଚିତ ହେଉଥିବା ସଭିଏଁ ଅନୁଭବ କରୁଛନ୍ତି। ଆଦିବାସୀ ନିଜ ଜମିକୁ ବନ୍ଧକ ରଖି ଚାଷ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଋଣ ନେଇପାରୁ ନାହିଁ। ତେଣୁ ଏହାର ଆବଶ୍ୟକତା ଥିବା ସମସ୍ତେ ଅନୁଭବ କରୁଥିଲେ। ଗତ ଜୁଲାଇ ୧୧ ତାରିଖରେ ସବୁ ଦଳର ବିଧାୟକଙ୍କୁ ନେଇ ଗଠିତ ଆଦିବାସୀ ଉପଦେଷ୍ଟା ପରିଷଦ(ଟିଏସି) ଏହି ପ୍ରସଙ୍ଗକୁ ଅନୁଧ୍ୟାନ କରିବା ସହ ଅନୁମୋଦନ କରିଥିଲେ। ସମ୍ପୃକ୍ତ ଅନୁମୋଦନକୁ କ୍ୟାବିନେଟ ସାମ୍ନାରେ ଉପସ୍ଥାପନ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି। ମାତ୍ର ବିରୋଧୀମାନେ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିବାରେ ଲାଗି ପଡ଼ିଛନ୍ତି। ତେଣୁ ଏହାର ପୁନର୍ବିଚାର ନିମନ୍ତେ ଟିଏସିକୁ ପୁନର୍ବାର ସମ୍ପୃକ୍ତ ପ୍ରସଙ୍ଗକୁ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ୨୭ରେ ଲଘୁଚାପ...

୧ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ଅପରିବର୍ତ୍ତିତ ରହିବ। ଆଭ୍ୟନ୍ତରୀଣ ଦକ୍ଷିଣ ଓ କେନ୍ଦ୍ରୀୟ ଓଡ଼ିଶାରେ ୧ ତାରିଖ ରାତିରୁ ତାପମାତ୍ରା ପ୍ରାୟ ୩-୪ ଡିଗ୍ରୀ ହ୍ରାସ ହେବ। ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେରେ ତାପମାତ୍ରା ୨ ଡିଗ୍ରୀ କମିବ ଏବଂ ଡିସେମ୍ବର ପ୍ରଥମ ସପ୍ତାହରେ ସାରା ରାଜ୍ୟରେ ଶୀତ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆସନ୍ତା ୨-୩ ଦିନ ମଧ୍ୟରେ ଅନେକ ସ୍ଥାନରେ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ।

### ମହାକାଶରୁ ଆସିଲା...

ଅଧିକ ସୁଦୃଢ଼ କରିବାରେ ସହାୟତା ମିଳିବ। ଏହା ମାଧ୍ୟମରେ ଅନ୍ୟ ଗ୍ରହରୁ ସୂଚନା, ଫଟୋ ଏବଂ ଭିଡିଓ ପଠାଇବା ପାଇଁ ଜ୍ଞାନକୌଶଳ ଉଦ୍ଭାବନ କରାଯାଇପାରିବ। ଅକ୍ଟୋବର ୧୩ ତାରିଖରେ ମହାକାଶ ଯାନ 'ସାଇକେ'କୁ ଉତ୍କ୍ଷେପଣ କରାଯାଇଥିଲା। ଗତ ୧୪ ତାରିଖରେ କାଲିଫର୍ଣ୍ଣିଆ ସ୍ଥିତ ପାଲୋମର ଅବଜରଭେଟୋରୀରେ ଥିବା 'ହେଲ୍ ଟେଲିସ୍କୋପ' ସହ 'ସାଇକେ' ଯୋଗାଯୋଗ ଲିଙ୍କ୍ ସ୍ଥାପନ କରିଥିଲା। ଏହି ଲିଙ୍କ୍‌ର ସଫଳ ପ୍ରୟୋଗର ନାମ 'ଫାଷ୍ଟ ଲାଇଟ' ରଖାଯାଇଛି।

### ତର୍ଜମା କରିବ...

ମନ୍ତ୍ରୀ ସୁଦାମ ମାର୍ଣ୍ଡି ତାଙ୍କ ସୋସିଆଲ୍ ମିଡିଆ ହାଣ୍ଡଲ୍ ରେ ଏ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ଅନୁରୂପ ଭାବରେ ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ (ଓସ୍ୱାସ)ର ଉନ୍ନତିକରଣକୁ କ୍ୟାବିନେଟ ଅନୁମୋଦନ ମିଳିଛି। ସମଗ୍ର ଦେଶରେ ଡିଜିଟାଲ ୱାର୍କଫ୍ଲୋ ସିଷ୍ଟମର ଅନ୍ୟତମ ଶ୍ରେଷ୍ଠ ବ୍ୟବସ୍ଥା ଭାବରେ ଓସ୍ୱାସ୍‌ର ସ୍ୱତନ୍ତ୍ର ଖ୍ୟାତି ରହିଛି। ଏହି ଉନ୍ନତିକରଣ ପଦକ୍ଷେପ ୫-ଟି ଢାଞ୍ଚାରେ ଶାସନର ଦକ୍ଷତାସ୍ତରକୁ ଆହୁରି ଉଚ୍ଚତର ସୋପାନକୁ ନେବା ସହିତ ନାଗରିକ ଅନୁକୂଳ ସ୍ୱଚ୍ଛ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ୧୯୬୨ରେ ପ୍ରତିଷ୍ଠା ହୋଇଥିଲା। ବିଶ୍ୱ ବିଦ୍ୟାଳୟର ଅଧିକାଂଶ ଭିତ୍ତିଭୂମି ୫ ଦଶନ୍ଧିରୁ ଅଧିକ ହୋଇଥିବାରୁ ଏହାର ଜରୁରୀ ମରାମତି, ନବୀକରଣ ଓ ପୁନଃନିର୍ମାଣ ପାଇଁ ୨୦୨୩-୨୪ ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ବର୍ଷ ପାଇଁ ରାଜ୍ୟ କ୍ୟାବିନେଟ ୪୯୧.୪୧ କୋଟି ଟଙ୍କା ମଞ୍ଜୁରୀ ଦେଇଛନ୍ତି।

### ୧୦ ଜିଲ୍ଲାରେ...

ଅନୁମୋଦନ କର୍ତ୍ତୃପକ୍ଷ (ଏଚ୍‌ଏଲସିଏ) ବୈଠକରେ ୮୪ ହଜାର ୯୧୮କୋଟି ୭୫ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୟନ, ସବୁଜ ହାଇଡ୍ରୋଜେନ୍, ସବୁଜ ଆମୋନିଆ, ଇସ୍ପାତ, ଶକ୍ତି, ନବୀକରଣଯୋଗ୍ୟ ଶକ୍ତି, କେମିକାଲ ଓ ପେଟ୍ରୋକେମିକାଲ ଭଳି କ୍ଷେତ୍ରରୁ ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପଗୁଡିକ ଦ୍ୱାରା ରାଜ୍ୟର ୧୦ଟି ଜିଲ୍ଲା କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ମାଲକାନଗିରି, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପ ସମୃଦ୍ଧ ହେବା ସହ ୪୨, ୨୮୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଆଜି ମିଳିଥିବା ଅନୁମୋଦନ ଅନୁସାରେ, ୱେଲସ୍ପନ୍ ଲିଭିଂ ଲିମିଟେଡ୍ କଟକଠାରେ ୩୦୫୦ କୋଟି ଟଙ୍କା ବ୍ୟୟରେ ଏକିକୃତ ବୟନ କାରଖାନା ଏବଂ ଲଜିଷ୍ଟିକ୍ ପାର୍କ ପ୍ରତିଷ୍ଠା କରିବ। କମ୍ପାନୀ ଏଠାରେ ୨୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତ କରିବ। ସେହିପରି ୱେଲସ୍ପନ୍ କର୍ପୋରେସନ୍ ଲିମିଟେଡ୍ ସମ୍ବଲପୁରରେ ୩୧୩୭ କୋଟି ଟଙ୍କା ନିବେଶ କରି ଇଆରଡବ୍ଲୁ ପାଇପ୍, ଡିଆଇ ପାଇପ୍, ପାଇକ୍ କୋଟିଂ ଆଦି ଉତ୍ପାଦନ କରିବା ସହିତ ୩୮୩୦ ଜଣଙ୍କୁ ନିଯୁକ୍ତ କରିବ। ୱେଲସ୍ପନ୍ ଏନର୍ଜୀ ଲିମିଟେଡ୍ ୧୩, ୮୬୦ କୋଟି ଟଙ୍କା ନିବେଶ କରି କେନ୍ଦ୍ରାପଡ଼ାରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ସ୍ଥାପନ କରି ୧ ହଜାର ଲୋକଙ୍କୁ ନିଯୁକ୍ତି ଦେବ। ଅପରପକ୍ଷେ ଗୋପାଳପୁର ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ରେ ସେମ୍ବକୋର୍ପ ଗ୍ରୀନ୍ ହାଇଡ୍ରୋଜେନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୧୩ ହଜାର କୋଟି ଟଙ୍କା ନିବେଶ କରିବ। କମ୍ପାନୀ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କାରଖାନାରେ ୧୨୫୦ ଲୋକଙ୍କୁ ଚାକିରି ଦେବ। ରିନ୍ୟୁ ଇ-ଫ୍ୟୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ମାଲକାନଗିରିରେ ୧୦, ୦୦୫ କୋଟି ଟଙ୍କା ନିବେଶ କରି ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କରିବ। ଏହି କମ୍ପାନୀ ରାୟଗଡ଼ାରେ ୯୦୦୦ କୋଟି ଟଙ୍କା ନିବେଶ କରି ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କରିବ। ଦୁଇ ସ୍ଥାନରେ କମ୍ପାନୀ ୨୪୦୦ ଲୋକଙ୍କୁ ନିଯୁକ୍ତ କରିବ। ଟାଟା ଷ୍ଟିଲ୍ ଲିମିଟେଡ୍ ଢେଙ୍କାନାଳରେ ୧୦, ୩୫୧.୧୧ କୋଟି ଟଙ୍କା ବିନିଯୋଗ କରି ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଠାରେ ଟାଟା ଷ୍ଟିଲ୍ ୩୭୨୫ ଜଣଙ୍କୁ ନିଯୁକ୍ତି ଦେବ। ସେହିପରି ବିଏମ୍‌ଡବ୍ଲୁ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କଳିଙ୍ଗନଗରରେ ୧୦୯୪ କୋଟି ଟଙ୍କା ନିବେଶ କରି ଇସ୍ପାତ ଉତ୍ପାଦନ କରିବ। ଝାରସୁଗୁଡ଼ାରେ ଓରିସା ମେଟାଲଜିକାଲ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ୫୨୦୦ କୋଟି ଟଙ୍କା ବିନିଯୋଗ କରି ଇସ୍ପାତ କାରଖାନା ପ୍ରତିଷ୍ଠା କରିବ। କମ୍ପାନୀ ଏକ ସଙ୍ଗରେ ୬ ହଜାର ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ସୁନ୍ଦରଗଡ଼ରେ ଏନ୍‌ଟିପିସି ଲିମିଟେଡ୍ ଶକ୍ତି ଓ ଅକ୍ଷୟଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ଏଥିପାଇଁ ଏନ୍‌ଟିପିସି ୯୨୦୮ କୋଟି ଟଙ୍କା ନିବେଶ କରିବ ଏବଂ ୧୩୬୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଝାରସୁଗୁଡ଼ାରେ ଇଣ୍ଡ ବାର୍ଥ ଏନର୍ଜୀ ଉତ୍କଳ ଲିମିଟେଡ୍ ୬୦୧୨ କୋଟି ନିବେଶ କରି ଶକ୍ତି ଓ ଅକ୍ଷୟଶକ୍ତି ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଠାରେ ୪୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଅପରପକ୍ଷେ ଏଜିସ୍ ଭୋପକ ୧୦୦୦ କୋଟି ଟଙ୍କା ବିନିଯୋଗ କରି ଗଞ୍ଜାମରେ କେମିକାଲ ଓ ପେଟ୍ରୋ କେମିକାଲ ପ୍ଲାଣ୍ଟ ସ୍ଥାପନ କରିବା ସହିତ ୧୦୦ ଜଣଙ୍କୁ ନିଯୁକ୍ତି ଦେବ।

### ଭିଜିଲାନ୍ସ ଜାଲରେ ...

ଲମ୍ବିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଭିଜିଲାନ୍ସ ଗଙ୍ଗାଙ୍କ ନାମରେ ଏକ ମାମଲା ରୁଜୁ କରି ତାଙ୍କୁ ପଚରାଉଚରା କରୁଛି।

ନିଶାମାଫିଆଙ୍କ ସହ ହାତ ମିଳାଇ ଗଙ୍ଗା ପୁଳାପୁଳା କଳାଧନ ଅର୍ଜନ କରିଛନ୍ତି ବୋଲି ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ତାଙ୍କର କାରବାର ଉପରେ ନଜର ରଖିଥିଲେ। ଶେଷରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ସ୍ପଷ୍ଟ ହେବା ପରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଜୟପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ଚଢ଼ଉରେ ୩ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା ଚଢ଼ଉ ଜାରି ରହିଛି । ଏହି ଚଢ଼ଉରେ ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ସଦାନନ୍ଦ ପାଣି ଓ ଦୀନବନ୍ଧୁ ବେହେରା ନେତୃତ୍ୱ ନେଇଥିଲେ।

## ଓସିଏସ୍ ପ୍ରିଲିମ୍‌ନାରୀ ପରୀକ୍ଷା ଫଳ ପ୍ରକାଶ

**କଟକ, ୨୪।୧୧(ସମିସ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍)-୨୦୨୨ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ୮ ହଜାର ୨୨୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ଓସିଏସ୍‌ର ମୁଖ୍ୟ ଲିଖିତ ପରୀକ୍ଷା ଦେବେ। ଆସନ୍ତା ଫେବୃଆରୀ ମାସରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।


**AFFIDAVIT**

I, Geetanjali Chhatoi, W/o- Sahadeb Pradhan, resident of AT- Chhatragarh, PO-INS Chilika, PS- Balugaon, Dist- Khordha, Pin-752030, Odisha declare by this affidavit No. 1901, dated- 17/10/2023 sworn before P K Nayak, Notary Public ,Govt. of Odisha that my name **GEETANJALI CHHATOI** is changed to **GEETANJALI PRADHAN**, now onwards I shall be known as **GEETANJALI PRADHAN** for all future purposes and my name **GEETANJALI & GITANJALI** is one and same person.

**ଆବଶ୍ୟକ**

ନିବେଦିତା ଖବରକାଗଜ ପାଇଁ ସାମ୍ବାଦିକ ଆବଶ୍ୟକ

ଯୋଗାଯୋଗ
୮୫୯୮୯୦୫୧୭୦
୭୦୦୮୩୫୧୪୬୬

**AFFIDAVIT**

I Shri Rohini Nandan Mahapatra, S/O. Umacharan Mohapatra, Residence of Patrapur, P.S.- Banki, Dist- Cuttack, Pin- 754008, Odisha declared by this affidavit no- 1206, Dated- 26.10.2023, that from now onwards I shall be known as Rohini Nanda Mohapatra for all future purposes.

ଓଡ଼ିଆ ଭର୍ଚୁଆଲ ଏକାଡେମୀ,
ଓକାକ୍ ବିଲ୍ଡିଂ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର, ଏନ-୧/୭-ଡି, ଆଚାର୍ଯ୍ୟବିହାର, ଭୁବନେଶ୍ୱର – ୭୫୧୦୧୩
Email : contact-ova@gov.in.
CAD-3030

ଓଡ଼ିଶାର ରାଜପ୍ରସାଦ (Royal Palace) ଏବଂ ଦୁର୍ଲଭ ପୁସ୍ତକର ଶ୍ରାବ୍ୟ ରୂପାନ୍ତର (Audio Book) ପ୍ରସ୍ତୁତ କରିବା ନିମନ୍ତେ ଓଡ଼ିଆ ଭର୍ଚୁଆଲ ଏକାଡେମୀ ଦ୍ୱାରା ଏକ ମୁକ୍ତ ଚୟନ ପ୍ରକ୍ରିୟା (RFP No : - OVA-OVAO-OPS-0009-2022-445, Dated 24-11-2023) ମାଧ୍ୟମରେ ସଂସ୍ଥା ଚୟନ କରାଯିବ । ସବିଶେଷ ବିବରଣୀ ଓଡ଼ିଆ ଭର୍ଚୁଆଲ ଏକାଡେମୀ ୱେବସାଇଟ (https://www.ova.gov.in), ଓକାକ ୱେବସାଇଟ (ocac.in) ଏବଂ ଓକାକ ବିଜ୍ଞପ୍ତି ଫଳକରେ ଉପଲବ୍ଧ ।

OIPR - 10216/11/0004/2324

**AFFIDAVIT**

By virtue of an affidavit before the Exeutive Magistrate, Salipur, I Shaikh Sayastri Begam Yashaketfiruddin, D/o-Shaikh Tefiruddin R/o- Vill/Po- Mahana, Ps-Salipur,Dist- Cuttack, Odisha-754201. Declare by this affidavit No.2822 dated 23.11.2023, that now onwards I shall be known as **Shaikh Sayastri Begam** for all future purpose.

**AFFIDAVIT**

By virtue of an affidavit before the Notary, Bhubaneswar, I Madhusmita Rath, W/o-Ashoka Kumar Nanda R/o- Flat No-C-219, Venus Royal Hyde, Rasulgarh, Bhubaneswar, Odisha- 751010. Declare by this affidavit No.20AA926059 dated 06.09.2013, that now onwards I shall be known as Madhusmita Nanda for all future purpose.

**Tender Call Notice**

**PANCHAYAT SAMITI, JUJOMURA, DIST- SAMBALPUR**

**BID IDENTIFICATION No: 01/2023-24**

No. 2887 Date: 24.11.2023

The BDO, Jujomura on behalf of Governor of Odisha invites Percentage Rate bids for following work from eligible contractors registered with State Govt.,Contractors of equivalent grade/class registered with Central Govt. for execution of civil works, which agreement is to be drawn in P1 form;

| Sl. No | Name of the WorkS | Approximate value of work | Period of Completion | Class of Contractor | Bid Security @1% | Cost of bid document |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Completion of Mukhya Mantri Sabha Ghar at Padiabahal, Baham GP, Jujomura Block | ₹20,52,844.00 | 6(SIX) Calendar months | "C" & "D" Class | ₹21000/- | ₹6000/- |
| 2 | Completion of Mukhya Mantri Sabha Ghar at Baham , Baham GP, Jujomura Block | ₹26,83,,766.00 | 6(SIX) Calendar months | "B" & "C" Class | ₹27000/- | ₹6000/- |

1. Sale of the Bid document shall start at 10 AM of 28.11.23 and close at 05.30 PM of 12.12.23 during office hours in the office of the under signed. Bids shall be received by this Agency up to 05.30 PM on 12.12.23 through Registered Post/ Speed Post only. The Bid will be opened on 15.12.23 at 11 A.M.
2. To know the detailed advertisement, please visit Block Office, Jujomura on working days.

Block Development Officer, Jujomura

**AFFIDAVIT**

I, Shri Madho Karji, S/o Lt. Sunamo Karji do hereby corrected my name 'Madho Kharjee' to "Madho Karji" vide affidavit No. 346 dtd. 19-10-2023, made before Executive Magistrate, Itanagar Capital Complex, Itanagar (AP). Henceforth, I shall beknown as Shri Madho Karji for all purposes.

**CUTTACK DEVELOPMENT AUTHORITY**
ARUNODAYA BHAWAN, LINK ROAD, CUTTACK-12
Fax No – 0671-2312299, E-mail –cda.cuttack@nic.in
C.D.A CAD-3047

No. 12911/CDA/Dt.24.11.2023

**NOTICE**

**E-AUCTION OF 264 NOS. OF RESIDENTIAL PLOTS IN SECTOR-13, CUTTACK**

Cuttack Development Authority has engaged M/s Railtel Corporation of India Ltd, a Public Sector Enterprise under the Ministry of Railways, Govt of India empanelled as Service Provider in OCAC, Technical Directorate of E & I.T. Department, Govt. of Odisha, for e Auctioning of 264 nos of Residential Plots of different categories in Sector-13, CDA, Cuttack published vide no:: 4380/CDA/dt: 17.04.2023. Railtel Corporation Ltd has initiated e-Auction responsibilities and sending mails to the registered bidders for Profile Updation and acceptance (please "**Mark as Interest**" in the portal) against registered plots from individual bidders. Mail has been sent from e-NIVIDA portal URL: https://cda.enivida.com. For any queries and concerns, please reach out on the **Help Desk No: 9355030608, 9355030620, 9355030604, 9355030621, 9355030613 & 8448288984.**

**The Date of e-Auction shall be intimated shortly through public advertisement and e-mail to the registered bidders.**

OIPR - 13037/11/0173/2324 Sd/- Secretary

**AFFIDAVIT**

By virtue of an affidavit before the notary public bhubaneswar on dtd 22.11.23, that,to correct my name as Lokanath Patnaik instead of wrongly mentioned Loknath patnaik over the high school & 12th standards certificates of my son Bhuban Mohan Patnaik. For all purposes I known as Lokanath Patnaik

SD/- Lokanath Patnaik

**AFFIDAVIT**

By virtue of an affidavit before Notary, Bhubaneswar, I Mamta Gahan, W/o-Susanta Kumar Das R/o Kalinga Nagar, K-8, No.1036, Ghatikia, Bhubaneswar, Dist-Khurda, Odisha-751003. Declare that by this affidavit No.-37126 dated 23.11.2023 that now onwards, I shall be kowan as Mamta Damodar Gahan for all future purpose.

**AFFIDAVIT**

I, Kaum Khan (former name) S/o- Hasim Khan, resident of Vill- Mangalpur, Po- Punanga, Ps/Dist- Jagatsinghpur, Pin- 754103, Odisha declare by this affidavit No-729, dated- 23.11.2023 that now onwards I shall be known as **QUIM KHAN** (new name) for all future purposes.

**CHIEF DISTRICT MEDICAL AND PUBLIC HEALTH OFFICER, KALAHANDI**
Advt. Letter No. 8468 Date: 24.11.2023
E-595 Tender call notice for hiring 02 nos private of vehicle 0/0 CDM &PHO,Kalahandi

Sealed Quotation/Tenders are invited from interested reputed Travel Agencies/Tour Operator/Private Individuals for providing 02 nos of AC Tiago/Bolt/Calerio (petrol) Driven vehicles having citing capacity not more than 05 including Driver which shall conform to the Terms & Condition for official use in 0/0 CDM &PHO, Kalahandi on monthly rent basis with Maximum hire charges Rs.20,000/-per month excluding taxes, with minimum average mileage 17 KM/ Lit. Intending Bidders may obtained Tender paper containing Terms & Condition details of vehicle and its location in the District Website **www.kalahandi.nic.in**. The filled in format (Annexure 1 to 2) as single sealed envelope subscribing at the Top of the envelope TENDER FOR HIRING NOS OF VEHICLES 0/0 CDM &PHO,Kalahandi And the same will be opened on dt. 06.12.2023 time 12 Noon in the Office Chamber of the CDM &PHO, Kalahandi.

The Authority reserves the right to cancel/reject any or all Tender without assessing any reason thereof.

**Sd/- Chief District Medical & Public Health Officer, Kalahandi**

OIPR - 10076/11/0019/2324

**AFFIDAVIT**

I, Budhia Sahoo, W/o Somnath Sahoo resident at Thakurpada, Pubusahi, Khordha, Odisha declare by this affidavit no 3007 dt 23.11.2023 sworn before SM, Khordha that my actual name is BUDHIA SAHOO but in my LIC policy No 574538742 mentioned as SANDHYARANI SAHOO. Hence now on words I shall be known as BUDHIA SAHOO for all future proposes my name BUDIA SAHOO and SANDHYARANI SAHOO is one and same person.

**ODISHA STATE CIVIL SUPPLIES CORPORATION LTD.**
**(A Govt. of Odisha Undertaking)**
**REGISTERED OFFICE: C/2, NAYAPALLI, BHUBANESWAR- 751012**
CIN : U51211OR1980SGC000894
Tel No:0674-239539, Fax No:0674-2395291, website: www.oscsc.in

Tender No. 17427 /P-II/91/2023/PDS Dt. 23.11.2023 CAD-3019

Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source district Subarnapur(Sonepur-2, Panisiali Depot) to recipient district Kandhamal in the State of Odisha |
| 2 | Availability of bid document in the portal | From 29.11.2023 |
| 3 | Last Date / Time for receipt of bids in the portal | dt.05.12.2023 up to 5.00 PM. |
| 4 | Date/Time of Opening of Technical Bid | dt.06.12.2023 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd, C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments /corrigendum/cancellation/ retender etc. if any shall be published only in above websites.

**By Order of Managing Director**
**General Manager (PDS)**

OIPR - 07002/11/0003/2324

B-1327
e-mail ID - sepwd_rgda@yahoo.com
Phone/Fax No –06856 - 223049

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**

**e-Procurement Notice**

**Bid Ideutification No. C.C.E (RANDB) RGDA- 14/ 2023-2024 (Online) Dt. 17.11.2023.**

No. 1583 Date. 17.11.2023

INVITATION FOR BIDS

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below. | | |
| 2. | Nature of work | : | Building Work |
| 3. | No. of works | : | 03 (Three) nos. of work |
| 4. | Estimated Cost. (Approximately) | : | Rs. 244.71 Lakhs, Rs. 502.01 Lakhs Rs. 565.65 Lakhs. |
| 5. | Bid Cost (Online) | : | Rs. 10,000/- (each) |
| 6. | EMD/ Bid Security Amount (Online) | : | One Percentage of the Estimated Cost. |
| 7. | Class of Contractor | : | B and A Class, as per Financial Eligibility. |
| 8. | Availability of Bid Documents in the website | : | 11.00 Hrs of Dt. 28.11.2023 to 17.00 Hrs of Dt. 12.12.2023. |
| 9. | Date of opening of Bid | : | 11.00 Hrs of Dt. 13.12.2023 |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR - 34154/11/0020/2324

Sd/- Chief Construction Engineer
Rayagada (R&B) Circle, Rayagada

**NATIONAL CONSUMER DISPUTES REDRESSAL COMMISSION**
Under the Consumer Protection Act, 2019
UPBHOKTA NYAY BHAWAN, 'F Block, General Pool Office Complex,, INA, New Delhi-23
Telephone No. :011-24608801-04
Fax No.: 011-24651505
Email: ncdrc[at]nic[dot]in Website : www.ncdrc.nic.in
**REVISION PETITION NO. 2307/2019**
**WITH**
IA/6986/2023
(Against the order dated 16 Jul 2019 in Appeal Number 992/2016 of the State Commission West Bengal)
**GOURI SAHA** .......**Petitioner/Appellant**
**Vs.**
**AMAREBDRA NATH DAS & 19 Ors.**
......**Opposite Party/Respondent(s)**
To,
**Opposite Party / Respondent**
SMT. DURGA DAS, W/O, SHRI SANTOSH DAS, BAZAAR CUTTACK, ORISSA-753001.

**NOTICE**

**WHEREAS** GOURI SAHA Vs. AMAREBDRA NATH DAS & 19 ORS, has filed a Revision Petition no. 2307 of 2019 against the order dated 16.07.2019 in First Appeal No. 992 of 2016 of the State Commission, West Bengal. The above mentioned Revision Petition is pending before the National Commission, New Delhi wherein you have been arayed as Respondent.
**WHEREAS** this Commission has ordered vide order dated 25.09.2023 to effect service upon you by this Publication returnable on 04.12.2023.
**NOW, THEREFORE, TAKE NOTICE** that you are hereby directed to appear before this Commission in person or through your counsel/authorized representative on **04.12.2023 at 10.30 a.m.** failing which the Petition will be disposed of ex-parte on merits.
Dated New Delhi, on this 6 October 2023.

**SECTION OFFICER**

# ଗୋପାଳପ୍ରସାଦ ଗ୍ରାମବାସୀଙ୍କ ପକ୍ଷରୁ ହିଙ୍ଗୁଳା ଖଣି ବନ୍ଦ ଆନ୍ଦୋଳନ



**ତାଳଚେର, ୨୪।୧୧(ସମିସ)**

ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣ ଆଦି ଦାବି ନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ପକ୍ଷରୁ ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଛି। ଆଜି ଶତାଧିକ ଗ୍ରାମବାସୀ ହିଙ୍ଗୁଳା କୋଇଲା ଖଣି, ଟାଇମ ଅଫିସ, କୋଇଲା ପରିବହନ ରାସ୍ତା ଆଦି ଅବରୋଧ କରିବାରୁ ଖଣିରୁ କୋଇଲା ଉତ୍ପାଦନ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ପୂର୍ବରୁ ଗୋପାଳପ୍ରସାଦ ପଞ୍ଚାୟତର ଦୁଇଟି ପର୍ଯ୍ୟାୟରେ ବାସଗୃହ ଓ ଜମି ଏମସିଏଲ୍ ହିଙ୍ଗୁଳା କୋଇଲା ଖଣି ଦ୍ୱାରା ଅଧିଗ୍ରହଣ କରାଯାଇଥିଲା।

ତୃତୀୟ ପର୍ଯ୍ୟାୟରେ ଥିବା ଅବଶିଷ୍ଟାଂଶ ଜମି ଓ ବାସଗୃହଗୁଡିକୁ ଏମସିଏଲ୍ ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କୁ ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ, ୨୦୦ରୁ ଉର୍ଦ୍ଧ୍ୱ ଜମିହରା ପ୍ରଜାଙ୍କୁ ନିଯୁକ୍ତି ତଥା ଥଇଥାନ ଆଦି ସୁବିଧା ପ୍ରଦାନ କରାଯାଇନାହିଁ। ତାହା ସହିତ ତୃତୀୟ ପର୍ଯ୍ୟାୟ ଜମିହରା ପ୍ରଜାମାନଙ୍କର କ୍ଷତିପୂରଣ ଓ ଥଇଥାନ ସମ୍ବନ୍ଧୀୟ କୌଣସି ସ୍ପଷ୍ଟ ନିଷ୍ପତ୍ତି ହୋଇପାରି ନାହିଁ। ଏନେଇ ଗ୍ରାମବାସୀ ବାରମ୍ବାର ଏମସିଏଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଖଣି କର୍ତ୍ତୃପକ୍ଷ ଏକ ଚୁକ୍ତିନାମା ଗ୍ରାମବାସୀଙ୍କ ସହିତ କରିଥିଲେ ମଧ୍ୟ ଏହି ଚୁକ୍ତିନାମାକୁ ଅଣଦେଖା କରି ସେମାନଙ୍କୁ ପ୍ରତାରଣା କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଶ୍ରୁତି ରକ୍ଷା କରିବାରେ ଖଣି କର୍ତ୍ତୃପକ୍ଷ ବାରମ୍ବାର ବିଫଳ ହେଉଥିବାରୁ ଗ୍ରାମବାସୀ ଏହି ଆନ୍ଦୋଳନ ଚଳାଇଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ହିଙ୍ଗୁଳା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ହିଙ୍ଗୁଳା ମହାପ୍ରବନ୍ଧକ, ଉଚ୍ଚପଦସ୍ଥ ଖଣି ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ସମାଧାନୀ ବୈଠକ ବସିଛି।



**ଅନୁଗୋଳ:** ଏଡୁ ପ୍ଲସ୍ ପ୍ଲେ ବିଦ୍ୟାଳୟରେ କୁନି ପିଲାମାନଙ୍କ ଦ୍ୱାରା ଡଙ୍ଗା ଭସାଣ ଉତ୍ସବ।

# କିଶୋରନଗର ହାଇସ୍କୁଲରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

**କିଶୋରନଗର, ୨୪।୧୧(ସମିସ):** ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ ତଥା ପରିଚାଳନା ଓ ଉନ୍ନୟନ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ସମ୍ମାନିତ ଅତିଥି ଭାବରେ ସିଆର୍‌ସିସି ସୁଦାମ ଚରଣ ପ୍ରଧାନ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପୁରସ୍କାର ତଥା ବିଦ୍ୟାଳୟର ପରୀକ୍ଷା ଫଳ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଭୈରବ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିନାୟକ ଦେହୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ହିତାଧିକାରୀଙ୍କ ପାଇଁ ପକ୍କାଘର ସାତସପନ

**ତାଳଚେର, ୨୪।୧୧(ସମିସ):** ଘରକରଣ ସାମଗ୍ରୀର ଦର ଆଶାତୀତ ଭାବେ ବଢ଼ି ଚାଲିଛି। ଯଥା ବାଲି, ମେଟାଲ, ଚିପସ୍, ସିମେଣ୍ଟ ଓ ଲୁହାର ମୂଲ୍ୟ ହୁ ହୁ ହୋଇ ବଢ଼ୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପାଖରୁ ପାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଘର ଖଣ୍ଡିଏ ନିର୍ମାଣ କରିବା ଏବେ ସାତସପନ ହୋଇଛି। ଉକ୍ତ ଯୋଜନାରେ ଯେଉଁ ଗରିବ ହିତାଧିକାରୀମାନେ ଅନ୍ତର୍ଭୂକ୍ତ ତଥା ସାଧାରଣ ବର୍ଗର ଲୋକାମନେ ପକ୍କାଘର ଖଣ୍ଡେ ନିର୍ମାଣ କରିବାକୁ ନେଇ ଏବେ ଅକ୍ଷମ ହେଉଛନ୍ତି। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥ ରାଶିରେ କିପରି ଘର ଖଣ୍ଡେ ନିର୍ମାଣ କରିବେ ତାକୁ ନେଇ ଉଠିଛି ପ୍ରଶ୍ନ? ଘଟଣାରୁ ପ୍ରକାଶ ତାଳଚେରରେ ରହିଥିବା ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରୁ ହାଇୱା ବୋଝେଇ ବାଲି ଟ୍ରିପି(୫କିମି) ଦୂରତା ଭିତରେ ୧୩ହଜାର ଟଙ୍କା, ଟିପ୍ପରରେ ଟ୍ରିପ ପିଛା ୭ହଜାର ୫୦୦ ଟଙ୍କା ଓ ଟ୍ରାକ୍ଟର ପିଛା ୩ହଜାର ୫୦୦ ଟଙ୍କା ବାଲିଘାଟ ମାଲିକ ନେଉଛନ୍ତି। ପୁନଶ୍ଚ ଏହି ବାଲି ରାତିଅଧିଆ ଦିଆଯାଉଥିବା ନେଇ ଆଲୋଚନାର ବିଷୟ ହୋଇଛି। ସେହି ଭଳି ପାଉଁଶ ଇଟା, ସିମେଣ୍ଟ, ରଡ୍ ଓ ଘରର ଅନ୍ୟାନ୍ୟ ଉପକରଣ ଗୁଡ଼ିକର ଦର ମଧ୍ୟ ଆକାଶଛୁଆଁ ହୋଇପଡ଼ିଛି। ତେବେ ସରକାର ଘର ନିର୍ମାଣ ପାଇଁ ଦେଉଥିବା ଅର୍ଥକୁ ବୃଦ୍ଧି କରିବା ସହ ଏହି ସବୁ ଉପକରଣ ଗୁଡ଼ିକର ମୂଲ୍ୟ ବୃଦ୍ଧି ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ, ୨୪।୧୧(ସମିସ):** ଭାରତ ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ସହଯୋଗରେ ଅନୁଗୋଳ ଜିଲ୍ଲାର ସାମାଜିକ ଅନୁଷ୍ଠାନ 'ବିକଳ୍ପ ବିକାଶ- ଓଡ଼ିଶା' ଆନୁକୂଲ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶଙ୍କ ପରିଚାଳନାରେ ପାଲଲହଡ଼ା ବ୍ଲକ ସଭାଗୃହଠାରେ ସର୍ବସାଧାରଣଙ୍କୁ ନେଇ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲ ଓ ସମ୍ମାନିତ ଅତିଥି ତଥା ସାଧାନ ବ୍ୟକ୍ତି ଭାବେ ବିଧୁଭୂଷଣ ସିଂ ନାୟକ, କନିଷ୍ଠ ଯନ୍ତ୍ରୀ, ଜାତୀୟ ରାଜପଥ, ପାଲଲହଡା ଡିଭିଜନ, ସମାଜ ବିଜ୍ଞାନୀ ସନ୍ତୋଷ କୁମାର ଦାଶ ପ୍ରମୁଖ ସଡକ ସୁରକ୍ଷାର କାରଣ ଓ ଦୁର୍ଘଟଣା କମାଇବା ନିମନ୍ତେ ସମସ୍ତଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଅବସରରେ ସଚେତନତା ପୂର୍ବକ ଛାତ୍ରଛାତ୍ରୀ ସଡ଼କ ସୁରକ୍ଷା ଜୀବନ ରକ୍ଷାର ଶପଥ ନେଇଥିଲେ। ଅନୁଷ୍ଠାନର କର୍ମୀ ରେଖାରାଣୀ ତ୍ରିପାଠୀ, ଜୟନ୍ତୀ ଖୁଣ୍ଟିଆ, ରାମଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରେଜିନା ବାରିକ ଧନ୍ୟବାଦ ଅପର୍ଣ କରିଥିଲେ।

# ପଞ୍ଚକରେ କନ୍ଦାଉଛି ପନିପରିବା ଦର



**ତାଳଚେର, ୨୪।୧୧(ସମିସ):** କାର୍ତ୍ତିକ ମାସରେ ପନିପରିବାର ଚାହିଦା ଅଧିକ। ହେଲେ ମହାପଞ୍ଚକରେ ପରିବାର ଚଢ଼ା ଦର ଏବେ ଖାଉଟିଙ୍କ ମନକୁ ଖଟା କରି ଦେଇଛି। ସବୁ ପରିବା ଘରକୁ କିଣିବା ସମ୍ଭବ ନୁହେଁ। ଏପରିକି ୫୦୦ ଟଙ୍କାରେ ପରିବା ବ୍ୟାଗ ଭର୍ତ୍ତି ହେଉନାହିଁ। ପରିବା ଦର ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବିଲାତି ୭୦କୁ କଲରା ୬୦ରୁ ୭୦, ବାଇଗଣ ୭୦, ଭେଣ୍ଡି ୬୦, ଗାଜର ୫୦ ଟଙ୍କାରେ ବିକ୍ରି ହେଉଛି। ବଜାରରେ ହାତ ଗଣତି କିଛି ପରିବାକୁ ଛାଡ଼ିଲେ ସବୁ ପରିବା ଦାମ କେଜି ପ୍ରତି ୫୦ ଟଙ୍କା ଉପରେ ରହିଛି। ଏବେ କାର୍ତ୍ତିକ ମାସ ମହାପଞ୍ଚକ ଚାଲିଥିବା ବେଳେ ପନିପରିବାର ଦର ବୃଦ୍ଧି ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇଛି। ମୁଖ୍ୟତଃ କାର୍ତ୍ତିକ ମାସର ପଞ୍ଚକରେ ପ୍ରାୟ ଲୋକେ ନିରାମିଷ ଖାଇବା ସହିତ ହବିଷ ପାଳିବା ପାଇଁ ପନିପରିବା ଉପରେ ନିର୍ଭର କରୁଥିବା ବେଳେ ପରିବା ଚାହିଦା ଅଧିକ ରହିଥାଏ।

# ୧୦ମ ଦିନରେ ଚକବନ୍ଦୀ ଉଚ୍ଛେଦ ଦାବିରେ ଗଣଧାରଣା

**ଅନୁଗୋଳ, ୨୪।୧୧(ସମିସ):** ଚାଷୀ ସୁରକ୍ଷା କମିଟି, ଅନୁଗୋଳର ଆହ୍ୱାନ କ୍ରମେ ଚକବନ୍ଦୀ କାର୍ଯ୍ୟକ୍ରମକୁ ବିରୋଧ କରି ୯୨ଖଣ୍ଡ ଚକବନ୍ଦୀ ଅଧ୍ୟୁଷିତ ଗ୍ରାମର ନିଷ୍ପତିକ୍ରମେ ଆଜି ୧୦ମ ଦିନରେ ଗଣଧାରଣାରେ ସାମିଲ ହୋଇଛନ୍ତି କୁଇଓ ଗ୍ରାମର ଚାଷୀମାନେ। ଦୀର୍ଘ ୪୧ବର୍ଷ ହେଲାଣି ଚକବନ୍ଦୀ ରେକର୍ଡ ରୟତମାନଙ୍କୁ ପ୍ରଦାନ କରି ଏପର୍ଯ୍ୟନ୍ତ ଦଖଲ ଦେଇନାହାନ୍ତି। ସ୍ୱାଧୀନତା ପରେ ଏହି ଗ୍ରାମ ମାନଙ୍କରେ ଥରେ ମାତ୍ର ଜମି ବନ୍ଦୋବସ୍ତ ୧୯୫୨-୬୨ରେ କାର୍ଯ୍ୟକାରୀ କରିଥିଲେ। ଆଜିର ଧାରଣାରେ ରାଜ୍ୟସ୍ତରୀୟ ବିଶିଷ୍ଟ ଶ୍ରମିକ ନେତା ଜୟସେନ ମେହେର, ତରୁଣ କୁମାର ଦେହୁରୀ ଓ ଅକ୍ଷୟ କୁମାର ଗଡ଼ନାୟକ ଚକବନ୍ଦୀ ଉଚ୍ଛେଦ ଦାବିରେ




ନିଜର ସକରାତ୍ମକ ବକ୍ତବ୍ୟ ପ୍ରଦାନ କରିବା ସହିତ ଆଗାମୀ ଦିନରେ ଚାଷୀ ସୁରକ୍ଷା କମିଟିକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ପାଇଁ ମତ ପ୍ରଦାନ କରିଥିଲେ।

# କଣିହାଁ ବ୍ଲକ ଅଫିସ ଆଗରେ ଅଇଁଠା ଖଲି



**କଣିହାଁ, ୨୪।୧୧(ସମିସ):** କଣିହାଁ ବ୍ଲକ ଅଫିସ୍ ସମ୍ମୁଖରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଅଇଁଠା ଖଲି ସାଙ୍ଗକୁ ଅଳିଆ, ଆବର୍ଜନା ପାଣିର ଦୃଶ୍ୟ ଦେଖିବାକୁ ମିଳିଥିଲା। ଯଦି ସରକାରୀ ଅଫିସ୍ ସମ୍ମୁଖରେ ଏମିତି ସଫାସୁତରା ହେଉଛି, ତାହା ହେଲେ ବ୍ଲକର ଗ୍ରାମାଞ୍ଚଳରେ କିଭଳି ସ୍ଥିତି ଏଥିରୁ ଅନୁମେୟ। ବ୍ଲକ ଅଫିସ୍ ସମ୍ମୁଖ ଏମିତି ଦୃଶ୍ୟ ଦେଖି ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଦାବି ହୋଇଛି।

# ପୁରୁଷ ବନ୍ଧ୍ୟାକରଣ ପକ୍ଷ ଉଦ୍‌ଘାଟିତ



**ଅନୁଗୋଳ, ୨୪।୧୧(ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୁରୁଷ ବନ୍ଧ୍ୟକରଣ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଧ୍ୟକରଣ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର ଶିବାନନ୍ଦ ମହାନ୍ତି ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଉଦଗତା, ପାରା ମେଡିକାଲ ଷ୍ଟାଫ ବିଭାଗୀୟ ଅଧିକାରୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ଆସନ୍ତା ୨୮ ତାରିଖରୁ ଡିସେମ୍ବର ୪ ମଧ୍ୟରେ ପୁରୁଷ ବନ୍ଧ୍ୟକରଣ ପାଳନ କରାଯିବ। ଅତିରିକ୍ତ ଜିଲ୍ଲା ଜନ ସଂଖ୍ୟା ବୃଦ୍ଧି ରୋକିବାରେ ପୁରୁଷ ବନ୍ଧ୍ୟକରଣର ଗୁରୁତ୍ୱ ଉପରେ ସଚେତନତା କରିଥିଲେ।

# ଡିଗ୍ରୀ କଲେଜରେ ଚିତ୍ରାଙ୍କନ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା



**କିଶୋରନଗର, ୨୪।୧୧(ସମିସ):** କିଶୋରନଗର ଡିଗ୍ରୀ କଲେଜରେ ସରକାରଙ୍କ ଯୁବ ବକାଶ କାର୍ଯ୍ୟକ୍ରମ ଅବସରରେ ଆଜି ଚିତ୍ରାଙ୍କନ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧ ତାରିଖରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ, ଜୟକୃଷ୍ଣ ପ୍ରଧାନ, ପୁରୁଷୋତ୍ତମ ସାହୁ, ନଳୀନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ତାଳଚେରରେ ମାତ୍ରାଧିକ ପ୍ରଦୂଷଣ

**ତାଳଚେର, ୨୪।୧୧(ସମିସ):** ତାଳଚେରରେ ମାତ୍ରାଧିକ ବାୟୁ ପ୍ରଦୂଷଣ ଯୋଗୁଁ ବୃଦ୍ଧି ପାଉଛି ରୋଗୀ ସଂଖ୍ୟା। ଏଠାରେ ୮ଟି ଖୋଲାମୁହଁ କୋଇଲା ଖଣି ରହିଥିବା ବେଳେ ୪ଟି ଭୂତଳ କୋଇଲା ଖଣି ରହିଛି। ଏହି କୋଇଲାକୁ ନଜରରେ ରଖି ଏଠାରେ ଏନଟିପିସି, ଟିଟିପିଏସ୍ ଭଳି ରାଷ୍ଟ୍ରାୟତ କମ୍ପାନୀ ରହିଥିବା ବେଳେ ଛୋଟମୋଟ କଳକାରଖାନା ଗଢ଼ି ଉଠିଛି। କୋଇଲା ଖଣି ଗୁଡ଼ିକରୁ ମାତ୍ରାଧିକ ଧୂଳିଧୂଆଁ ଓ ବିଭିନ୍ନ କଳକାରଖାନାରୁ ନିର୍ଗତ କେମିକାଲ ଯୁକ୍ତ ରାସାୟନିକ ଗ୍ୟାସ୍ ବାୟୁମଣ୍ଡଳକୁ ଦୂଷିତ କରିପକାଉଛି। ସେହିଭଳି କଳକାରଖାନା ଓ ରାସ୍ତାରେ ମାତ୍ରାଧିକ ଭାରୀଯାନ ଅହରହ ଚଳାଚଳ ଜନିତ ପ୍ରଦୂଷଣକୁ ଆହୁରି ଦ୍ୱିଗୁଣିତ କରିପକାଉଛି। ବର୍ଷାଦିନକୁ ଛାଡ଼ିଦେଲେ ଖରା ଓ ଶୀତ ଦିନରେ ତାଳଚେରର ବାୟୁମଣ୍ଡଳ ଧୂଳିଧୂଆଁରେ ଭରି ରହୁଛି। ଆଜି ଏୟାର୍ କ୍ୱାଲିଟି ଇନ୍‌ଡେକ୍ସରେ ତାଳଚେରରେ ସକାଳ ୯ଟାରେ ୨୪୯, ୧୦ଟା ୪୭ରେ ୨୭୩ ଓ ୧୧ଟା ୩୦ରେ ୨ଶହ ଉପରୁ ଉଠିଥିବା ତଥ୍ୟ ଦେଖିବାକୁ ମଳିଛି। ଯାହାକି ତାଳଚେର ଅଞ୍ଚଳର ପ୍ରଦୁ୍ୟଷଣ ମାତ୍ରା କେତେ ଅଧିକ ତାହା ଏଥିରୁ ସ୍ପଷ୍ଟ ବାରି ହୋଇଯାଉଛି।

# ତାରିଣୀ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

**ନାଲ୍‌କୋ ନଗର, ୨୪।୧୧(ସମିସ):** ଆସନ୍ତା ସୋମବାର ନାଲକୋ କଲୋନୀ ସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ନିମନ୍ତେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୂର୍ବାହ୍ନ ୧୦ଟାରେ ନାଲକୋ ସ୍ଥିତ ଜଗନ୍ନାଥ ମନ୍ଦିରରୁ କଳସ ଯାତ୍ରା ଆରମ୍ଭ ହୋଇ ତାରିଣୀ ମନ୍ଦିରରେ ପହଞ୍ଚିବ। ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନରୁ ରାତି ପର୍ଯ୍ୟନ୍ତ ସଂକୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରମିକ ନେତା ନିର୍ମଳ ସାମଲ, କେଶବ ନାୟକ, ସନ୍ତୋଷ ରାଏ, ପ୍ରଭାତ ଗଡ଼ନାୟକ, ପ୍ରକାଶ ବେହେରା, ମନୋଜ ସ୍ୱାଇଁ, ଗୁଣନିଧି ଅରୁକ, ଚିତ୍ତରଞ୍ଜନ ଦାସ, ତରୁଣ ସାହୁ, ସନ୍ୟାସୀ ସେଠ, ମନୋଜ ମିଶ୍ର, ଅମୀୟ ଦଳେଇ, ସନାତନ କଅଁର, ବସନ୍ତ ଦେହୁରୀ, ମାଧବ ସେଠୀ, ସୁଭାଷ ମିଶ୍ର, ଅବନୀ ମହାପାତ୍ର, ଦିଲ୍ଲୀପ ବାରିକ, ବିକ୍ରମାଦିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଣ୍ଡ ବେଢ଼ାରେ ଘରପୋଡ଼ି

**କିଶୋରନଗର, ୨୪।୧୧(ସମିସ):** କିଶୋରନଗର ଥାନା କଦଳୀମୁଣ୍ଡା ପଞ୍ଚାୟତର ମୁଣ୍ଡବେଢାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଚାଳଘର ପୋଡି ଯାଇଛି। ପ୍ରକାଶ ଯେ, ଆଜି



ଅପରାହ୍ଣରେ ମୁଣ୍ଡବେଢାର ପ୍ରଦୀପ ନାଏକଙ୍କ ଘରେ ନିଆଁ ଲାଗି ଗୋଟିଏ ଚାଳଘର ପୋଡି ପାଉଁଶ ହୋଇଯାଇଛି। ବାମୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ବଅଁରପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇୱାଇଡିପି କାର୍ଯ୍ୟକ୍ରମ

**ବଅଁରପାଳ, ୨୪।୧୧(ସମିସ):** ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ତରଫରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି) ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂ ଜଗଦେବ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟତ କରିଥିଲେ। ତିନୋଟି ପର୍ଯ୍ୟାୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଥମେ ସାଂସ୍କୃତିକ ବିଭାଗର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ତର୍କ, ରଚନା, ସଙ୍ଗୀତ, ନୃତ୍ୟ, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗୀତା ହେଉଛି। ପରବର୍ତ୍ତୀ ସମୟରେ ସାମାଜିକ ଓ ଖେଳକୁଦ ବିଭାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହେଉଛନ୍ତି। ନୋଡାଲ ଅଫିସର ଶ୍ରୀକାନ୍ତ କୁମାର ନାୟକଙ୍କ ସମେତ ଅଧ୍ୟାପକ ବିଶ୍ୱରଞ୍ଜନ, ଦେବଜ୍ୟୋତି ଅବିନାଶ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରୁଛନ୍ତି।



# ଅର୍କିଳରେ ନର୍ମଦେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ

**ପବିତ୍ରନଗର, ୨୪।୧୧(ସମିସ)**

କଣିହାଁ ବ୍ଲକ ଅର୍କିଳ ଗ୍ରାମରେ ନର୍ମଦେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ ହୋଇଛି। ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ନବନର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଚାଲିବା ସହିତ ଶୁକ୍ରବାର ଉଦଯାପିତ ହୋଇଛି। ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ ପରେ ସୂର୍ଯ୍ୟ ପୂଜା ଗୋ-ପୂଜା ସର୍ବ ଦେବାଦେବୀ ପୂଜନ ଅଗ୍ନି ସ୍ଥାପନ ସହିତ ଅନ୍ୟାନ କର୍ମ ପୁରୀ ଜିଲ୍ଲାର ପଣ୍ଡିତ ଓ ସାଧୁସନ୍ଥଙ୍କ ଦ୍ୱାରା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରାଯାଇ ବିଧିକର୍ମ ସହ ପୂର୍ଣ୍ଣାହୁତି ହେଇଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ମୁକେଶ ପାଳ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସାଂସଦ ମହେଶ ସାହୁ, ଅନୁଗୋଳ ବିଧାୟକ ରଜନିକାନ୍ତ ସିଂ, ପୂର୍ବତନ ବିଧାୟକ ରବି ନାରାୟଣ ପାଣ. ବିଜେପି ନେତା ଅଶୋକ ମହାନ୍ତି, ଢେଙ୍କାନାଳ ଜିଲ୍ଲା ଏଡିଏମ ତଥା ଗ୍ରାମବାସିନ୍ଦା ନଳିତ ମୋହନ ବେହେରା, ସରପଞ୍ଚ ହେମନ୍ତ କୁମାର ସାହୁ, ସମିତି ସଭ୍ୟା କଳ୍ପନା ସାହୁ, ଗ୍ରାମ ସଭାପତି ପତିତପାବନ ସାହୁ, ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜି ମନ୍ଦିର ପ୍ରତିଷ୍ଠାକୁ ନେଇ ମନ୍ଦିର ପାର୍ଶ୍ୱ ବିଗ୍ରହ ସ୍ଥାପନ ସହିତ ନର୍ମଦେଶ୍ୱର ମହାଦେବଙ୍କର ମନ୍ଦିର ବିଜେ ନୀତି ଅନୁଷ୍ଠିତ ହୋଇଛି।



# ୧୯୭୧ ମହାବାତ୍ୟା ମୃତକଙ୍କୁ ସମୂହ ପିଣ୍ଡଦାନ

**ରାଜନଗର, ୨୪।୧୧(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଶେଷ ପ୍ରାନ୍ତରେ ଥିବା ବଙ୍ଗୋପସାଗର କୂଳରେ ଥିବା କିମ୍ବଦନ୍ତୀର ଗାଁ ସାତଭାୟା ସାଗରର କରାଳ ଗ୍ରାସରେ ଲୀନ ହୋଇସାରିଛି। ଅବିଶିଷ୍ଟ ସାତଭାୟା ୭ଟି ଗାଁକୁ ନେଇ ଗଠିତ ହୋଇଥିଲା। ୧୯୭୧ ସାମୁଦ୍ରିକ ଝଡ଼ରେ ୨୫ ଫୁଟ ଉଚ୍ଚର ଜୁଆର ସାତଭାୟାର ୭ଟି ଗାଁ ମଧ୍ୟରୁ ୫ଟି ଗାଁକୁ ସମ୍ପୂର୍ଣ୍ଣ ଭସାଇ ନେଇଥିଲା। ପାଖାପାଖି ପ୍ରାୟ ୧୦ ହଜାର ଲୋକ ସମୁଦ୍ରରେ ଭାସିଯାଇଥିଲେ। ଯେଉଁମାନେ ଭାଗ୍ୟ ଓ ଭଗବାନଙ୍କ ଦୟାରୁ ବଞ୍ଚିଯାଇଥିଲେ ସମୁଦ୍ର ଢେଉରେ ଭାସିଆସି ସେମାନେ ଭିତରକନିକାର ଘଞ୍ଚ ଜଙ୍ଗଲରେ ଲାଗିଥିଲେ। ପରବର୍ତ୍ତୀ ସମୟରେ ସେମାନେ ଓକିଲପାଳରେ ବସବାସ କରିଥିଲେ। ସେବେଠୁ ସେମାନଙ୍କ ନୂଆ ଠିକଣା ଓକିଲପାଳ। ୧୯୭୧ ମହାବାତ୍ୟାର ବିଭତ୍ସ ଦୃଶ୍ୟ ଓ ହଜାର ହଜାର ଲୋକଙ୍କ କୁଢ କୁଢ ଶବ କେବଳ ରାଜ୍ୟ ନୁହେଁ, ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏପରିକି ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ରାଜନଗରର ଭୂତପୂର୍ବ ବିଧାୟକ ବିଜୁ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ସାତଭାୟା ପରିଦର୍ଶନ କରି ବିପନ୍ନ ଲୋକଙ୍କ ପାଇଁ ସହାୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭୂଦାନ ଆନ୍ଦୋଳନ ପ୍ରବକ୍ତା ମା' ରମାଦେବୀ ଅସହାୟ ପରିବାରଙ୍କୁ ଓକିଲପାଳଠାରେ ଭେଟି ସହାୟତା ପ୍ରଦାନ କରିବା ସହିତ ଥଇଥାନ ବ୍ୟବସ୍ଥା କରାଇଥିଲେ। ସମୟ ସ୍ରୋତରେ ଅନେକ ସାତଭାୟାର ଅନେକ ସ୍ମୃତି ଭାସିଯାଇଛି। ଏବେ ଓକିଲପାଳରେ ବସବାସ କରୁଥିବା ୫ ଶହରୁ ଊର୍ଦ୍ଧ୍ୱ ପରିବାର ୧୯୭୧ ମହାବାତ୍ୟାରେ ହରାଇଥିବା ପରିବାରବର୍ଗଙ୍କୁ ସମୂହ ପିଣ୍ଡଦାନ କରିଆସୁଛନ୍ତି। ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପରିବାରବର୍ଗଙ୍କୁ ସମୂହ ଭାବେ ପିଣ୍ଡଦାନ କରିବା ଆଜିର ସଭ୍ୟ ସମାଜ ପାଇଁ ନିଶ୍ଚିତ ଭାବେ ଆଦର୍ଶର ଆଭାସ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଓକିଲପାଳର ଅଶୀ ବର୍ଷୀୟ ସୁନାକର ବେହେରା, ୭୫ ବର୍ଷୀୟ ସନ୍ତୋଷ ମଣ୍ଡଳ, ୭୦ ବର୍ଷୀୟ କେଶବ ଜେନା, ବିଚିତ୍ର ଦାସ, ଚକ୍ରଧର ପ୍ରଧାନ, କାର୍ତ୍ତିକ ରାଉତ, ରମେଶ ଚନ୍ଦ୍ର ଦାସ, ବିଜୟ ଦାସ, ଅଲେଖ ନାୟକ, ରତ୍ନାକର ନାୟକ, ଜଗବନ୍ଧୁ ଲେଙ୍କା ପ୍ରମୁଖ ବର୍ଣ୍ଣନା କରିବା ସହିତ କିଭଳି ତାଙ୍କ ଆଖି ସାମ୍ନାରେ ନିଜ ପରିବାର ଲୋକ ୧୯୭୧ ସାମୁଦ୍ରିକ ଝଡ଼ରେ ସମୁଦ୍ର କୁଆଁରେ ଭାସିଯାଇଥିବା କରୁଣ ଓ ଛାତିଥରା ଦୃଶ୍ୟ ବର୍ଣ୍ଣନା କରିଥିଲେ। ଏ ସମୟରେ ସେମାନଙ୍କ ଆଖିପତା ଓଦା ହୋଇଆସୁଥିଲା।

## ଶ୍ରୀରାମ ଜନ୍ମଭୂମି ନ୍ୟାସମଞ୍ଚର ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୨୪।୧୧(ସମିସ):** ଶ୍ରୀରାମ ଜନ୍ମଭୂମି ନ୍ୟାସମଞ୍ଚ ପଟ୍ଟାମୁଣ୍ଡାଇ ଖଣ୍ଡ ଶାସନ ମଣ୍ଡଳ ପକ୍ଷରୁ ବାଲିପାଟଣା ଶୈବ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସାରା ଭାରତରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ନାନାଦି କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯାଇଛି। ସେହି ଅନୁସାରେ ଗ୍ରାମାଞ୍ଚଳରେ ପ୍ରତି ଘରେ ଯେପରି ନିମନ୍ତ୍ରଣ ପହଞ୍ଚିପାରିବ,



ପ୍ରତିଷ୍ଠା ଉତ୍ସବ ଦିନ ପ୍ରତି ମନ୍ଦିର, ଧର୍ମାନୁଷ୍ଠାନ ଏବଂ ପ୍ରତି ଘରେ ଯେଉଁଭଳି ଭଜନ, କୀର୍ତ୍ତନ ଓ ଦୀପ ଦାନ ହୋଇପାରିବ ସେଥିପ୍ରତି କିଭଳି ଜନଜାଗରଣ କରାଯାଇପାରିବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାସନ ମଣ୍ଡଳ ସଂଯୋଜକ ତୀର୍ଥ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମଣ୍ଡଳ ସଦସ୍ୟ ବୈଲୋଚନ ପଣ୍ଡା ସଭାପତି ଆସନ ଅଳଙ୍କୃତ କରି ସଦସ୍ୟଙ୍କୁ ଭବିଷ୍ୟତର କାର୍ଯ୍ୟଧାରା ସମ୍ବନ୍ଧରେ ବୁଝାଇଥିଲେ। ଉକ୍ତ ବୈଠକରେ ରମାକାନ୍ତ ଦାଶ, ଅଜୟ ବେହେରା, ରଶ୍ମୀକାନ୍ତ କୁଣ୍ଡ, ଅଲେଖ ମଲିକ, ଅଭୟ ମାନଧତା, ଗୋପୀନାଥ ପଣ୍ଡା, ପଞ୍ଚାନନ ବିଶ୍ୱାଳ, ନିରଞ୍ଜନ ଦାସ, ଦେବାଶିଷ ମାନଧତା ପ୍ରମୁଖ ଯୋଗ ଦେଇଥିଲେ।

## ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତି ଉପସଭାପତି ନିର୍ବାଚନ

**କେନ୍ଦ୍ରାପଡ଼ା, ୨୪।୧୧(ସମିସ)**




କେନ୍ଦ୍ରାପଡ଼ା ଜିଲ୍ଲା ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତିର ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରାଣୀ ସମ୍ପଦ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ପରିଚାଳିତ ଏହି ସମିତିର ଉପସଭାପତି ନିର୍ବାଚନରେ ସମାଜସେବୀ ଫକୀର ଚରଣ ଖଟୁଆ ନିର୍ବାଚିତ ହୋଇଛନ୍ତି। ଏହି ସମିତିରେ ୫ ଜଣ ଆଜୀବନ ସଦସ୍ୟ ଓ ୩୫ ଜଣ ସାଧାରଣ ସଦସ୍ୟ ଭୋଟ ଦେଇଥିବାବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ଶ୍ରୀ ଖଟୁଆଙ୍କୁ ୨୧ଟି ଭୋଟ ମିଳିଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ସମାଜସେବୀ ବିରଜା ପତି ୧୮ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡଃ ଦୀପ୍ତି ମହାପାତ୍ର, ଡଃ ମନୋଜ କୁମାର ପଟ୍ଟନାୟକ, ଡଃ ପ୍ରଭଞ୍ଜନ କବି, ଡିଏସ୍‌ପି ଲକ୍ଷ୍ମୀନାରାୟଣ ତିୱାରୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟାଳୟ ସହକାରୀ ମନୋରଞ୍ଜନ ପଟ୍ଟନାୟକ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ। ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହି ସମିତିର ସଭାପତି ଥିବାବେଳେ ଏସପି ସନ୍ଦୀପ ସମ୍ପଦ ମଡକର, ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସଭାପତି ଅଛନ୍ତି।

## ପାରାଦୀପର ବିକାଶ ପାଇଁ ରାଷ୍ଟ୍ରପତିଙ୍କୁ ଚିଠି

**କୁଜଙ୍ଗ, ୨୪।୧୧(ସମିସ):** ଭାରତର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦି ମୁର୍ମୁଙ୍କ ପାଖକୁ ପାରାଦୀପ ବିକାଶ ପାଇଁ ଚିଠି ଦ୍ୱାରା ଅନୁରୋଧ କରିଛନ୍ତି ଜଣାଶୁଣା ସମାଜସେବୀ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ଡଃ ଧୃଷ୍ଟିଧର ଦାସ। ରାଷ୍ଟ୍ରପତିଙ୍କ ପାରାଦୀପ ଗ୍ରସ୍ତକୁ ନେଇ ବନ୍ଦରନଗରୀ ପାରାଦୀପ ନୂଆରୂପରେ ସଜେଇ ହେଲାଣି। ନୌବାଣିଜ୍ୟ ଉତ୍ସବ ଓ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବିଭିନ୍ନ ୍ନସ୍ଥାନ ସୁନ୍ଦର ଭାବେ ସଜାଇବା ପାଇଁ ପ୍ରୟାସ ଚାଲିଛି। ସମସ୍ତେ ଆନନ୍ଦିତ ଥିବାବେଳେ ହଜାର ହଜାର ଓଡିଆଙ୍କ ମନରେ ଆନନ୍ଦ ଦ୍ୱିଗୁଣିତ ହୋଇଯାଇଛି। ପ୍ରତିଟି ଓଡ଼ିଆ ଗର୍ବ କରେ ଓ ଛାତିଫୁଲାଇ ହାତବାଡେଇ କୁହେ ଆମ ଓଡିଆ ଜାତିର, ଏ ମାଟିର ଝିଅ ଆଜି ଭାରତର ରାଷ୍ଟ୍ରପତି। ତାଙ୍କ ଆଗମନରେ ନିଶ୍ଚିତ ପାରାଦୀପରେ ବାକି ରହିଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ପ୍ରତ୍ୟେକ ଜନସାଧାରଣ ଆଶା ରଖିଛନ୍ତି। ଅତୀତରେ ବିଭିନ୍ନ ସଂଗଠନ ମାଧ୍ୟମରେ ପାରାଦୀପ ବିକାଶ ପାଇଁ ଦାବି କରିଆସୁଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇପାରିନାହିଁ ବୋଲି ଉପକୂଳ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଡ. ଧୃତିଧର ଦାସ ପ୍ରକାଶ କରିଛନ୍ତି। ଡଃ ଦାସ ଉଲ୍ଲେଖ କରିଛନ୍ତି ଯେ, ପାରାଦୀପ ଦୋଛକିଠାରୁ ଅଠରବାଙ୍କି ଫ୍ଲାଇଓ୍ୱେ ଓଭର ବ୍ରିଜ କାର୍ଯ୍ୟକୁ ତ୍ୱରାନିତ କରାଯାଉ। ବାୟୁ ପ୍ରଦୂଷଣ ରୋକାଯାଉ।

## ଇପିଏଫ୍ ପେନ୍‌ସନ୍‌ଭୋଗୀ ସଂଘ ବୈଠକ

**କୁଜଙ୍ଗ, ୨୪।୧୧(ସମିସ):** ଅଲ୍ ଓଡ଼ିଶା ଇପିଏଫ୍ ପେନସନର ଆସୋସିଏସନ ଜଗତସିଂହପୁର ଜିଲ୍ଲା ଶାଖାର ସାଧାରଣ ଅଧିବେଶନ କୁଜଙ୍ଗସ୍ଥ ଶନି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନେତା କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର ରାଜ୍ୟ ଶାଖାର ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ ଯୋଗଦେଇ ଇପିଏଫ୍ ପେସନ୍‌ସଭୋଗୀ କର୍ମଚାରୀଙ୍କ ବହୁବିଧ ସମସ୍ୟା ଓ ଏହାର ସମାଧାନ ପାଇଁ ସଂଘବଦ୍ଧ ପ୍ରୟାସକୁ ଏକମାତ୍ର ଅସ୍ତ୍ର ବୋଲି କହିବା ସହ ସଂଘର ସଦସ୍ୟଙ୍କ ପାଇଁ ଆଗାମୀ କାର୍ଯ୍ୟପନ୍ଥା ନେଇ ଉଦ୍‌ବୋଧନ ଦେବା ସହ ତୁରନ୍ତ ପେନସନ ବୃଦ୍ଧି ପାଇଁ ଦୃଢ ଦାବିଥିଲେ। ସଂଘର ୪ଟି ଦାବି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ପୂରଣ ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସଂଘର ସଭ୍ୟ କ୍ଷତି ସହୁଥିବା ଅଭିଯୋଗ କରିଥିଲେ। ଏହି ବୈଠକରେ ମୋଟ ୯ଟି ପ୍ରସ୍ତାବ ଗ୍ରହଣ କରାଯାଇଥିବାବେଳେ ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା



ନିର୍ବାଚନ କରାଯାଇଥିଲା। ଉକ୍ତ ସଭାରେ ରଞ୍ଜନ କୁମାର ଖୁଣ୍ଟିଆ, ସରୋଜକାନ୍ତ ମହାନ୍ତି, ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ କୁମାର ମିଶ୍ୱାଳ, ନିମାଇଁ କାନୁନ୍‌ଗୋ, ନାରାୟଣ ରଣା, ପ୍ରମୋଦ କୁମାର ଦାସ, କ୍ଷେତ୍ରମୋହନ ସ୍ୱାଇଁ, ବୈଦନାଥ ସେଠୀ, ମହନ୍ତ ପାତ୍ର, ସୁରେନ୍ଦ୍ର ଗୋଛାୟତ, ମମତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପେନସନ ଏକ ହଜାରରୁ ୯ ହଜାର ସହ ମହଙ୍ଗା ଭତ୍ତା ବୃଦ୍ଧି ଆଦି ଦାବି କରିଥିଲେ। ସରୋଜ କାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶାକର୍ମୀଙ୍କ ବୈଠକ

**କେନ୍ଦ୍ରାପଡ଼ା, ୨୪।୧୧(ସମିସ):** ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ଉପସଭାପତି ଅଜୟ ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାକାଳପଡ଼ା ବିଜୟନଗରର ଆଶାକର୍ମୀ ଅମୀତା ଦାସଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରରେ ସମସ୍ତ ଅଣସଂଗଠିତ ଶ୍ରମିକ (ସମସ୍ତ ଆଶାକର୍ମୀ ଓ ଏନଏଚଏମ କର୍ମଚାରୀ)ଙ୍କୁ ସରକାରୀ ଚାକିରିର ମାନ୍ୟତା ପ୍ରଦାନ ସହିତ ଦରଦାମ କମାଇବା ଦାବିରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ କେନ୍ଦ୍ରାପଡ଼ାରୁ ଶହେରୁ ଅଧିକ ଆଶାକର୍ମୀ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଶାକର୍ମୀଙ୍କୁ ପଦୋନ୍ନତି, ପେନସନ, ସରକାରୀ ଚାକିରିର ମାନ୍ୟତା, ମୃତ୍ୟୁକାଳୀନ ସହାୟତା ସର୍ବନିମ୍ନ ୫ ଲକ୍ଷ ଟଙ୍କା ଟଙ୍କା ପ୍ରଦାନ, ତୁରନ୍ତ ପ୍ରତି ଗ୍ରାମରେ ଆଶାଗୃହ ନିର୍ମାଣ ଆଦି ଦାବି ନେଇ ଆସନ୍ତା ଡିସେମ୍ବର ୧୬ ତାରିଖରେ ଆଶାକର୍ମୀଙ୍କ ଏକ ମହାସମାବେଶ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।



ଏହି ବୈଠକରେ ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ସହସମ୍ପାଦିକା ଭଗବତୀ ନାୟକ, ଜିଲ୍ଲା କୋଷାଧକ୍ଷ ନନ୍ଦିନୀ ସ୍ୱାଇଁ, ରାଜକନିକା ସିଏଚସି ସମ୍ପାଦିକା କବିତା ସାମଲ, ଇନ୍ଦୁପୁର ସିଏଚସି ଉପସଭାପତି ଜୟନ୍ତୀ ବାରିକ, ମାର୍ଶାଘାଇ ସିଏଚସି ପ୍ରାକ୍ତନ ସମ୍ପାଦିକା ହେମଲତା ସାହୁ, ପ୍ରାକ୍ତନ ଜିଲ୍ଲା ସମ୍ପାଦିକା ସଂଯୁକ୍ତା ରାଉତ, ଏଆଇଟିୟୁସିର ରାଜ୍ୟ ନେତୃତ୍ୱ ରମଣୀରଞ୍ଜନ ରାଉତରାୟ, ଉପସଭାପତି ଭଜହରି ପ୍ରଧାନ, ଅକ୍ଷୟ ମଲିକ, ମହାକାଳପଡ଼ା ସିଏଚସି ସଭାପତି ରଞ୍ଜୁଲତା ବେହେରା, ସମ୍ପାଦିକା ରଶ୍ମୀରେଖା ପରିଡ଼ା, ଗରଦପୁର ସିଏଚସିର ସମ୍ପାଦିକା ସୁମିତ୍ରା ଜେନା, ଅମିତା ନାୟକ, ଜ୍ୟୋତିର୍ମୟୀ, ରାଜନଗର ସିଏଚସି ସଭାପତି କବିତା ହାତୀ, ସମ୍ପାଦିକା ଦମୟନ୍ତୀ କୁଣ୍ଡୁ, ଶାନ୍ତିଲତା ସାହୁ, ପୌରାଞ୍ଚଳର ଆଶାକର୍ମୀ ହାସିନା ଖାତୁନ, ସୁଲୋଚନା ନନ୍ଦୀ, ପ୍ରମିଳା ପରିଡ଼ା, ପଟ୍ଟାମୁଣ୍ଡାଇ ସିଏଚସି ସମ୍ପାଦିକା ସୁଷମା ଆଚାର୍ଯ୍ୟ, ସଭାପତି ମନୋରମା ନାଥ, କଳ୍ପନା ମହାପାତ୍ର, ରାଜକନିକା ସିଏଚସି ସମ୍ପାଦିକା ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଠରବାଙ୍କୀ ମତ୍ସ୍ୟ ବ୍ୟବସାୟୀ ସଂଘର କାର୍ତ୍ତିକେଶ୍ୱର ପୂଜା



ପାରାଦୀପ, ୨୪।୧୧(ସମିସ): ପାରାଦୀପ ଅଠରବାଙ୍କୀ ବାଲିପ୍ଲଟରେ ଥିବା କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଛି। ପବିତ୍ର କାର୍ତ୍ତିକ ମାସ ଅବସରରେ ସଂଘର ଶତାଧିକ ମହିଳା ଓ ପୁରୁଷ ଘଣ୍ଟା ବାଦ୍ୟ ବାଦନରେ ସ୍ଥାନୀୟ କେନାଲରୁ କଳସ ଯାତ୍ରା କରି ଶୁଭ କଳସ ସ୍ଥାପନ ହୋଇଥିଲା। ପରେ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ପ୍ରକାଶ ଜେନା ଓ ଯଜ୍ଞ କର୍ତ୍ତା ଭାବେ ପରେଶ ମଣ୍ଡଳ କାର୍ଯ୍ୟ କରିଥିଲେ। ଏହି ପୂଜା ଅଁଳା ନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ଆବାହକ ଜୟଦେବ ରାଉତ ସୂଚନା ଦେଇଛନ୍ତି। କଳସ ଯାତ୍ରାରେ ସଂଘର ସଭାପତି କେଦାର ଜେନାଙ୍କ ସମେତ ପ୍ରେମାନନ୍ଦ ରାଉତ, ପ୍ରକାଶ ଚନ୍ଦ୍ର ଜେନା, ଅଜୟ ରାଉତ, ଜୟଦେବ ଜେନା, ଅଭି ବାରିକ ଓ ପ୍ରଭାତ ସାମଲଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସାମିଲ ଥିଲେ।

## ସିସିଟିଭିରେ କଏଦ ଚୋରା ତେଲ ବୋଝେଇ କଣ୍ଟେନରରେ ନିଆଁ ଲାଗିବା ଦୃଶ୍ୟ

**ପାରାଦୀପ, ୨୪।୧୧(ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରା ତେଲ ଥୁଆହୋଇଥିବା କଣ୍ଟେନରରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଘଟିଥିଲା ପିପିଏଲ ଛକ ନିକଟ ଉଦୟବିହାରରେ ଥିବା ଏକ ଗ୍ୟାରେଜ ନିକଟରେ। ଫଳରେ ତେଲ କଣ୍ଟେନର ଓ ଦୁଇଟି ଟ୍ରକ୍ ପୋଡିଯାଇ ପାଉଁଶ ହୋଇଯାଇଥିଲା। ଘଟଣା ସମ୍ପର୍କରେ ପାରାଦୀପ ଲକଥାନା ପୁଲିସ ଜାଣିବା ପରେ ଘଟଣାର ସତ୍ୟତା ଜାଣିବା ପାଇଁ ଛାନ୍‌ଭିନ୍ ଆରମ୍ଭ କରିଥିଲା। ପ୍ରଥମେ ପୁଲିସ ନିକଟରେ ଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ଟ୍ରକ୍‌ରେ ନିଆଁ ଲଗାଇଥିଲେ ଦୁର୍ବୃତ୍ତ ବୋଲି ସିସିଟିଭିରୁ ସ୍ପଷ୍ଟ ଜାଣିବାକୁ ପାଇଛି ପୁଲିସ। ତେବେ ସିସିଟିଭିରେ କଏଦ ଦୃଶ୍ୟ ସ୍ପଷ୍ଟ ଜଣାପଡୁ ନ ଥିବା ଥାନା ଅଧିକାରୀ କୂଳମଣି ସେଠୀ ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗର ସେମିନାର

**ପଟ୍ଟାମୁଣ୍ଡାଇ, ୨୪।୧୧(ସମିସ):** ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଗୁଣମୂଲ୍ୟ ଶିକ୍ଷାରେ ଆଇସିଟି ସଂଗଠନ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଭାକର ମଲ୍ଲିକ ଯୋଗ ଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ମୁଖ୍ୟ ନିବେଦିତା ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡଃ ସୁନୀଲ ପ୍ରଧାନ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଅଧ୍ୟାପିକା ନମିତା ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଶିକ୍ଷା ବିଭାଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ନୂଆ ଆଇଆଇସିଙ୍କ ଯୋଗଦାନ



**ପଟ୍ଟାମୁଣ୍ଡାଇ, ୨୪।୧୧(ସମିସ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ବାମଦେବ ନନ୍ଦଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ନୂତନ ଆଇଆଇସି ଭାବେ ପଦ୍ମାଳୟା ପ୍ରଧାନ ଯୋଗ ଦେଇଛନ୍ତି। ପୂର୍ବରୁ ସେ ଜଗତସିଂହପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ।

## ବିଭିନ୍ନ ସ୍ଥାନରେ ରାହାସ ଉତ୍ସବ



**ମଣିଜଙ୍ଗା, ୨୪।୧୧(ସମିସ):** ତିର୍ତ୍ତୋଲ ବ୍ଲକର ସମସ୍ତ ଗ୍ରାମରେ ପଞ୍ଚୁକ ଓ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ସକାଳ ଓ ସନ୍ଧ୍ୟା ସମୟରେ ନାମସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦେବାଦେବୀ ମନ୍ଦିରରେ ରାଧାକୃଷ୍ଣ ମୂର୍ତ୍ତି ପୂଜା ପାଉଛନ୍ତି। ମଣିଜଙ୍ଗା ପଞ୍ଚାୟତର ଖଣ୍ଡିଆଗୋରଡ ଗ୍ରାମର ଖଣ୍ଡେଶ୍ୱର କ୍ଳବ ପକ୍ଷରୁ ରାଧାକୃଷ୍ଣଙ୍କ ପୂଜା କରାଯାଉଛି। ସେହିପରି ନୂଆପୋଖରୀ ବଜାରର ଦାସସାହି, ପିପ୍ପଳମାଧବ ଗ୍ରାମର ବିଭିନ୍ନ ସ୍ଥାନରେ ରାଧାକୃଷ୍ଣ ପୂଜା ପାଉଛନ୍ତି।

## ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରକୁ ନେଇ ଦ୍ୱନ୍ଦ୍ୱ

**ପାରାଦୀପ, ୨୪।୧୧(ସମିସ):** ରାଷ୍ଟ୍ରପତିଙ୍କ ପାରାଦୀପ ଗସ୍ତ ଅବସରରେ ଟ୍ରାଫିକ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ୨୩ ତାରିଖଠାରୁ ପାରାଦୀପ ବସଷ୍ଟାଣ୍ଡ ସ୍ଥାନାନ୍ତର ନେଇ ପାରାଦୀପ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବସଷ୍ଟାଣ୍ଡରେ ଏକ ବ୍ୟାନର ଲଗାଯିବା ସହିତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। କିନ୍ତୁ ବସଷ୍ଟାଣ୍ଡ ସ୍ଥାନାନ୍ତରକୁ ନେଇ ଦ୍ୱନ୍ଦ ଉପୁଜିଛି। ଏବେବି ପୁରୁଣା ଷ୍ଟାଣ୍ଡ ବ୍ୟବହାର କରୁଛନ୍ତି ବସ୍ ମାଲିକ। ଯାହାକୁ ନେଇ ଦ୍ୱନ୍ଦରେ ପଡ଼ିଯାଇଛନ୍ତି ଯାତ୍ରୀ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯାଇ ମଧୁବନ କେବିନ ମାର୍କେଟଠାରୁ ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେଠାରେ ବସ୍‌ର କର୍ମଚାରୀଙ୍କ ପାଇଁ ପାଣି ଓ ଶୌଚାଳୟର ସୁବିଧା ନ ଥିବାରୁ ବସ୍ କର୍ମଚାରୀ ପାରାଦୀପ ଘରୋଇ ବସ୍ ମାଲିକ ସଂଘରେ ଅଭିଯୋଗ କରିବା ସହିତ ୨୩ରୁ କେବିନ ମାର୍କେଟ ସ୍ଥାନାନ୍ତର ପରିବର୍ତ୍ତେ ବସଷ୍ଟାଣ୍ଡରୁ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ମ୍ୟୁନିସିପାଲିଟି ପକ୍ଷରୁ ପାନୀୟ ଜଳ ଓ ଶୌଚାଳୟର ବନ୍ଦୋବସ୍ତ କରାଯାଇ ନ ଥିବା ନେଇ ବସ୍ ମାଲିକ ଅଭିଯୋଗ ଆଣିବା ସହିତ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ ଦୋଛକି ନିକଟରେ ବସ୍ ରଖିବା ପାଇଁ ପାରାଦୀପ ଘରୋଇ ବସ ମାଲିକ ସଂଘର ସଭାପତି କହିଛନ୍ତି। ଆବଶ୍ୟକ ପାନୀୟ ଜଳ ଓ ଶୌଚାଳୟର ସୁବନ୍ଦୋବସ୍ତ କରାଯିବା ନେଇ କହିଛନ୍ତି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ।

## ବିପର୍ଯ୍ୟୟ ମୁକାବିଲା ଓ ପ୍ରଦୂଷଣ ସଚେତନତା ତାଲିମ ଶିବିର

**ପଟ୍ଟାମୁଣ୍ଡାଇ, ୨୪।୧୧(ସମିସ):** ସମ୍ପ୍ରତି ସାରା ବିଶ୍ୱରେ ବିପର୍ଯ୍ୟୟ ମୁକାବିଲା ଓ ପରିବେଶ ପ୍ରଦୂଷଣ ଏକ ଆହ୍ୱାନ ଭାବେ ଦେଖାଦେଇଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ଓ ତାଲିମ ଅଭିଯାନ ଆରମ୍ଭ ହୋଇଛି। ୟୁନିସେଫ, ୟୁଥ୍ ଫର ୱାଟରପ୍ଲସ ଓ ବିକାଶସାଥୀ ମିଳିତ ଉଦ୍ୟମରେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲରେ ଏକ ବିପର୍ଯ୍ୟୟ ମୁକାବିଲା ଓ ପ୍ରଦୂଷଣ ରୋକିବା ଦିଗରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଗନ ବିହାରୀ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ତାଲିମଦାତା ଭାବେ ରୁତିକା ନାଥ ଯୋଗଦେଇ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ବାୟୁ ପ୍ରଦୂଷଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରଦୂଷଣ ରୋକିବା କୌଶଳ ଉପରେ ପ୍ରୋଜେକ୍ଟର ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। ଯୁବବର୍ଗଙ୍କୁ ସଶକ୍ତ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଓ ବିପର୍ଯ୍ୟୟ ମୁକାବିଲା ପାଇଁ ଆଗେଇ ଆସିବା ଦିଗରେ ବିଭିନ୍ନ ଟିପ୍ସ ପ୍ରଦାନ କରିଥିଲେ। ଏମଏନ ହାଇସ୍କୁଲ ଏନସିସି ଶିକ୍ଷକ ସରୋଜ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଏମଏନ ହାଇସ୍କୁଲର ଏନସିସି, ସ୍କାଉଟ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା



**ପାରାଦୀପ, ୨୪।୧୧(ସମିସ):** ପାରାଦୀପସ୍ଥ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ଆଞ୍ଚଳିକ ସ୍ତରୀୟ ପ୍ରଦୂଷଣ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟାଳୟ-୭ର ଡିଆଇଜି ଯଶୋବନ୍ତ କୁମାର ସିଂ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସାମୁଦ୍ରିକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ତଟରକ୍ଷୀ ବାହିନୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ସାମୁଦ୍ରିକ ଜଳରାଶିରେ ବିଭିନ୍ନ ସମୟରେ ଜାହାଜ ଓ ଅନ୍ୟ ଯାନ୍ତ୍ରିକ ବୋଟ୍ ମଧ୍ୟରୁ ତେଲ ନିର୍ଗତ ହୋଇ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ଏହି ପ୍ରଦୂଷଣର ପ୍ରଭାବ ସାମୁଦ୍ରିକ ଜୀବଙ୍କ ଉପରେ ପଡ଼ିବା ସହିତ ଉପକୂଳ ମଧ୍ୟ ପ୍ରଦୂଷିତ ହୋଇଥାଏ। ଏହି ପ୍ରଦୂଷଣକୁ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ଏହି ତିନିଦିନିଆ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି ତିନିଦିନିଆ କର୍ମଶାଳା ମଧ୍ୟରେ ସମୁଦ୍ର ଉପକୂଳ ସଫେଇ ହେବା ସହିତ ପାରାଦୀପ ବନ୍ଦର ମଧ୍ୟରେ ଏକ ଜାହାଜରୁ ତୈଳ ନିର୍ଗତ କରାଯାଇ ଏହାର ନିର୍ବାପନ ସମ୍ପର୍କରେ ଏକ ନମୁନା ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅନୁଷ୍ଠାନ ଏହି ତିନିଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଆଜିଠୁ ଶ୍ରୀକୃଷ୍ଣ ଏକାଡେମୀର ପ୍ଲାଟିନମ୍ ଜୁବୁଲି ଉତ୍ସବ

**ଜଗତସିଂହପୁର, ୨୪।୧୧(ସମିସ)**

ଜଗତସିଂହପୁର ସହରର ସର୍ବପୁରାତନ ବିଦ୍ୟାଳୟ ଶ୍ରୀକୃଷ୍ଣ ଏକାଡେମୀର ପ୍ଲାଟିନମ ଜୁବୁଲି ୨୫, ୨୬ ଓ ୨୭ ତାରିଖ ତିନିଦିନ ଧରି ମହାସମାରୋହରେ ପାଳିତ ହେବ। ଗୁରୁବାର ଅପରାହ୍ନରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଦେଇଛନ୍ତି।

ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁସାରେ, ଆସନ୍ତାକାଲି ୨୫ ତାରିଖ ପୂର୍ବାହ୍ନରେ ମା' ଶାରଳାଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ସ୍ଥାପନ କରାଯିବ। ପରେ ବିଦ୍ୟାଳୟର ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଅପରାହ୍ନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପ୍ଲାଟିନମ୍ ଜୁବୁଲି ସ୍ମାରକୀ ସହ ଉତ୍ସବ ଉଦ୍‌ଘାଟନ କରାଯିବ। ଏଥିରେ ଅବସରପ୍ରାପ୍ତ ଭାରତୀୟ ସ୍ଥଳସେନାର ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଉଦଘାଟକ ଭାବେ ଯୋଗଦେବେ। ଏଥିରେ ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ମନ୍ତ୍ରୀ, ବିଚାରପତି, କୁଳପତି, ସାଂସଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର ଅଳକା ଓ ବିଦ୍ୟାଳୟର ସ୍ୱତନ୍ତ୍ର ଡାକ ସ୍ମାରକୀ ଲଫାପା ଉନ୍ମୋଚିତ କରିବେ। ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଗୁରୁପୂଜନ କରାଯିବ ଓ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।




ସେହିପରି ପୁରାତନ ଛାତ୍ରଙ୍କ ଭାବବିନିମୟ, ପ୍ରତ୍ୟେକ ଦିନ ସମାବେଶ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜୁବୁଲି କମିଟିର ସଭାପତି ତଥା ନାଇଜର କୁଳସଚିବ ଡକ୍ଟର ଅଭୟ କୁମାର ନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ନଟବର ବାରିକ, ଉପସଭାପତି ଦୀପ୍ତି ଦାସ, ବିପ୍ଳବ ଚୌଧୁରୀ, ମିଡିଆ ସଂଯୋଜକ ରାଧାକାନ୍ତ ମିଶ୍ର, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ତଥା ଅଇନଜୀବୀ ସଲିଲ ଘୋଷ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ସହସମ୍ପାଦକ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ ପ୍ରମୁଖ ସୂଚନା ଦେଇଥିଲେ। ଶେଷରେ ଜୁବୁଲି କମିଟିର କୋଷାଧ୍ୟକ୍ଷ ତଥା ଶିକ୍ଷକ ରାଇଚରଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



## ଶିଶୁଙ୍କୁ ୭୪ହଜାର ଟଙ୍କାରେ ବିକି ନିଶାଦ୍ରବ୍ୟ କିଣିଲେ ଦମ୍ପତି

**ମୁମ୍ବଇ, ୨୪।୧୧ (ଏଜେନ୍ସି):** ଦେଶର ଆର୍ଥିକ ରାଜଧାନୀ ମୁମ୍ବଇରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାକାର ଏକ ଦମ୍ପତି ନିଶାଦ୍ରବ୍ୟ (ଡ୍ରଗ୍ସ) କିଣିବା ପାଇଁ ନିଜ ଶିଶୁଙ୍କୁ ବିକ୍ରି କରିଦେଇଛନ୍ତି। ଶୁକ୍ରବାର ଏହି ମାମଲାରେ ଦମ୍ପତିଙ୍କ ସହିତ ଆଉ ଜଣେ ବ୍ୟକ୍ତିଙ୍କୁ ମୁମ୍ବାଇ କ୍ରାଇମ ବ୍ରାଞ୍ଚ ଗିରଫ କରିଛି। ମାସକର ଶିଶୁ କନ୍ୟାକୁ ଅନ୍ଧେରୀ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେହିପରି ୨ ବର୍ଷର ଶିଶୁପୁତ୍ରର ସନ୍ଧାନ ଜାରି ରହିଛି। ଗିରଫଙ୍କ ମଧ୍ୟରେ ଦମ୍ପତି ସାବିର ଏବଂ ସାନିଆ ଖାନ ଏବଂ ସକିଲ ମକରାନୀ ସାମିଲ ରହିଛି। ଶିଶୁ ବିକ୍ରି ପାଇଁ କମିଶନ ନେଇଥିବା ଏଜେଣ୍ଟ ଉଷା ରାଠୋରକୁ ଅଟକ ରଖାଯାଇଛି। କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ ଦମ୍ପତି ନିଶା ବିନା ବଞ୍ଚି ପାରୁ ନ ଥିଲେ। ପାଖରେ ଟଙ୍କା ନ ଥିବାବେଳେ ରାଠୋର ତାଙ୍କ ସଂସ୍ପର୍ଶରେ ଆସିଥିଲେ। ଦମ୍ପତି ପ୍ରଥମେ ୬୦ ହଜାର ଟଙ୍କାରେ ପୁଅକୁ ଏବଂ ପରେ ଝିଅକୁ ୧୪ ହଜାର ଟଙ୍କାରେ ବିକ୍ରି କରିଥିଲେ। ଦମ୍ପତିଙ୍କ ପରିବାର ଏ ସମ୍ପର୍କରେ ଜାଣିବା ପରେ ମାମଲା ସାମ୍ନାକୁ ଆସିଥିଲା। ଅଭିଯୋଗ ପରେ ପୁଲିସ ଦମ୍ପତି ଏବଂ ୨ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଶିଶୁଙ୍କୁ କିଣିଥିବା ଲୋକଙ୍କ ବିଷୟରେ ଏ ପର୍ଯ୍ୟନ୍ତ ସୂଚନା ମିଳିପାରି ନାହିଁ।

## ରାଜକୁମାର କୋହଲିଙ୍କ ପରଲୋକ

**ମୁମ୍ବଇ, ୨୪।୧୧ (ଏଜେନ୍ସି):** ସୁପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜକୁମାର କୋହଲି (୯୩) ଶୁକ୍ରବାର ସକାଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଗାଧୁଆ ଘରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ସେ ସକାଳେ ଗାଧୋଇବାକୁ



ଯାଇଥିଲେ। ବହୁତ ସମୟ ବିତିବା ପରେ ବି ବାହାରକୁ ବାହାରି ନ ଥିଲେ। ପରେ ତାଙ୍କ ପୁଅ ଅରମାନ କୋହଲି ଗାଧୁଆ ଘର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ରାଜକୁମାରଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷ ଥର ପାଇଁ ତାଙ୍କୁ ସଲ୍‌ମାନ ଖାନଙ୍କ ଅଭିନୀତ 'ପ୍ରେମ୍ ରତନ ଧନ ପାୟୋ'ରେ ଦେଖା ଯାଇଥିଲା। ସେ ନାଗନ ଏବଂ ଜାନେ ଦୁଶ୍‌ମନ ଭଳି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ରାଜକୁମାର ନିଜ ପୁଅକୁ ମଧ୍ୟ ନିର୍ଦ୍ଦେଶନା ଜଗତକୁ ଆଣି ଥିଲେ।

## ଶିବକୁମାରଙ୍କ ସିବିଆଇ ଯାଞ୍ଚ ପ୍ରତ୍ୟାହୃତ

**ବେଙ୍ଗାଲୁରୁ, ୨୪।୧୧ (ଏଜେନ୍ସି):** ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ବିରୋଧରେ ଚାଲିଥିବା ସିବିଆଇ ଯାଞ୍ଚ ପ୍ରତ୍ୟାହାର କରିବାକୁ କର୍ଣ୍ଣାଟକ ସରକାର ମଞ୍ଜୁର ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ରାଜନୀତି ଆରମ୍ଭ ହୋଇଯାଇଛି। କର୍ଣ୍ଣାଟକ ବିଜେପି ମୁଖ୍ୟ ବିୱାଇ ବିଜୟେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଅସାମ୍ବିଧାନିକ କହିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି। ଆଇନ ପ୍ରକ୍ରିୟା ଉପରେ ଭରସା କରିବାକୁ ଏବଂ କ୍ୟାବିନେଟ ନିଷ୍ପତ୍ତିକୁ ସମର୍ଥନ ନ କରିବା ପାଇଁ ସେ ଶିବକୁମାରଙ୍କୁ ଅନୁରୋଧ କରିଛନ୍ତି। କର୍ଣ୍ଣାଟକ ଏବଂ ଅନ୍ୟ ରାଜ୍ୟରେ କୋଟି କୋଟି ଟଙ୍କା ଜବତ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ଯାଞ୍ଚ କରୁଛି। ଏହା ଉପରେ କ୍ୟାବିନେଟ ନିଷ୍ପତ୍ତି ନେବା ବେଆଇନ ବୋଲି କହିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡି କୁମାରସ୍ୱାମୀ କହିଛନ୍ତି ଯେ ସରକାର ଡକାୟତଙ୍କୁ ବଞ୍ଚାଇବା ପାଇଁ କ୍ଷମତାରେ ଅଛନ୍ତି। ଏହି ମାମଲା କୋର୍ଟରେ ରହିଛି। ଯଦି ଲଜ୍ଜା ଅଛି ତେବେ କୋର୍ଟଙ୍କୁ ସମ୍ମାନ ଦିଅ। ଲଜ୍ଜାହୀନ ଲୋକ ଏଥିପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ। ସେମାନେ ଏତେ ଅହଙ୍କାରୀ ଯେ ସବୁ କିଛି କିଣିନେବେ।

### ଡ୍ରିଲିଂରେ ପ୍ରତିବନ୍ଧକ ଯୋଗୁଁ ଶ୍ରମିକ ଉଦ୍ଧାର କାର୍ଯ୍ୟ ବିଳମ୍ବିତ

# ଆଉ କିଛି ଘଣ୍ଟାର ଅପେକ୍ଷା

**ଡେରାଡୁନ୍,୨୪।୧୧(ଏଜେନ୍ସି)**

ଡେରାଡୁନ୍,୨୩।୧୧(ଏଜେନ୍ସି): ଉତ୍ତରକାଶୀ ଟନେଲ ଦୁର୍ଘଟଣାରେ ଫସି ରହିଥିବା ୪୧ ଶ୍ରମିକଙ୍କୁ ଶୁକ୍ରବାର ସକାଳ ସୁଦ୍ଧା ଉଦ୍ଧାର କରାଯିବା ସମ୍ଭବ ହୋଇପାରି ନାହିଁ। ଗତକାଲି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ପ୍ରାୟ ୩୯ ମିଟର ଭିତରକୁ ପାଇପ ପ୍ରବେଶ କରିସାରିଥିଲା ବେଳେ ଶ୍ରମିକମାନେ ଫସି ରହିଥିବା ସ୍ଥାନ ଠାରୁ ମାତ୍ର ୧୨ ମିଟର ଦୂରତ୍ୱରେ ପାଇପ ରହିଥିଲା। ତେବେ ଗୁରୁବାର ରାତି ମଧ୍ୟରେ ଏହି ଦୂରତ୍ୱର ପାଇପ୍ ଭିତରକୁ ପଠାଯାଇ ଶୁକ୍ରବାର ସକାଳ ସୁଦ୍ଧା ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। କିନ୍ତୁ ଗୁରୁବାର ରାତିରେ ଡ୍ରିଲିଂ ବେଳେ ପ୍ରତିବନ୍ଧକ ଦେଖାଯିବାରୁ ଡ୍ରିଲିଂ କାର୍ଯ୍ୟ କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇପରି ନାହିଁ।ଶ୍ରମିକମାନେ ଫସି ରହିଥିବା ସ୍ଥାନକୁ ଆଉ ଦୁଇଟି ୬ ମିଟର ବିଶିଷ୍ଟ ପାଇପ ଭର୍ତ୍ତି କରିବାକୁ କାର୍ଯ୍ୟ ବାକି ରହିଥିଲା ବେଳେ ଏହାକୁ ଶୁକ୍ରବାର ରାତି ସୁଦ୍ଧା ଶେଷ କରାଯିବ ବୋଲି ଉଦ୍ଧାରକାରୀ ଟିମ୍



କହିଛନ୍ତି। ବର୍ତ୍ତମାନ ଡ୍ରିଲିଂ କାର୍ଯ୍ୟ ସ୍ୱାଭାବିକ ରହିଛି ଏବଂ କିଛି ଘଣ୍ଟା ମଧ୍ୟରେ ଏହି ଦୁଇଟି ପାଇପ୍ ଶ୍ରମିକମାନଙ୍କ ନିକଟରେ ପହଞ୍ଚିବ ବୋଲି ପିଏମଓ ପୂର୍ବତନ ପରାମର୍ଶଦାତା ଭାସ୍କର କୁଲବେ କହିଛନ୍ତି। ଟନେଲ ମଧ୍ୟରେ ଆଉ କେଉଁଠି କିଛି ପ୍ରତିବନ୍ଧକ ରହିଛି କି ନାହିଁ ତାହାକୁ ଜାଣିବାକୁ ପ୍ରଥମଥର ପାଇଁ 'ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର' ବ୍ୟବହାର କରାଯାଇଛି। ତେବେ ଶ୍ରମିକମାନଙ୍କ ଉଦ୍ଧାର ସମୟକୁ ନେଇ ଗଣମାଧ୍ୟମରେ ଆଗୁଆ କିଛି ପ୍ରକାଶ ନ କରାଯାଉ ବୋଲି ଏନଡିଏମଏ'ର ଅବସରପ୍ରାପ୍ତ ବିଶେଷଜ୍ଞ ଲେଫ୍ଟନାଣ୍ଟ ଜେନେରାଲ ସୟଦ ହାସନାନ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପାଇପ ମାଧ୍ୟମରେ ଶ୍ରମିକମାନଙ୍କୁ ବାହାରକୁ ଆଣିବା ଲାଗି ଭିତରକୁ ପ୍ରାୟ ୫୬ ମିଟର ଲମ୍ବ ପାଇପ ନିଆଯାଉଛି। ବୁଧବାର ଠାରୁ ଡ୍ରିଲିଂ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ଗୁରୁବାର ସକାଳ ସୁଦ୍ଧା ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ସମ୍ଭବ ହେବ ବୋଲି ଆଶାପ୍ରକଟ କରାଯାଇଥିଲା। କିନ୍ତୁ ଡ୍ରିଲିଂ ସମୟରେ ଅନେକ ସ୍ଥାନରେ ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରେ ଲାଗିଛି।

ତେବେ କୌଣସି ମୁହୂର୍ତ୍ତରେ ଶ୍ରମିକମାନଙ୍କୁ ବାହାରକୁ ଅଣାଯିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଟନେଲ ମୁଖ୍ୟ ଦ୍ୱାର ନିକଟରେ ଏକ ୧୫ ଜଣିଆ ଡାକ୍ତରୀ ଟିମ୍ ସହ ୨୦ଟି ଆମ୍ବୁଲାନ୍ସକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ରୁରକି ଆଇଆଇଟିର ମୁଖ୍ୟ ବୈଜ୍ଞାନିକ ତଥା ଟନେଲ ଏକ୍ସପର୍ଟ ଆର. ଡି. ଦ୍ୱିବେଦୀଙ୍କ ସମେତ ଅନ୍ୟ କିଛି ବିଦେଶୀ ବିଶେଷଜ୍ଞ ମଧ୍ୟ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

## ତେଲଙ୍ଗାନା କାର୍‌ରୁ ୭ କୋଟି ଟଙ୍କା ଜବତ



**ହାଇଦରାବାଦ, ୨୪।୧୧ (ଏଜେନ୍ସି):** ତେଲଙ୍ଗାନା ବିଧାନସଭା ପାଇଁ ମତଦାନ ପୂର୍ବରୁ ରଙ୍ଗାରେଡ୍ଡୀ ଜିଲ୍ଲା ଗଚିବୌଲିରେ ଏକ କାର୍‌ରୁ ଗୁରୁବାର ୫ କୋଟି ଟଙ୍କା ଜବତ କରାଯାଇଛି। ଗାଡ଼ି ଯାଞ୍ଚ ସମୟରେ ଧରା ଯାଇଥିବା ଏହି ଟଙ୍କାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଆୟକର ବିଭାଗ (ଆଇଟି)କୁ ହସ୍ତାନ୍ତର କରାଯାଇଛି। ଏହି ମାମଲାରେ ୨ଟି କାର୍‌କୁ ଜବତ କରାଯାଇଛି। ୭ ଜଣ ଲୋକଙ୍କୁ ଗିରଫ କରାଯାଇଛି। ସେହିପରି ହାଇଦରାବାଦର ହଇତାନଗର ଥାନା ଅଞ୍ଚଳରୁ ଆଉ ଏକ କାର୍‌ରୁ ୨ କୋଟି ଟଙ୍କା ଜବତ ହୋଇଛି। ସ୍ଥିତିକୁ ଦେଖି ମତଦାନର ସପ୍ତାହେ ପୂର୍ବରୁ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦେଇଛି। ଅକ୍ଟୋବର ୯ରୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି।

### ■ ଚୀନ୍‌ର ନିମୋନିଆ ସ୍ଥିତି ଉପରେ ନଜର ରହିଛି

## ଭାରତ ପାଇଁ ବିପଦ ନାହିଁ କହିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ବେଜିଂ,୨୪।୧୧(ଏଜେନ୍ସି)**

ଏକ ରହସ୍ୟମୟ ନିମୋନିଆ ଜ୍ୱରକୁ ନେଇ ସଂପ୍ରତି ଚୀନ୍‌ରେ ନୂଆ ବିପଦ ସୃଷ୍ଟି ହୋଇଥିବା ବେଳେ କରୋନା ଭଳି ଏହି ଜ୍ୱର ବିଶ୍ୱ ସମାଜ ପାଇଁ ଆଗକୁ ଭୟାଭହ ସ୍ଥିତି ସୃଷ୍ଟିବାର ଆଶଙ୍କାକୁ



ଏଡାଇ ଦିଆଯାଇପାରୁନି। କିନ୍ତୁ ଚୀନ୍‌ର ଏହି ସମସ୍ୟା ଭାରତ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ ବୋଲି ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଚୀନ୍ ସ୍ଥିତି ଉପରେ ଭାରତର କଡ଼ା ନଜର ରହିଛି ଏବଂ ଯଦି ଆଗକୁ ସ୍ଥିତି ଅନିୟନ୍ତ୍ରିତ ହୁଏ ତେବେ ଏହାକୁ ମୁକାବିଲା କରିବାକୁ ଭାରତ ସବୁ ଦିଗରୁ ପ୍ରସ୍ତୁତ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ସଂପ୍ରତି ଚୀନ୍‌ରେ ମୁଖ୍ୟତଃ ଶିଶୁଙ୍କ ନିକଟରେ ସଂକ୍ରମଣ ବଢାଉଥିବା 'ଆଭିଆନ୍ ଇନଫ୍ଲୁଏଞ୍ଜା( ଏଚ୍୯ଏନ୨) ନିଶ୍ୱାସଜନିତ ସମସ୍ୟା ସୃଷ୍ଟି କରୁଥିଲେ ହେଁ ଏହା କରୋନା ଭଳି ସେଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି କରୁନାହିଁ। ତଥାପି ଏହାପ୍ରତି କେନ୍ଦ୍ର ସରକାରଙ୍କ ନଜର ରହିଛି ବୋଲି ମାଣ୍ଡଭିୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବେଜିଂ ଏବଂ ଲିଆଓନିଙ୍ଗ୍ ପ୍ରଦେଶ ସମେତ ଅନ୍ୟ କିଛି ପ୍ରଦେଶରେ ଏହି ନିମୋନିଆ କାୟା ବିସ୍ତାର କରିଥିଲା ବେଳେ ହଜାର ହଜାର ଶିଶୁ ଏହାଦ୍ୱାରା ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ଥିତି ଏଭଳି ହୋଇଛି ଯେ, କରୋନା ଭଳି ହସ୍ପିଟାଲରେ ଶଯ୍ୟାର ମଧ୍ୟ ଅଭାବ ଦେଖାଯାଇଛି। ଯାହାକି ପୁଣିଥରେ କରୋନା ସ୍ଥିତିକୁ ମନେ ପକାଇ ଦେଇଛି। ଏଭଳି ସଙ୍କଟଜନକ ସ୍ଥିତିକୁ ନେଇ ଏହିସବୁ ପ୍ରଦେଶରେ ସ୍କୁଲ ବନ୍ଦ ଘୋଷଣା କରାଯାଇଛି। ଆକ୍ରାନ୍ତ ପିଲାଙ୍କଠାରେ ଉଚ୍ଚ ଜ୍ୱର ଏବଂ ଫୁସଫୁସରେ ସମସ୍ୟା ରହିବା ଭଳି ଲକ୍ଷଣ ଦେଖାଯାଇଛି ବୋଲି ଡାକ୍ତରମାନେ କହୁଛନ୍ତି। ଯଦିଓ ପିଲାଙ୍କୁ କାଶ ହେଉ ନାହିଁ ତଥାପି ଏହା କି ପ୍ରକାର ନିମୋନିଆ ତାହା ସ୍ପଷ୍ଟ ହୋଇପାରି ନାହିଁ ବୋଲି ଆନ୍ତର୍ଜାତିକ ରୋଗ ନିରୀକ୍ଷଣକାରୀ ନେଟଓ୍ୱର୍କ 'ପ୍ରୋମେଡ୍' କହିଛି। ଏହି ଜ୍ୱର ବୟସ୍କମାନଙ୍କୁ ପ୍ରଭାବିତ କରୁ ନଥିବା ବେଳେ ଶିଶୁଙ୍କ ଠାରେ ଅଧିକ ସଂକ୍ରମିତ ହେଉଥିବାରୁ ଆନ୍ତର୍ଜାତିକ ସ୍ତରରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହାକୁ ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ଚୀନ ସରକାରଙ୍କୁ ସବିଶେଷ ରିପୋର୍ଟ ଦେବାକୁ କୁହାଯାଇଛି।

## ଦିଲ୍ଲୀରେ ବୁଲୁଛି ସିଙ୍ଗାପୁର ଦୂତାବାସର ଜାଲ୍ ଗାଡ଼ି

**ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି):** ରାଜଧାନୀ ଦିଲ୍ଲୀରେ ସିଙ୍ଗାପୁର ନମ୍ବର ଥିବା ଏକ ଜାଲ୍ ଗାଡ଼ି ବୁଲୁଥିବା ଦେଖାଯାଇଛି। ଭାରତ ସ୍ଥିତ ସିଙ୍ଗାପୁର ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହାଇ କମିଶନର ସାୟମନ ୱାଙ୍ଗ ଏହି ଗାଡ଼ିର ଫଟୋ ସେୟାର କରିଛନ୍ତି। ସେ କହିଛନ୍ତି ଯେ ସତର୍କ ରହନ୍ତୁ। ୬୩ ସିଡି ନମ୍ବର ବିଶିଷ୍ଟ ଏହି କାର୍‌ଟି ସିଙ୍ଗାପୁର ଦୂତାବାସର ନୁହେଁ। ଏ ବିଷୟରେ ଭାରତର ବୈଦେଶିକ ମନ୍ତ୍ରାଳୟକୁ ସୂଚନା ଦିଆଯାଇଛି। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏହି କାର୍ ଦେଖାଗଲେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

### ୪ ଦିନ ପାଇଁ ହମାସ୍-ଇସ୍ରାଏଲ ଯୁଦ୍ଧରେ ବିରତି

## ୨୫ ବନ୍ଧକଙ୍କୁ ମୁକ୍ତକଲା ହମାସ୍



**ତେଲ୍ ଆଭିଭ୍,୨୪।୧୧(ଏଜେନ୍ସି)**

ଦୀର୍ଘ ୪୮ ଦିନର ଯୁଦ୍ଧ ପରେ ହମାସ-ଇସ୍ରାଏଲ ମଧ୍ୟରେ ଶୁକ୍ରବାର ଠାରୁ ୪ ଦିନିଆ ଯୁଦ୍ଧ ବିରତି ଆରମ୍ଭ ହୋଇଛି। ଯୁଦ୍ଧ ବିରତିକୁ ନେଇ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ହମାସ୍ ୨୫ ଜଣ ବନ୍ଧକଙ୍କୁ ମୁକ୍ତ କରିଛି। ସେମାନଙ୍କ ମଧ୍ୟରେ ୧୩ ଜଣ ଇସ୍ରାଏଲୀ ନାଗରିକ ରହିଥିଲା ବେଳେ ଆଉ ୧୨ ଜଣ ଥାଇଲାଣ୍ଡ ନାଗରିକ ରହିଛନ୍ତି। ଏହି ୧୨ ଥାଇ ନାଗରିକଙ୍କ ମୁକ୍ତିକୁ ନେଇ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିଶ୍ଚିତ କରିଛନ୍ତି। କାତାର ଏବଂ ଇଜିପ୍ଟ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ବିରତି ପାଇଁ ବୁଝାମଣା ହୋଇଥିଲା। ସେହି ଅନୁସାରେ ହମାସ୍ ମୁକ୍ତ କରିଥିବା ୧୨ ଥାଇ ନାଗରିକଙ୍କୁ ଇଜିପ୍ଟ ସୀମାରେ ଆନ୍ତର୍ଜାତିକ ରେଡ୍‌କ୍ରସ୍ ହାତରେ ସମର୍ପି ଦିଆଯାଇଛି। ଇସ୍ରାଏଲୀ ବନ୍ଧକମାନଙ୍କୁ ଗାଜା ସୀମା ନିକଟରେ ଛାଡି ଦିଆଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ୪୦ ପାଲେଷ୍ଟନୀୟ ବନ୍ଦୀଙ୍କୁ ଛାଡିବାକୁ କାର୍ଯ୍ୟ ଆରମ୍ଭ କରିଛି। ସେମାନଙ୍କ ମଧ୍ୟରେ ୧୫ ମହିଳା ଏବଂ ୧୪ ଜଣ ଶିଶୁ ରହିଛନ୍ତି। ଯୁଦ୍ଧ ବିରତି

### ୪୦ ପାଲେଷ୍ଟାଇନ ବନ୍ଦୀ ବି ମୁକୁଳିଲେ

ଚୁକ୍ତି ଅନୁସାରେ ଇସ୍ରାଏଲର ଆଇଡିଏଫ ସେନା ଗାଜାସ୍ଥିତ ଅଲ-ସିଫା ହସ୍ପିଟାଲ ପରିସରରୁ ବାହାରକୁ ଚାଲିଯାଇଛି। ଏହାସହିତ ଗାଜାକୁ ପେଟ୍ରୋଲିୟମ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କରାଯାଇଛି। କିନ୍ତୁ ୪ ଦିନର ଯୁଦ୍ଧ ବିରତି ପରେ ପୁଣି ସ୍ଥିତି କ'ଣ ହେବ ତାହାକୁ ନେଇ ଏବେ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗି ରହିଛି।

### ନୌସେନାର ୮ ପୂର୍ବତନ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ମାମଲା

## ଭାରତର ଆବେଦନକୁ ମଞ୍ଜୁର କଲା କାତାର

**ଦୋହା, ୨୪।୧୧ (ଏଜେନ୍ସି)**

ନୌସେନାର ୮ ଜଣ ପୂର୍ବତନ କର୍ମଚାରୀଙ୍କ ମୃତ୍ୟୁଦଣ୍ଡ ବିରୋଧରେ ଭାରତ ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ କାତାର ସରକାର ସ୍ୱୀକାର କରିଛନ୍ତି। ରିପୋର୍ଟ ଅନୁଯାୟୀ ଖୁବ୍‌ଶୀଘ୍ର ଏହି ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯିବ। ପ୍ରାୟ ୧୫ ଦିନ ତଳେ ପୂର୍ବତନ ନୌସୈନିକଙ୍କ ଦଣ୍ଡ ବିରୋଧରେ ଆବେଦନ ଦାଏର କରିଥିଲେ। ତେବେ ଏ ପର୍ଯ୍ୟନ୍ତ ଏହି ମାମଲାରେ ଭାରତ କିମ୍ବା କାତାର ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ଅରିନ୍ଦମ ବାଗଚୀ ଗତ ୯ ତାରିଖରେ ଏହି ଆବେଦନ ନେଇ ସୂଚନା ଦେଇଥିଲେ। ସୈନିକଙ୍କୁ ସାକ୍ଷାତ କରିବା ପାଇଁ ଭାରତକୁ କୂଟନୈତିକ ଅନୁମତି ମିଳିଯାଇଛି ବୋଲି କହିଥିଲେ। ଭାରତ ସରକାର କାତାର ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା। ସୂଚନାଯୋଗ୍ୟ ଯେ କାତାରରେ କ୍ୟାପ୍‌ଟେନ ନବତେଜ ସିଂହ ଗିଲ, ସୌରଭ ବଶିଷ୍ଠ, ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, ସୁଗ୍ନାକର ପକାଲା, ସଞ୍ଜୀବ ଗୁପ୍ତା, ଅମିତ ନାଗପାଲ ଏବଂ ସେଲର ରାଗେଶଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏମାନଙ୍କ ବିରୋଧରେ ଗୁଇନ୍ଦା ଗିରି ଅଭିଯୋଗ ଲଗା ଯାଇଥିଲା।

### ଦିଲ୍ଲୀ ମୁଖ୍ୟ ସଚିବ ନିଯୁକ୍ତି ବିବାଦକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଏଲଜି-ମୁଖ୍ୟମନ୍ତ୍ରୀ କାହିଁକି ଏକାଠି ହେଉନାହାନ୍ତି

**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି)**

ଦିଲ୍ଲୀର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବଙ୍କ ନିଯୁକ୍ତିକୁ ନେଇ ଆପ୍ ସରକାର ଓ ଉପ ରାଜ୍ୟପାଳଙ୍କ ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚିଛି। ବର୍ତ୍ତମାନ ମୁଖ୍ୟ ସଚିବ ରହିଥିବା ନରେଶ କୁମାରଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଥିବା ବେଳେ କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା କିମ୍ବା ନିଜ ଇଚ୍ଛା ଅନୁସାରେ ଅନ୍ୟ ଜଣଙ୍କୁ ଏହି ପଦବୀରେ ନିଯୁକ୍ତି ଦେବାକୁ ଚାହୁଁଛନ୍ତି। କିନ୍ତୁ ଏହାକୁ ବିରୋଧ କରି ଆପ୍ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଏହାର ଶୁଣାଣି କରି ଉଭୟ ପକ୍ଷ ଏକାଠି ବସି କାହିଁକି ଏହି ସମସ୍ୟାର ସମାଧାନ କରୁନାହାନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମୁଖ୍ୟ ସଚିବଙ୍କ ନିଯୁକ୍ତି ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଉପ ରାଜ୍ୟପାଳ କ'ଣ ପାଇଁ ଏକାଠି ବସି ଆଲୋଚନା କରୁନାହାନ୍ତି ବୋଲି ମଧ୍ୟ କୋର୍ଟ କହିଛନ୍ତି। ଆସନ୍ତା ମଙ୍ଗଳବାର କେନ୍ଦ୍ର ସରକାର କିଛି ଅଧିକାରୀଙ୍କ ତାଲିକା ଦେବାକୁ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ଏବଂ ଏଲଜି ଏକାଠି ବସି ସେମାନଙ୍କ ମଧ୍ୟରୁ କାହାରିକୁ ବାଛିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।



ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ନିକଟରେ ଆଣିଥିବା ଅଧ୍ୟାଦେଶକୁ ନେଇ ଦିଲ୍ଲୀର ପ୍ରଶାସନିକ ନିଯୁକ୍ତି ଉପରେ ଆପ୍ ସରକାରଙ୍କ କର୍ତ୍ତୃତ୍ୱ ହ୍ରାସ ପାଇଛି। ତେବେ ନିଯୁକ୍ତି ପୂର୍ବରୁ କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ଆଲୋଚନା କରିବା ଦରକାର ବୋଲି ଆପ୍ ପକ୍ଷରୁ କୁହାଯାଇଛି।

## ଧନଖରଙ୍କୁ କ୍ଷମା ମାଗିଲେ ରାଘବ ଚଡ୍ଢା



**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ଆମ ଆଦମୀ ପାର୍ଟି(ଆପ୍) ସାଂସଦ ରାଘବ ଚଡ୍ଢା ରାଜ୍ୟସଭାରୁ ନିଲମ୍ବନ ହେବା ମାମଲାରେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖରଙ୍କୁ କ୍ଷମା ମାଗିଛନ୍ତି। ରାଜ୍ୟସଭାରୁ ନିଲମ୍ବନ ହେବା ପରେ ରାଘବ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏହାର ଶୁଣାଣି କରି ରାଜ୍ୟସଭା ଅଧ୍ୟକ୍ଷଙ୍କ ସମୟନ୍‌ଇ ତାଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ସହିତ କ୍ଷମା ମାଗିବାକୁ କହିଥିଲେ। ସେହି ଅନୁସାରେ ଶୁକ୍ରବାର ରାଘବ ଚଡ୍ଢା ଜଗଦୀପ ଧନଖରଙ୍କୁ ଭେଟି କ୍ଷମାପ୍ରାର୍ଥନା କରିଛନ୍ତି। ତେବେ ରାଘବଙ୍କୁ ପୁଣିଥରେ ବିଶେଷାଧିକାର କମିଟି ସମ୍ମୁଖରେ ଉପସ୍ଥିତ ହେବାକୁ ପଡ଼ିପାରେ ବୋଲି ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧ରେ ହେବ।

## ଦରମା ମାଗିବାରୁ ଯୁବକଙ୍କୁ ମାଡ଼ମାରି ଜୋତା କାମୁଡ଼ିବାକୁ କହିଲେ ମାଲିକାଣୀ

**ଅହମ୍ମଦାବାଦ,୨୪।୧୧(ଏଜେନ୍ସି)**

ଗୁଜରାଟର ମୋର୍ବିସ୍ଥିତ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଦଳିତ ଯୁବକ ନିଜର ବକେୟା ଦରମା ମାଗିବାରୁ ତାଙ୍କୁ କମ୍ପାନୀ ମାଲିକାଣୀ ମାଡ଼ ମାରିବା ସହିତ ତାଙ୍କ ଜୋତାକୁ ପାଟିରେ କାମୁଡିବାକୁ ବାଧ୍ୟ କରିବା ଭଳି ବିରଳ ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ପଦାକୁ ଆସିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଘଟଣାର ଯାଞ୍ଚ କରିବା ସହିତ କମ୍ପାନୀ ମାଲିକାଣୀ ଏବଂ ଅନ୍ୟ ୬ ଜଣଙ୍କ ବିରୋଧରେ ମାମଲା ଦାଏର କରିଛି।



ମିଳିଥିବା ଖବର ଅନୁସାରେ ମୋର୍ବିର ରାନିବା ଇଣ୍ଡଷ୍ଟ୍ରିଜ୍ ମାଲିକାଣୀ ବିଭୂତି ପଟେଲ ନିଲେଶ ଦାଲସାନିଆ ନାମକ ଜଣେ ଦଳିତ ଯୁବକଙ୍କୁ ଗତ ମାସ ପହିଲାରେ ମାସିକ ୧୨ ହଜାର ଟଙ୍କା ଦରମାରେ ନିଯୁକ୍ତ କରିଥିଲେ। କିନ୍ତୁ କୌଣସି କାରଣରୁ ସେହି ମାସ ୧୮ ତାରିଖରେ ନିଲେଶଙ୍କୁ କମ୍ପାନୀ ବାହାର କରିଦେଇଥିଲା। ନିଲେଶ ଏଥିରେ ମର୍ମାହତ ହେବା ସହ କମ୍ପାନୀ ଠାରୁ ୧୬ ଦିନର ଦରମା ଦାବି କରିଥିଲେ। କିନ୍ତୁ ବିଭୂତି ପଟେଲ ତାଙ୍କ କଥା ଶୁଣି ନଥିଲେ ଓ ତାଙ୍କ ସହ ଯୋଗାଯୋଗ ବନ୍ଦ କରିଦେଇଥିଲେ। ଗତକାଲି ନିଲେଶ ତାଙ୍କର ଜଣେ ଭାଇଙ୍କ ସହ କମ୍ପାନୀକୁ ଆସି ଦରମା ମାଗିବାରୁ ବିଭୂତି ରାଗିଯାଇ ତାଙ୍କୁ ଛାତ ଉପରକୁ ନେଇଯାଇ ଭୀଷଣ ପିଟିଥିଲେ। କମ୍ପାନୀର କିଛି କର୍ମଚାରୀ ମଧ୍ୟ ନିଲେଶଙ୍କୁ ବେଲ୍ଟରେ ପିଟିଥିଲେ। ଏହାପରେ ବି ବିଭୂତିଙ୍କ ରାଗ ଶାନ୍ତ ପଡ଼ି ନଥିଲା। ନିଲେଶ କାହିଁକି ତାଙ୍କୁ ଦରମା ମାଗିଲେ ବୋଲି କହି ତାଙ୍କ ଜୋତାକୁ ପାଟିରେ କାମୁଡି କ୍ଷମା ମାଗିବାକୁ ବାଧ୍ୟ କରିଥିଲେ। ନିଲେଶ ଯଦି ସେ ରାଭାପର କ୍ରସରୋଡକୁ ଆଉ ଥରେ ଆସିବେ ତେବେ ପରିଣାମ ଭୟଙ୍କର ହେବ ବୋଲି ମଧ୍ୟ ବିଭୂତି ଧମକ ଦେଇଥିବା ନିଲେଶ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ନିଲେଶଙ୍କୁ ମୋର୍ବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୋର୍ବି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଧଳା କାଉ ଓ କଳା ବଗ







ପ୍ରତ୍ୟୁଷ କୁମାର ସା

ଜନବସତିର ଅଳ୍ପ ଦୂରରେ ପୋଖରୀଟିଏ ଥାଏ। ପାଣି ପିଇବା ପାଇଁ ଅନେକ ପ୍ରକାର ପଶୁପକ୍ଷୀ ଏହି ପୋଖରୀକୁ ଆସନ୍ତି। ପାଣି ପିଅନ୍ତି, ହସ-ଖୁସିରେ ଖେଳକୁଦ କରି ନିଜ ନିଜ ବସାକୁ ଫେରି ଯାଆନ୍ତି। କଳା କାଉଟିଏ ମଧ ପ୍ରତିଦିନ ଏହି ପୋଖରୀକୁ ଆସେ। ରଙ୍ଗ-ବେରଙ୍ଗର ପକ୍ଷୀ ଦେଖି ତା'ର ଭାରି ଈର୍ଷା ହୁଏ । ଅନ୍ୟ ପକ୍ଷୀଙ୍କ ଭଳି ତା'ର ରଙ୍ଗ ଯଦି କଳା ନ ହୋଇ ରଙ୍ଗିନ ହୋଇଥାନ୍ତା, କେତେ ଭଲ ହୋଇଥାନ୍ତା । ଦେଖିବାକୁ ସେ ସୁନ୍ଦର ଲାଗୁଥାନ୍ତା, ସମସ୍ତେ ତାକୁ ଆଦର କରୁଥାନ୍ତେ । ଏହି କଥା ଭାବି ମନେ ମନେ ଭାରି ଦୁଃଖ କରେ । ସାଥୀ କାଉମାନେ ତାକୁ ବୁଝାନ୍ତି, ଏହି ରଙ୍ଗ ଆମକୁ ଭଗବାନ ଦେଇଛନ୍ତି । ସେଥିରେ ଆମେ ଖୁସି ହେବା କଥା । ହେଲେ, କାଉର ମନ ବୁଝେନି । ଦିନେ କାଉ ନିଷ୍ପତ୍ତି ନେଲା, ଏହି ଦୁଃଖ ଭଗବାନଙ୍କୁ ଜଣାଇବ । ଯଦି, ଭଗବାନ ତାକୁ କଳାରଙ୍ଗ ଦେଇଛନ୍ତି, ସେ ହିଁ ତା'ର ରଙ୍ଗ ବଦଳାଇବାରେ ସାହାଯ୍ୟ କରିବେ । ଏହା ଭାବି ପୋଖରୀ ତୁଠରେ ଥିବା ମନ୍ଦିରରେ ନିର୍ଜଳା ଉପବାସରେ ବସିଲା । ଦିନେ ଗଲା ଦୁଇ ଦିନ ଗଲା । ଏମିତି ସାତଦିନ ଭୋକ ଉପାସରେ ତପସ୍ୟାରେ ବସିଲା । ନ ଖାଇ ନ ପିଇ କାଉର ଅବସ୍ଥା ବିଗିଡ଼ିବାରେ ଲାଗିଲା । ପୋଖରୀରେ ଥିବା ଜଳ ଦେବତା, କାଉର ଦୁଃଖ ଆଉ ରହିପାରିଲେ ନାହିଁ । କାଉ ପାଖରେ ଉଭା ହୋଇ ଆଖି ଖୋଲିବାକୁ କହିଲେ । କାଉ, ଆଖି ଖୋଲ, ତୁମ ତପସ୍ୟାରେ ମୁଁ ସନ୍ତୁଷ୍ଟ । ତୁମର କ'ଣ ଦରକାର କୁହ? କାଉ, ଜଳ ଦେବତାଙ୍କୁ କହିଲା, ମୋର କଳା ରଙ୍ଗ ଦରକାର ନାହିଁ । ମୋତେ ରଙ୍ଗିନ ପକ୍ଷୀଟିଏ କରି ଦିଅନ୍ତୁ ।

ଭଗବାନଙ୍କ ସୃଷ୍ଟିରେ ପରିବର୍ତ୍ତନ କରିବା, ଜଳ ଦେବତାଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ନିଜର ଅସହାୟତା ପ୍ରକାଶ କଲେ। କାଉ' ପୁଣି ଜିଦ୍‌ରେ ତପସ୍ୟାରେ ବସିବାକୁ ଯାଉଥିଲା । ଜଳ ଦେବତା କହିଲେ- ରୁହ ଭକ୍ତ ! ଅଧୈର୍ଯ୍ୟ ହୁଅ ନାହିଁ । ମୁଁ ସିଧାସଳଖ ରଙ୍ଗ ବଦଳାଇପାରିବି ନାହିଁ । କିନ୍ତୁ ତୁମେ ଯଦି ଏମିତି ଜଣେ ପକ୍ଷୀଙ୍କୁ ଖୋଜି ଆଣିବ, ଯିଏ ନିଜ ଶରୀରର ରଙ୍ଗ ବଦଳ କରିବାରେ ରାଜି ହେବେ । ତେବେ ତାଙ୍କ ରଙ୍ଗ ତୁମ ଦେହରେ ଲଗାଇ ପାରିବ । କିନ୍ତୁ ବଦଳରେ ତୁମ କଳା ରଙ୍ଗ, ସେହି ପକ୍ଷୀଙ୍କୁ ଧାରଣ କରିବାକୁ ହେବ । ଜଳ ଦେବତାଙ୍କ କଥାରେ କାଉ ରାଜି ହୋଇଗଲା । ରଙ୍ଗ ବଦଳ କରିବାରେ ଇଚ୍ଛା ରଖୁଥିବା ପକ୍ଷୀ ସନ୍ଧାନରେ ବାହାରିଗଲା । ଶୁଆ, ହଳଦି ବସନ୍ତ, ବୁଲ୍‌ବୁଲ୍, ଏମିତି ଅନେକ ପକ୍ଷୀଙ୍କୁ ପଚାରିଲା । ହେଲେ ଏତେ ସୁନ୍ଦର ରଙ୍ଗ ବଦଳରେ କଳା ରଙ୍ଗ ଗ୍ରହଣ କରିବାକୁ କେହି ରାଜି ହେଲେନି। ନିରାଶ ହୋଇ ଶେଷରେ କାଉ, ପୋଖରୀ ତୁଠରେ ବସିଥିବା ବଗକୁ ପଚାରିଲା । ବଗ, ଅଳ୍ପ ସମୟ ଚିନ୍ତା କଲା । ଏହି ଧଳା ରଙ୍ଗ ଥାଇ ତା'ର ଲାଭ କ'ଣ?

ତା'ର ଧଳା ରଙ୍ଗର ହୋଇଥିବାରୁ ବହୁ ଦୂରରୁ ମାଛ, ଜୋକ ଓ ପୋକ ତାଙ୍କୁ ଚିହ୍ନ ଯାଉଛନ୍ତି । ତାଙ୍କୁ ଧରିବା ପାଇଁ ପାଖକୁ ଯିବା ପୂର୍ବରୁ ସେମାନେ ଖସି ଯାଉଛନ୍ତି । ଲାଭ କିଛି ହେଉନି ବରଂ ଅଧାଦିନ ଭୋକିଲା ରହିବାକୁ ପଡୁଛି । କଳା ରଙ୍ଗର ହୋଇଥିଲେ ଅନ୍ତତଃ ରାତିରେ କେହି ଦେଖିପାରିବେ ନାହିଁ।

ଆରାମରେ ତା' ପେଟ ପୂରିଯିବ । ଲୋଭର ବଶବର୍ତ୍ତୀ ହୋଇ ବଗ ରଙ୍ଗ ବଦଳାଇବା ପାଇଁ ରାଜି ହୋଇଗଲା । ଜଳ ଦେବତା ତଥାସ୍ତୁ କରି ଉଭୟଙ୍କ ରଙ୍ଗ ବଦଳାଇ ଉଭାନ ହୋଇଗଲେ । ଖୁସିରେ ଧଳା କାଉ ଜନବସତି ଆଡ଼କୁ ଗଲା । ଅଦ୍ଭୁତ ରଙ୍ଗର କାଉ ଦେଖି, ଲୋକେ ଆଶ୍ଚର୍ଯ୍ୟ ହେଲେ । ଘରେ କାଉ ରାବ ଶୁଣି ଖାଇବାକୁ ଦେଉଥିବା ଲୋକ, ଧଳା ରଙ୍ଗର କାଉ ଦେଖି ଘୃଣା କଲେ । କେଉଁ ଅଭିଶପ୍ତ କାଉ ଭାବି, ଘର ଛାତରୁ ଘଉଡ଼ାଇ ଦେଲେ । ଅନ୍ୟପଟେ କଳା ବଗ ମାଛ, ଜୋକ ଓ ପୋକ ଧରିବା ଆଶାରେ ପୋଖରୀ ପାଖକୁ ଗଲା । ହେଲେ ଇଏ କ'ଣ, ଦିନରେ କଷ୍ଟରେ ହେଉ ପଛେ, ମାଛ ହେଉ ବା' ପୋକ ଖାଇବା ପାଇଁ ମିଳିଯାଉଥିଲା । ହେଲେ ରାତିର ଅନ୍ଧାରରେ ତାକୁ କେହି ଦେଖି ପାରୁ ନାହାନ୍ତି ସତ । ତାକୁ ବି କେହି ଦେଖାଯାଉ ନାହାନ୍ତି । ରାତି ବିଶ୍ରାମର ସମୟ ହୋଇଥିବାରୁ ମାଛ,ପୋକ, ଜୋକ କାହାରି ସୋର-ଶବ୍ଦ ବି ଶୁଣିବାକୁ ମିଳୁନି । କୌଣସି ଉପାୟ ନ ପାଇ, କାଉ ଓ ବଗ ଜଳ ଦେବତାଙ୍କୁ ଆକୁଳ ହୋଇ ଡାକିଲେ । ଧଳା କାଉ ଓ କଳା ବଗର ଡାକ ଶୁଣି ଆବିର୍ଭାବ ହେଲେ ଜଳ ଦେବତା । ଉଭୟଙ୍କର ସମସ୍ୟା ଜାଣି କହିଲେ- ଦକ୍ଷତା, ସାମର୍ଥ୍ୟ ଓ ଆବଶ୍ୟକତା ଦେଖି ଭଗବାନ ସମସ୍ତଙ୍କୁ କିଛି ନା' କିଛି ଦେଇଛନ୍ତି । ସେଥିରେ ସନ୍ତୁଷ୍ଟ ହେଉଥିବା ପ୍ରାଣୀ ଖୁସିରେ ରୁହେ । କାଉ ଓ ବଗ ନିଜ ନିଜର ଭୁଲ୍ ବୁଝିପାରିଲେ ।■

ଗ୍ୟାରେଜ୍ ଛକ, ଭୁବନେଶ୍ୱର
ମୋ- ୯୪୩୭୩-୬୬୯୮୪

## କୁନି ତାରକା




## ଶିଶୁ ପ୍ରତିଭା

### କୁନି ବୟସରେ ଜିଣନ୍ତି ଅଗଣିତ ମନ

# ଡ୍ୟାନ୍ସିଂ ଷ୍ଟାର୍ ତେଜସ୍ୱିନୀ



**ବୟସ ତୁଳନାରେ ତାଙ୍କର ପ୍ରତିଭା ସମସ୍ତଙ୍କ ହୃଦୟ ଜିଣିଛି । ସେ ଯେତେବେଳେ କୁନି କୁନି ପାଦରେ ଅଳତା ଆଉ ମଥାରେ କୁଙ୍କୁମ ଲଗାଇ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି, ତାଙ୍କ ନୃତ୍ୟରୁ କେହିବି ମୁହଁ ଫେରେଇ ପାରନ୍ତିନି । ନୃତ୍ୟର ତାଳେ ତାଳେ ସେ ନିଜେ ହଜନ୍ତି ଆଉ ଦର୍ଶକଙ୍କୁ ମଧ ହଜାନ୍ତି । ନୃତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଅଭିନୟର ପରାକାଷ୍ଠା ଦେଖାଇ ଜିଲ୍ଲା ତଥା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଯାଜପୁର, ବ୍ୟାସନଗର ସହର ଉପକଣ୍ଠ, ଝାଟିଆସାହି ନୂଆ ମାର୍କେଟର ଆର.ଏନ୍.ତେଜସ୍ୱିନୀ । ବୟସ ତାଙ୍କୁ ମାତ୍ର ୮ ବର୍ଷ। ସେ ପଢ଼ାରେ ଯେମିତି ପାରଙ୍ଗମ, ନୃତ୍ୟ ଓ କରାଟେରେ ମଧ ବେଶ୍ ନିପୁଣ । ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରୁଥିବା ଆର.ଏନ୍ ତେଜସ୍ୱିନୀ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ସବୁଠି ସମ୍ମାନିତ ହୋଇଛନ୍ତି ।**

ଯାଜପୁର ଜିଲ୍ଲାର ଯୁବ ସମାଜସେବୀ ରାଜେଶ କୁମାର ରାଉତ ଏବଂ ନମିତା ରାଉତଙ୍କ କନ୍ୟା ହେଉଛନ୍ତି ତେଜସ୍ୱିନୀ। ମାତ୍ର ୩ ବର୍ଷ ବୟସରେ ନୃତ୍ୟ ପ୍ରତି ଝିଅର ଦୁର୍ବଳତା ଦେଖି ଏ ଦିଗରେ ତାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲେ ତେଜସ୍ୱିନୀଙ୍କ ବାପା ମା' । ପିଲାଦିନରୁ ତେଜସ୍ୱିନୀଙ୍କର ପାଶ୍ଚାତ୍ୟ ନୃତ୍ୟ ପ୍ରତି ଆଗ୍ରହ ରହିଥିଲା । ପରେ ସେ ଓଡ଼ିଶୀ, ସମ୍ବଲପୁରୀ ଶିଖିଥିଲେ । ଝିଅର ଓଡ଼ିଶୀ ନୃତ୍ୟ ପ୍ରତି ଥିବା ଦୁର୍ବଳତା ଦେଖି ଗୁରୁ ଶ୍ରୀ ଶକ୍ତିପ୍ରସାଦ ନାୟକଙ୍କ ଅଧୀନରେ ପିତାମାତା ତାଙ୍କୁ ତାଲିମ ଦେଇଥିଲେ । ଏବେ ତେଜସ୍ୱିନୀ ଗୁରୁ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ନିକଟରୁ ସମ୍ବଲପୁରୀ, ଶ୍ରୀଭୋଳାନାଥ ଘୋଷଙ୍କ ନିକଟରୁ ପାଶ୍ଚାତ୍ୟ ନୃତ୍ୟ ଶିଖୁଛନ୍ତି । ଏତଦ୍ ଭିନ୍ନ ସେ ଏବେ ଆହୁଲା ଜଟାଧାରୀ ରାଓଙ୍କ ନିକଟରୁ କରାଟେରେ ତାଲିମ୍ ନେଉଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ବ୍ୟାସନଗରର ଚତୁର୍ଥ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀ ତେଜସ୍ୱିନୀଙ୍କ ଏଭଳି ବିରଳ କୃତିତ୍ୱରେ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ମାତ୍ର ୮ ବର୍ଷ ବୟସ ହୋଇଥିଲେ ମଧ ତେଜସ୍ୱିନୀ ତାଳ ,ଲୟ ଏବଂ ଅଭିନୟକୁ ଥରକରେ ମନେ ରଖିଦିଅନ୍ତି ବୋଲି ତାଙ୍କ ଗୁରୁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ମଙ୍ଗଳା ଚରଣ ନୃତ୍ୟରେ ଚମତ୍କାର ପ୍ରଦର୍ଶନ କରି ସେ ଦର୍ଶକଙ୍କ ଅନେକ ପ୍ରଶଂସା ସାଉଁଟିଛନ୍ତି । ବ୍ୟାସନଗରର ବିଭିନ୍ନ ମଞ୍ଚରେ ନୃତ୍ୟ ପରିବେଷଣ କରି ସେ ଦର୍ଶକଙ୍କ ବିମୋହିତ କରୁଥିବାବେଳେ ଜିଲ୍ଲା ତଥା ରାଜ୍ୟରେ ମଧ ନିଜର ଅଭିନୟର ଯାଦୁ ଦେଖାଇ ଅନେକ ଥର ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି । ମାତ୍ର ୪ ବର୍ଷ ବୟସରେ ମଧ୍ୟପ୍ରଦେଶ ରାଜ୍ୟର ଭିଲାଇଠାରେ ନିଜ କଳାନିପୁଣତା ଦେଖାଇ ଜାତୀୟସ୍ତରର "କଳାବୈଭବ ସମ୍ମାନ", ୫ ବର୍ଷ ବୟସରେ "ବ୍ୟାସସରୋବର ସମ୍ମାନ", ୬ ବର୍ଷ ବୟସରେ ଯାଜପୁର ଜିଲ୍ଲା କାଳିଆପାଣିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ "ସୌରିକ ଯୁବ ମହୋତ୍ସବ"ରେ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଏଯାବତ୍ ୧୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ ଅଭିନୟ କରିସାରିଲେଣି । ଭାଇଭଉଣୀଙ୍କ କାହାଣୀକୁ ନେଇ ନେଇ ମୁକ୍ତିଲାଭ ଅପେକ୍ଷାରେ ଥିବା ଫିଲ୍ମ "ଓମ୍ ସ୍ୱାହା"ରେ ମଧ ତେଜସ୍ୱିନୀଙ୍କ ଅଭିନୟର ଝଲକ ଦେଖିବାକୁ ମିଳିବ । ଭବିଷ୍ୟତରେ ତେଜସ୍ୱିନୀ ଓଡ଼ିଶୀ ନୃତ୍ୟ ଉପରେ ଗବେଷଣା କରିବା ସହିତ ପ୍ରତିରକ୍ଷା ବିଭାଗରେ ଯୋଗ ଦେଇ ଦେଶ ମାତୃକାର ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।■



ଯଜ୍ଞଦତ୍ତ ତ୍ରିପାଠୀ
ବ୍ୟାସନଗର,
ଯାଜପୁର

## ସକାଳ ଶିଶୁ କୁଇଜ୍-୧୦୦

(୧) ଲକ୍ଷ୍ନୌ ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର:______

(୨) ପୁରୁଡ଼ି ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅଛି?
ଉତ୍ତର:______

(୩) କେତେ ବର୍ଷରେ ଥରେ ଜନଗଣନା ହୋଇଥାଏ?
ଉତ୍ତର:______

(୪) କାହ୍ନା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର:______

(୫) ଭଗବାନ କାର୍ତ୍ତିକେୟଙ୍କ ବାହନ କିଏ?
ଉତ୍ତର:______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

- ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ସାଲେପୁର, କଟକ
- ପୀୟୂଷ ପ୍ରଧାନ, ଅତାବିରା, ବରଗଡ଼
- ସ୍ୱାଗତିକା ଭୋଇ, ବଡ଼ମାଲ, ବଲାଙ୍ଗିର

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ମହାକାର୍ତ୍ତିକ ଏ ମାସ



ତପନ କୁମାର ସ୍ୱାଇଁ

ପୂରୁବ ଆକାଶ ଫରଚା ହେଇନି
ଲିଭି ନାହିଁ କୁଆଁ ତାରା ,
ବୋଉ ମୋର ସବୁ ଲିପି ସାରିଲାଣି
ଦାଣ୍ଡ ଅଗଣାଟା ସାରା ।
ଟିପି ଟିପି ହୋଇ କାକର କେମିତି
ଗଛରୁ ପଡୁଛି ଝରି,
ଝୋଟି ଆଙ୍କିଲାଣି ପଞ୍ଝୁକ ସକାଳୁ
ଶୀତଟାରେ ବୋଉ ଥରି ।
ମହା କାର୍ତ୍ତିକରେ ହବିଷ ପାଳିଛି
ଧରମ ପଥରେ ରହି,
କାର୍ତ୍ତିକ ପୂନେଇଁ ସକାଳୁ ସକାଳୁ
ଡଙ୍ଗା ଭସାଇବ ଯାଇ ।

ବରଷକ ପରେ ଆସିଛି ପରବ
ବଡ଼ଓଷା ଡଙ୍ଗା ଭସା,
ଶିବ ମନ୍ଦିରରେ ଦର୍ଶନ କରିଲେ
ଘୁଞ୍ଚି ଯିବ ଦୁଃଖ ଦଶା ।
ପୂରୁବ କୀରତି ପୂରୁବ ଗୌରବ
ଜାଭା ସୁମାତ୍ରାର ଗାଥା,
ଓଡ଼ିଶାରେ ଜନେ ମନେ ପକାଇବେ
ସାଧବ ପୁଅଙ୍କ କଥା ।
ଆମ ବାଲିଯାତ୍ରା ରାଇଜ ବାହାରେ
ରଖିଛି ସୁନାମ କେତେ,
କଳା, ସଂସ୍କୃତି ଓ ବିକାଶର ଚିତ୍ର
ବିଦେଶେ ଆଙ୍କିଛି ସେତେ ।

ସବୁ କଥା ବୋଉ ଗୋଟିଗୋଟି କହେ
ମହା କାର୍ତ୍ତିକ ଏ ମାସ,
ଏଇ ମାସେ ପୁଣ୍ୟ ଅରଜନ କଲେ
ଲକ୍ଷ୍ମୀ କରିଥାନ୍ତି ବାସ ।

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ -୯୦୪୦୦୩୩୩୯୦

- କାର୍ତ୍ତିକ ମାସରେ ଚଉରା ମୂଳେ
ଜେଜେ ମା' ପୂଜନ୍ତି ଅତି ଶ୍ରଦ୍ଧାରେ
ସୋମବାର ଦିନ ମନ୍ଦିର ଯାଇଁ
ଶିବଙ୍କ ଦର୍ଶନ କରନ୍ତି ସେହି
କାର୍ତ୍ତିକ ପୂନେଇଁ ଶୁଭ ସକାଳେ
ଡଙ୍ଗା ଭସା ପର୍ବ ଭକ୍ତିରେ ପାଳେ
କହି ପାରିବ କି ସେ ବ୍ରତ ନାମ
ଯେ କହିବ ତାକୁ ମିଳିବ ଧର୍ମ ।
ଉତ୍ତର-ହବିଷ ବ୍ରତ

- କାର୍ତ୍ତିକ ପୂନେଇଁ ଶୁଭ ଲଗନେ
ସେ ଦିଅଁଙ୍କୁ ପୂଜା କରନ୍ତି ଜନେ
ହର ପାର୍ବତୀଙ୍କ ସେ ପୁତ୍ର ଜାଣ
ମୟୂର ଅଟଇ ତାଙ୍କ ବାହନ
ଏବେ କହିଦିଅ ନାମ ତାଙ୍କର
ଦେଖିବାକୁ ସିଏ ଭାରି ସୁନ୍ଦର ।
ଉତ୍ତର-କାର୍ତ୍ତିକେଶ୍ୱର

- ଛଅ ଋତୁ ମଧ୍ୟେ ସିଏ ନିଆରା
ତା' ପରଶେ ହସେ ସବୁଜ ଧରା
କାକର କୁହୁଡ଼ି ସାଙ୍ଗରେ ଧରି
ଆସିଥାଏ ସିଏ ମରତପୁରୀ
ଦୀପାବଳି ଆଉ ହବିଷ ଓଷା
ସାଥେ ଆଣିଥାଏ ସେ ମାଣବସା
ଏବେ କୁହ ସେହି ଋତୁର ନାମ
ଯିଏ କହିଦେବ ଚତୁର ଜାଣ ।
ଉତ୍ତର-ହେମନ୍ତ ଋତୁ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ମାସରେ କାର୍ତ୍ତିକ ସାର



ଜଗଦୀଶ ସାହୁ

ଧରମ ମାସରେ କାର୍ତ୍ତିକ ସାର
ଭକତଙ୍କୁ ଟାଣେ ଶିବଙ୍କ ଡୋର
ସକାଳୁ ଝରଇ କାକର ଝର
ପାଣିକୁ ଦେଖିଲେ ମାଡ଼ଇ ଡର !
ଗରମ ଖାଇବା ମନ ଖୋଜଇ
ଶୋଇବା ବେଳକୁ ଲୋଡ଼ା ରେଜେଇ
କମାର ଶାଳରେ ଦାଆ ପଜେଇ
ଧାନ କାଟେ ଚାଷୀ ମନ ମଜେଇ !
ଜେଜେମା ଜଗାକୁ ସଞ୍ଜ ସକାଳେ
ଦରଶନ କରି ପଞ୍ଝୁକ ପାଳେ
ଦିଅଁ ଦେବତାଙ୍କ ଆଳତି ବେଳେ
ମାଟି ଦୀପ ଜଳେ ଚଉରା ମୂଳେ !
ମହାନଦୀ କୂଳେ ବାବାଙ୍କ ଘର
ନାମ ବହିଛନ୍ତି ଧବଳେଶ୍ୱର
ବଡ଼ଓଷା ଅଟେ ପର୍ବ ତାଙ୍କର
ପ୍ରଭୁଙ୍କ ଦୟାରୁ ହସୁ ସଂସାର !



ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ମୋ :- ୯୦୭୮୧୮୫୬୧୬





ଅଦ୍ୱିତା ବିଶ୍ୱାଳ
ପ୍ରଥମ ଶ୍ରେଣୀ
ଡିଏଭି ସ୍କୁଲ, ପୋଖରୀପୁଟ
ଭୁବନେଶ୍ୱର





ସାକ୍ଷି ମହାପାତ୍ର
ପ୍ରଥମ ଶ୍ରେଣୀ
ଏସ୍‌ବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲ
ଭଦ୍ରକ





କାବ୍ୟାଂଶ ବିଲହୋର
ଚତୁର୍ଥ ଶ୍ରେଣୀ
ରୁଚିକା ହାଇସ୍କୁଲ
ୟୁନିଟ୍-୬, ଭୁବନେଶ୍ୱର





ଧୃତିକାନ୍ତ ବାରିକ
ଦଶମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ଆଇଟିପିଏସ୍, ଝାରସୁଗୁଡ଼ା

# ହିରୋ ପ୍ରସଙ୍ଗ



ହିରୋ ହେବା ଏତେ ସହଜ ନୁହେଁ।

ହିରୋ ହେବାକୁ ହେଲେ ସବୁ ସୁଖ ଛାଡ଼ିବାକୁ ପଡ଼େ। ବହୁ ଦୁଃଖ ଭୋଗିବାକୁ ପଡ଼େ। ବଣରେ, ଗଛମୂଳେ ରହିବାକୁ ପଡ଼େ। ଝୁମ୍ପୁଡ଼ି ଘରେ ଦିନ କାଟିବାକୁ ପଡ଼େ। ଦୁଃଖୀ, ଦରିଦ୍ର, ପୀଡ଼ିତ, ଦଳିତଙ୍କ ସେବା କରିବାକୁ ହୁଏ। ଦୁରାଚାରୀ ସାଙ୍ଗରେ ଲଢ଼ିବାକୁ ହୁଏ। ଦୁଷ୍ଟ ନାଶିବାକୁ ସାଗର ବି ଲଙ୍ଘିବାକୁ ପଡ଼ିଥାଏ।

ଏବେ ଆମେ ଯାହାଙ୍କୁ 'ହିରୋ' କହୁଚୁ, ସେମିତି ହିରୋ ହେବା ପାଇଁ ହେଲେ ସିନେ ପରଦାକୁ ଆସିବାକୁ ପଡ଼େ। ଏଇ ହିରୋ ହେବା ବି ଭାରି କଷ୍ଟ। ତାଙ୍କ ଭାଷାରେ ବହୁ 'ଷ୍ଟ୍ରଗଲ୍' କରିବାକୁ ପଡ଼ିଥାଏ। ଘର ପରିବାରକୁ ଛାଡ଼ିବାକୁ ପଡ଼େ। ରାତି ରାତି ଅନିଦ୍ରା ହେବାକୁ ପଡ଼େ।

ଥରେ ପରଦାରେ ହିରୋ ହେଇଗଲେ କଷ୍ଟ ସରିଯାଏନି। ହିରୋପଣକୁ ବଜାୟ ରଖିବାକୁ ସଂଗ୍ରାମ ଜାରି ରହିଥାଏ। ସାଧାରଣ ଲୋକଙ୍କ ନଜର ସବୁବେଳେ ଯାଙ୍କ ଉପରେ ଥାଏ। ଏଣୁ ଏମାନଙ୍କୁ 'ଇମେଜ୍' ବଞ୍ଚେଇବା ପାଇଁ ଦରିଦ୍ର ସେବାଠୁ ଆରମ୍ଭ କରି ନାନାଦି କଷ୍ଟ ସହିବାକୁ ପଡ଼ିଥାଏ।

ଏଇ ହିରୋଙ୍କ ସଙ୍ଗେ ରହି କିଛି ଅଙ୍ଗେନିଭା ଦୁଃଖଦ ଅନୁଭୂତି ଆମର ବି ଅଛି। କୌଣସି 'ସୋ' ସାରି ବିଳମ୍ବିତ ରାତିରେ ଏମାନେ ଘରକୁ ଶୀଘ୍ର ଫେରି ଆସିବାକୁ ଚାହାଁନ୍ତି। କିନ୍ତୁ ଯାଙ୍କ ଭକ୍ତ ବା ଫ୍ୟାନ୍ ମାନେ ତାଙ୍କୁ ସହଜରେ ଯିବାକୁ ଦିଅନ୍ତିନି। ମୋବାଇଲ୍ ଗୋଟେ ଗୋଟେ ଧରି ପାଖକୁ ଚାଲି ଆସନ୍ତି ଆଉ କହନ୍ତି, "ସେଲ୍‌ଫି ପ୍ଲିଜ୍।"

ବିଚରା ହିରୋ ନାଚାର ହେଇଯା'ନ୍ତି। ଫ୍ୟାନ୍ ମୋବାଇଲ୍‌କୁ ମୁହଁ ସାମ୍ନାକୁ ଆଣନ୍ତି। ପ୍ରଥମେ ଚାହାନ୍ତି ହିରୋଙ୍କ ମୁହଁକୁ, ଆଉ କହନ୍ତି, "ଭାଇ ! ଟିକେ ହସୁନାହାନ୍ତି !" ବିଚରା ବାଧହେଇ ଗାଲ ସାଙ୍କୁଡେଇ ଓଠକୁ ଚଉଡ଼ା କରନ୍ତି। ତେଣେ ଫ୍ୟାନ୍‌ଙ୍କ ମୋବାଇଲ୍ କ୍ୟାମେରା ଫ୍ରଣ୍ଟ ମୋଡ୍‌ରେ ଥାଏ। ସେଲ୍ଫି ମୋଡ୍‌କୁ ଆଣୁ ଆଣୁ ଦୁଇମିନିଟ୍ ଲାଗେ। ହିରୋଙ୍କ ଓଠ ସେଇ ଚଉଡ଼ା।

ଏତିକିରେ ଦୁଃଖ ସରେନି। ସେଲ୍ଫି ପାଇଁ ଆଙ୍ଗୁଳି ଦବାନ୍ତି ମୋବାଇଲ୍‌ରେ। ମୋବାଇଲ୍‌ରେ ୧-୨-୩--- ଏମିତି ୧୦ ଯାଏଁ ଦେଖାଯାଏ, ତାପରେ ଫଟୋ ଉଠେ। କ୍ୟାମେରାର ଟାଇମର୍ ଲାଗିଚି। ଚିଡ଼ି ମାଡୁଥିଲେ ବି ସହିଯିବାକୁ ପଡ଼େ। କଷ୍ଟ ହେଉଥିଲେ ବି ଓଠକୁ ବିସ୍ତାରିତ କରିବାକୁ ବାଧ ସେ।

'କଷ୍ଟ ହେଉଥିବ, ତାକୁ ସହୁଥିବ, ତଥାପି ହସୁଥିବ' – ଏଇ ତ ହିରୋର ପରିଚୟ। କେବଳ ଏ ଯୁଗର ହିରୋ ନୁହନ୍ତି, ଆମେ ପଢ଼ିଥିବା ଇତିହାସ / ପୁରାଣର ହିରୋ ବି ଏଭଳି ଅଭିନୟ ହିଁ କରିଚନ୍ତି। ତୁଳସୀ ଦାସ ବର୍ଣ୍ଣନା କରିଚନ୍ତି ଏଭଳି ଦୁଇ ହିରୋଙ୍କ କଥା – "ଗୁଣ ସାଗର ଦୁଇ ଶ୍ରେଷ୍ଠ ନାଗର"।

ଖର, ଦୁଷଣ, ତାଡ଼କାକୁ ମାରି ଅହଲ୍ୟା ଉଦ୍ଧାର କରି ରାମ ଲକ୍ଷ୍ମଣ ମିଥିଳା ନଗ୍ରକୁ ଆସିଚନ୍ତି। ଆମ ହିରୋମାନେ କୌଣସି ସହରକୁ ଗଲେ ସହର ଯୁବତୀମାନେ ଯେମିତି ବାଲ୍‌କୋନିରୁ, ଝରକାରୁ ହିରୋଙ୍କୁ ଦେଖୁଥାନ୍ତି, ମିଥିଳାରେ ବି ସେହିପରି :-

ନଗ୍ର ଯୁବତୀ ଏହି ଦୁଇ ଭାଇଙ୍କି
ଝରକା ଫାଙ୍କେ ରହିଥିଲେ ଚାହିଁକି।
ଆପଣା ମଧ୍ୟେ କୁହାକୁହି ହୁଅନ୍ତି
କୋଟି କନ୍ଦର୍ପ ଯାଙ୍କ ସରି ନୁହନ୍ତି।
ସଖୀ ! ଦେହ ଧରି କେ ଅଛି କହ ତ
ଦେଖି ଏ ରୂପ ହେବ ନାହିଁ ମୋହିତ ?

ତରୁଣୀଙ୍କର ତ ଏଇ ଅବସ୍ଥା। ତେବେ ତରୁଣମାନେ ? ସେମାନେ ରାମଙ୍କ ପଛେ ପଛେ ଚାଲିଚନ୍ତି। ଯଜ୍ଞସ୍ଥଳ ଦେଖେଇବା ବାହାନାରେ ବେଳେବେଳେ ରାମଙ୍କ ଅଙ୍ଗକୁ ଛୁଇଁ ଦେଉଥା'ନ୍ତି। ରାମ ବାଳକଙ୍କ ଏ ଭାବ ଦେଖି ତାଙ୍କ ଖୁସି ପାଇଁ ସାନ ଭାଇ ଲକ୍ଷ୍ମଣଙ୍କୁ କହୁଚନ୍ତି – "ସତରେ, ଦେଖ ଏ ଯଜ୍ଞସ୍ଥଳ କେଡ଼େ ସୁନ୍ଦର!"

## ହାଟ ମଝିରେ ବ୍ରହ୍ମଜ୍ଞାନ

ପ୍ରକୃତରେ କ'ଣ ରାମଙ୍କୁ ଏ ଯଜ୍ଞସ୍ଥଳ ଏତେ ସୁନ୍ଦର ଲାଗିଚି ? ଅସଲ କଥାଟି ଗୋସ୍ୱାମୀ ତୁଳସୀ ଦାସ ବର୍ଣ୍ଣନା କରି ଲେଖିଚନ୍ତି :-

ଯା'ଙ୍କ ଆଜ୍ଞାରେ ଗଢ଼ା ଭବେ ସକଳ
ସିଏ ଚକିତ ଦେଖି ଏ ଯଜ୍ଞସ୍ଥଳ।
ଭକ୍ତ ସୁଖ ଲାଗି ପ୍ରଭୁ ରାଘବ
ଦେଖାଉଥାନ୍ତି ଖାଲି ଏମନ୍ତ ଭାବ।

ସମ୍ପୂର୍ଣ୍ଣ ତ୍ରିଭୁବନର ହିରୋ ଶ୍ରୀରାମ ତାଙ୍କ ଫ୍ୟାନ୍ ରୂପୀ ଭକ୍ତଙ୍କ ସୁଖ ଲାଗି କେବଳ ଏମିତି ମଧୁର କଥା କହିପାରୁଚନ୍ତି ! ଆମ ହିରୋମାନେ ଅନ୍ତତଃ ଫ୍ୟାନ୍‌ମାନଙ୍କ ସୁଖ କଥାଟି ବିଚାରି ଭଲକଥାମାନ କହନ୍ତେ ନି ! ହଁ, ଆମ ଅଗୋଚରରେ ଆମର ବି କେଉଁ କୋଣରେ ଫ୍ୟାନ୍ ଥିବେ।

ସମସ୍ତଙ୍କୁ ଆପଣେଇ କେବଳ ରିଲ୍ ହିରୋ ନ ହୋଇ ରିୟଲ୍ ହିରୋ ହେବାର ସୁଯୋଗ ତ ଆମ ପାଖରେ ବି ଅଛି। ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଆଜିର ଇତିହାସ

- ୧୭୧୬: ଆମେରିକାରେ ପ୍ରଥମଥର ପାଇଁ କୌଣସି ସିଂହକୁ ପ୍ରଦର୍ଶନୀରେ ରଖାଗଲା।
- ୧୮୬୬: ଆଲହାବାଦ୍ ଉଚ୍ଚ ନ୍ୟାୟାଳୟ ଉଦ୍‌ଘାଟନ।
- ୧୯୩୭: ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ବିଶ୍ୱ ମେଳା ସମାପନ।
- ୧୯୬୫: ଫ୍ୟାନ୍ସ ପ୍ରଥମ ସାଟେଲାଇଟ୍ ଲଞ୍ଚ୍ କଲା।
- ୧୯୮୨: ପ୍ରସିଦ୍ଧ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଜନ୍ମ।
- ୨୦୧୪: ପ୍ରଖ୍ୟାତ କଥକ ନୃତ୍ୟଶିଳ୍ପୀ ସିତାରା ଦେବୀଙ୍କ ପରଲୋକ।

# ଶାହରୁଖ୍‌ଙ୍କ କମ୍ ବଜେଟ୍‌ର ଫିଲ୍ମ 'ଡଙ୍କି'



ବଲିଉଡ୍‌ର ବଡ଼ ବଜେଟ୍ ଫିଲ୍ମ 'ଯବାନ' ଓ 'ପଠାନ୍'ର ସଫଳତା ପରେ ଏବେ କିଙ୍ଗ ଖାନ୍ ଶାହରୁଖ୍ ତାଙ୍କ ଆଗାମୀ ନୂଆ ସିନେମା 'ଡଙ୍କି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ସେ ଏହି ଫିଲ୍ମକୁ ଗମ୍ଭୀରତାର ସହ ନେଇ ଏଥିପାଇଁ ଖୁବ୍ ପରିଶ୍ରମ ମଧ୍ୟ କରିଛନ୍ତି। ସେ ଏହି ସିନେମାରେ ୩ରୁ ୪ଟି ଭିନ୍ନ ଭିନ୍ନ ଲୁକ୍‌ରେ ନଜର ଆସିବେ। ତେବେ ଏହି ସିନେମାଟି ଏବେ ତା'ର ବଜେଟ୍ ପାଇଁ ଚର୍ଚ୍ଚାରେ ଅଛି। କାରଣ ପୂର୍ବରୁ ଯବାନ ୩୦୦ କୋଟି ଟଙ୍କା ଏବଂ ପଠାନ୍ ୨୦୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ବେଳେ 'ଡଙ୍କି'ର ବଜେଟ୍ କିନ୍ତୁ ବହୁତ କମ୍। ଏହାକୁ ୮୫ କୋଟି ଟଙ୍କାରେ ନିର୍ମାଣ କରାଯାଇଛି। ଏହାସହ ଗତ ୬ ବର୍ଷ ମଧ୍ୟରେ ଶାହରୁଖ୍‌ଙ୍କ ସବୁଠୁ କମ୍ ବଜେଟ୍‌ର ଫିଲ୍ମ ପାଲଟିଛି 'ଡଙ୍କି'। ଅବଶ୍ୟ ସିନେମାର ଏହି ୮୫ କୋଟି ଟଙ୍କା ବଜେଟ୍‌ରେ କଳାକାରଙ୍କ ଫି'କୁ ସାମିଲ କରାଯାଇ ନାହିଁ। ସେହିପରି ନିର୍ଦ୍ଦେଶକ ରାଜକୁମାର ହିରାନୀ ଏହାର ନିର୍ମାଣ କାର୍ଯ୍ୟ ୭୫ ଦିନରେ ଶେଷ କରିଥିବା ବେଳେ ଶାହରୁଖ ୬୦ ଦିନ ଧରି ସିନେମା ସୁଟିଂରେ ନିଜକୁ ବ୍ୟସ୍ତ ରଖିଥିଲେ। ଶାହରୁଖଙ୍କ ସମେତ ସିନେମାରେ ତାପସୀ ପନ୍ନୁ, ଭିକି କୌଶଳ, ବୋମନ ଇରାନି ପ୍ରମୁଖ ନଜର ଆସିବେ। ଏହି ସିନେମାଟି ଡିସେମ୍ବର ୨୧ରେ ପ୍ରେକ୍ଷାଳୟକୁ ଆସିବ।

# ଖାଦ୍ୟ ପରଷୁଛି ରୋବଟ୍ ୱେଟର



ହୋଟେଲ୍ କିମ୍ବା ରେସ୍ତୋରାଁରେ ୱେଟରମାନେ ଟ୍ରେ-ଟେବଲ ସାହାଯ୍ୟରେ ଗ୍ରାହକଙ୍କୁ ଖାଦ୍ୟ ପରଷିଥାନ୍ତି । ଯାହା ଆମେ ସମସ୍ତେ ଜାଣନ୍ତି । ଏହି ଟ୍ରେ-ଟେବୁଲ୍-ରେ ଖାଦ୍ୟ ପରଷିବା ବେଶ୍ ସୁବିଧାଜନକ ହୋଇଥାଏ । କିନ୍ତୁ ନିକଟରେ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି । ଯେଉଁଥିରେ ଏକ ରୋବୋଟ୍ ଟ୍ରେ-ଟେବୁଲ୍ ଦେଖିବାକୁ ମିଳିଛି । ଯେଉଁଥିରୁ ଖାଦ୍ୟ ଆପେ ଆପେ ପରଷା ଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ରୋବଟ୍ ୱେଟର ବୋଲି କୁହାଯାଏ । ଏହି ଭିଡିଓ @techzexpress ନାମକ ଗୋଟିଏ ଆକାଉଣ୍ଟରୁ ସେୟାର କରାଯାଇଛି । ଯେଉଁଥିରେ ଏହି ରୋବଟ୍ ଟେବୁଲ୍ ଆପେ ଆପେ ଆଗକୁ ଯାଇ ଗ୍ରାହକଙ୍କ ନିକଟରେ ଖାଦ୍ୟ ପରଷୁଥିବା ନଜର ଆସିଛି । ସେହିପରି ଏହି ଟେବୁଲ ଉପରେ ଏକ ସ୍କ୍ରିନ୍ ରହିଛି । ଯେଉଁଥିରେ ଆଗରୁ ସୁରକ୍ଷିତ କରାଯାଇଛି କେଉଁ ଟେବୁଲ ପାଖରେ କେଉଁ ଖାଦ୍ୟ ପହଞ୍ଚିବ । ଏହି ଟେବୁଲରେ ଅନେକ ଗୁଡ଼ିଏ ସେଲ୍ଫ ମଧ୍ୟ ରହିଛି । ଏହା ସତ୍ତ୍ୱେ ଟ୍ରେ-ଟେବୁଲ୍ ମେସିନରେ ଏକ ତ୍ରୁଟି ପରିଲକ୍ଷିତ ହୋଇଛି । ଯେଉଁ ସମୟରେ ଏହି ଟେବୁଲଟି ଆଗକୁ ଗତିକରୁଛି ଠିକ୍ ସେହି ସମୟରେ ଉପରେ ଥିବା ଏକ ଗ୍ରେଭି ଡିଶ୍ ତଳେ ରହିଥିବା ତରଭୁଜ ଉପରେ ପଡ଼ିଯାଉଛି । ଏହି ଟ୍ରେ -ଟେବୁଲଟି ସମତଳ ନୁହେଁ । ଯାହାଫଳରେ ଏଥିରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି । ଭାଇରାଲ୍ ହୋଇଥିବା ଏହି ଭିଡ଼ିଓକୁ ଏପର୍ଯ୍ୟନ୍ତ ଚାରି ଲକ୍ଷରୁ ଅଧିକ ଲୋକ ଦେଖିସାରିଛନ୍ତି ଏବଂ ନିଜ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି ।

# ଦୌଡ଼ରୁ ହ୍ରାସପାଏ ମୃତ୍ୟୁ ଆଶଙ୍କା



ଆଜିକାଲି ଲୋକଙ୍କ ଆୟୁ କିଭଳି ବଢ଼ିବ ବିଭିନ୍ନ ଅଧ୍ୟୟନ ଜାରି ରହିଛି। ଏହି କ୍ରମରେ ଆୟୁ ବଢ଼ାଇବା ଦିଗରେ ଦୌଡ଼ିବା ଫଳପ୍ରଦ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଆୟୁ ବଢ଼ାଇବା ପାଇଁ ଚାଲିବାଠାରୁ ଦୌଡ଼ିବା ଅଧିକ ହିତକର ବୋଲି କୁହାଯାଇଛି। ୨୦୧୧ରେ ତାଇୱାନର ଗବେଷକମାନେ ୪ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ଗବେଷଣା କରିଥିଲେ। ଏ ନେଇ ଜଗିଂ, ଦୌଡ଼ ତଥା ଜୋର୍‌ରେ ଆଦି ଚାଲିବା ଉପରେ ଦୃଷ୍ଟି ଦିଆଯାଇଥିଲା। ଏଥିରୁ ଜଣାପଡ଼ିଥିଲା ନିୟମିତ ପାଞ୍ଚ ମିନିଟ୍ ଦୌଡ଼ିବା ଦ୍ୱାରା ଲୋକଙ୍କ ଆୟୁ ୧୫ ମିନିଟ୍ ଚାଲିବା ସମାନ ବଢ଼ିଥାଏ। ତେବେ ଏଥିରୁ ଜଣାପଡ଼ିଛି ପ୍ରତିଦିନ ୨୫ ମିନିଟ୍ ଦୌଡ଼ିବା ଓ ୧୦୫ ମିନିଟ୍ ବୁଲାବୁଲି କରିବା ଦ୍ୱାରା ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ମୃତ୍ୟୁ ଆଶଙ୍କା ୩୫ ପ୍ରତିଶତ ହ୍ରାସ ପାଏ। ଅନ୍ୟପଟେ ୨୦୧୪ର ଏକ ଗବେଷଣାରୁ ଜଣାପଡ଼ିଛି, ଗତିହୀନ ଲୋକଙ୍କ ତୁଳନାରେ ନିୟମିତ ଭାବେ ୯ କିଲୋମିଟର ପ୍ରତି ଘଣ୍ଟା କିମ୍ବା ତା'ଠୁ ମନ୍ଥର ଗତିରେ ଜଗିଂ କରୁଥିବା, ଚାଲୁଥିବା ଲୋକେ ୩୦ ପ୍ରତିଶତ ଅଧିକ ଫିଟ୍ ରହିଥିଲେ। ଏପରିକି ଆଗାମୀ ୧୫ ବର୍ଷ ପର୍ଯ୍ୟନ୍ତ ସେମାନଙ୍କଠାରେ ମୃତ୍ୟୁ ଆଶଙ୍କା ମଧ୍ୟ ୧୫ ପ୍ରତିଶତ କମ୍ ଥିଲା।

# ବନବାସ



ସାଧାରଣତଃ ଲୋକେ ନିଜ ଘର ତିଆରି କରି ସହରରେ କିମ୍ବା ଗାଁରେ ରହିବାକୁ ଚାହିଁଥାନ୍ତି। ତେବେ ଏମିତି ବି ଜଣେ ଦମ୍ପତି ଅଛନ୍ତି, ଯେଉଁମାନେ ନିଜ ଘରଦ୍ୱାର ତଥା ସମସ୍ତ ସୁବିଧା ସୁଯୋଗକୁ ଛାଡ଼ି ଜଙ୍ଗଲରେ ୧୨ ବର୍ଷ ରହିଲେଣି। ଆମେରିକାର ଚାକଚକ୍ୟ ଜୀବନକୁ ଛାଡ଼ି ସେମାନେ ଜଙ୍ଗଲରେ ଜୀବନ କାଟିବାର ନିଷ୍ପତ୍ତି ନେଇଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଜନ୍ କେର୍ନିହନ୍ ଓ ତାଙ୍କର ୪୪ ବର୍ଷୀୟା ପତ୍ନୀ ଫିନ୍ ଜଙ୍ଗଲରେ ତମ୍ବୁ ତଳେ ରହୁଛନ୍ତି। ଦୀର୍ଘ ୧୨ ବର୍ଷ ହେବ ସେମାନେ ଜଙ୍ଗଲ ଜୀବନକୁ ଉପଭୋଗ କରୁଥିବା କହିଛନ୍ତି। ଏ ଦୁହିଁଙ୍କ ଭେଟ ୨୦୧୦ରେ ଅନଲାଇନ୍ ମାଧ୍ୟମରେ ହୋଇଥିଲା। ଜନ୍ ଆମେରିକୀୟ ହୋଇଥିବା ବେଳେ ଫିନ୍‌ଙ୍କ ଜନ୍ମ ଥାଇଲାଣ୍ଡରେ। ତେବେ ସେ ଲଣ୍ଡନରେ ରହୁଥିଲେ। ଦୁଇବର୍ଷ ପରସ୍ପରକୁ ଡେଟ୍ କରିବା ପରେ ୨୦୧୨ରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାପରେ ସେ ତାଙ୍କର ବଡ଼ ଘରକୁ ଛାଡ଼ି ଜଙ୍ଗଲରେ ୩୦୪ ବର୍ଗଫୁଟ୍‌ରେ ନିଜର ଏକ ଘର ତିଆରି କରିଛନ୍ତି। ତେବେ ସେ ଏହାକୁ ସାଢ଼େ ପାଞ୍ଚ ଲକ୍ଷ ଟଙ୍କାରେ କିଣିଥିଲେ । ଅବଶ୍ୟ ସେ ଆଉ ପାଞ୍ଚ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରି ଏହି ଘରେ ଆସବାବପତ୍ରଠୁ ଆରମ୍ଭ କରି ବିଦ୍ୟୁତ୍ ଆଦି ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇଛନ୍ତି। ସେମାନେ ଏହି ସ୍ଥାନରେ ସୌରଶକ୍ତିକୁ ଉପଯୋଗ କରି ହିଁ କାମ କରିଥାନ୍ତି। ସେହିପରି ସେ ତାଙ୍କ ଘର ଆଖପାଖରେ ଅନ୍ୟ ଛୋଟମୋଟ କ୍ୟାବିନ୍ ତିଆରି କରି ଭଡ଼ାରେ ଦେବେ। ଏହା ହିଁ ହେବ ତାଙ୍କ ରୋଜଗାରର ମାଧ୍ୟମ।

# ୩୮ ଦାନ୍ତରେ ବିଶ୍ୱ ରେକର୍ଡ



ଜଣେ ମଣିଷର ୩୨ ଦାନ୍ତ ଥାଏ। କିନ୍ତୁ ଭାରତର କଳ୍ପନା ବାଲାନଙ୍କର ପାଟିରେ ୩୮ ଦାନ୍ତ ଥିବାରୁ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୬ ବର୍ଷୀୟ କଳ୍ପନାଙ୍କର୬ଟି ଅତିରିକ୍ତ ଦାନ୍ତ ଥିବା ଯୋଗୁଁ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ତଳ ମାଢ଼ିରେ ତାଙ୍କର ଅତିରିକ୍ତ ୪ଟି ଦାନ୍ତ ଥିବା ବେଳେ ଉପର ମାଢ଼ିରେ ଅଧିକ ଦୁଇଟି ଦାନ୍ତ ରହିଛି। କିଶୋରାବସ୍ଥାରେ ହିଁ ତାଙ୍କର ଏହି ଅତିରିକ୍ତ ଦାନ୍ତ ଉଠିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏନେଇ ସେ କୌଣସି କଷ୍ଟ ଯନ୍ତ୍ରଣା ଅନୁଭବ କରି ନାହାନ୍ତି। ଅବଶ୍ୟ ଖାଦ୍ୟ ଖାଇବା ସମୟରେ ତାଙ୍କୁ ଅତିରିକ୍ତ ଦାନ୍ତ ପାଇଁ ସମସ୍ୟା ଭୋଗିବାକୁ ପଡ଼ିଥାଏ। କାରଣ ଅତିରିକ୍ତ ଦାନ୍ତରେ ତାଙ୍କର ଖାଦ୍ୟ ରହିଯାଏ। ସେହିପରି କଳ୍ପନାଙ୍କର ଅତିରିକ୍ତ ଦାନ୍ତକୁ ଦେଖି ପ୍ରଥମେ ତାଙ୍କ ପରିବାର ଲୋକ ଆଶ୍ଚର୍ଯ୍ୟ ହୋଇଥିଲେ। ଏପରିକି ଦାନ୍ତ ଓପାଡ଼ି ଦେବା ପାଇଁ ମଧ୍ୟ ତାଙ୍କୁ କୁହାଯାଇଥିଲା। ତେବେ ଦନ୍ତ ଚିକିତ୍ସକ କଳ୍ପନାଙ୍କର ଦାନ୍ତ ସମ୍ପୂର୍ଣ୍ଣ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। କେବଳ ସେତିକି ନୁହେଁ, ତାଙ୍କର ଆଉ ଦୁଇଟି ଅତିରିକ୍ତ ଦାନ୍ତ ଏବେ ଉଠୁଛି। ଯଦିଓ ଏହା ସମ୍ପୂର୍ଣ୍ଣ ଉଠି ନାହିଁ, ତଥାପି ଦୁଇଟି ଦାନ୍ତ ଉଠିଗଲେ ତାଙ୍କର ଏହି ରେକର୍ଡ ଆଗକୁ ବଢ଼ିପାରେ। କଳ୍ପନା ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିବାରୁ ଖୁବ୍ ଖୁସି ଥିବା କହିଛନ୍ତି। ଏହାକୁ ସେ ତାଙ୍କର ଜୀବନବ୍ୟାପୀ ସଫଳତା ବୋଲି କହିଛନ୍ତି। ତେବେ କଳ୍ପନାଙ୍କ ପୁରୁଷ ବର୍ଗରେ ଏହି ରେକର୍ଡ କାନାଡାର ଇଭାନୋ ମେଲୋନିଙ୍କ ନାଁରେ ରହିଛି। ତାଙ୍କର ୪୧ଟି ଦାନ୍ତ ଅଛି। ଅନ୍ୟପକ୍ଷରେ ଡାକ୍ତରୀ ଭାଷାରେ ଅତିରିକ୍ତ ଦାନ୍ତ ଉଠିବାକୁ ହାଇପରଡୋନିଟା ବା ପଲିଡୋନିଟା କୁହାଯାଏ। ତେବେ ଅତିରିକ୍ତ ଦାନ୍ତ ଉଠିବାର କାରଣ କ'ଣ ସେ କଥା ଜଣାପଡ଼ି ନାହିଁ।

# କେଉଁ ଦିଗରେ ରଖିବେନି ଡଷ୍ଟବିନ୍

ବାସ୍ତୁ ଅନୁସାରେ ଘରେ ଡଷ୍ଟିବନ୍ ରଖିବାର ନିର୍ଦ୍ଦିଷ୍ଟ ଦିଗ ଓ ସ୍ଥାନ ରହିଛି। କୁହାଯାଏ, ଠିକ୍ ସ୍ଥାନରେ ଘରେ ଡଷ୍ଟବିନ୍ ନ ରଖିବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଣୁ ବାସ୍ତୁ ଅନୁସାରେ ଘରର କେଉଁ ସ୍ଥାନରେ ଡଷ୍ଟବିନ୍ ରଖିବା ଅଶୁଭ, ସେ ସମ୍ପର୍କରେ ଜାଣିବା।




- ବାସ୍ତୁ ଅନୁସାରେ ଘରର ଉତ୍ତର-ପୂର୍ବ ଦିଗରେ ଡଷ୍ଟବିନ୍ ରଖିବା ଅନୁଚିତ। କୁହାଯାଏ ଏହା ଦ୍ୱାରା ଧନହାନି ହୋଇଥାଏ। ତା'ସହ ନକାରାତ୍ମକ ଶକ୍ତି ଘରେ ବୃଦ୍ଧି ପାଏ।
- ସେହିପରି ଦକ୍ଷିଣ-ପୂର୍ବ ଦିଗରେ ଡଷ୍ଟବିନ୍ ରଖିବା ଅଶୁଭ। ଏହା ଦ୍ୱାରା ସବୁକାର୍ଯ୍ୟରେ ବାଧା ଆସିଥାଏ ବୋଲି ବିଶ୍ୱାସ ରହିଛି।
- ଘରର ଉତ୍ତର ଦିଗରେ ଡଷ୍ଟବିନ୍ ରଖିଲେ ଚାକିରି କ୍ଷେତ୍ରରେ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ।
- ବାସ୍ତୁ ଅନୁସାରେ, ଘରର ପଶ୍ଚିମ ଦିଗରେ ଡଷ୍ଟବିନ୍ ରଖିବାକୁ ନିବୃତ୍ତ ରହିବା ଉଚିତ। କାରଣ ଏହା ଦ୍ୱାରା ପରିଶ୍ରମ କଲେ ମଧ୍ୟ ଉଚିତ ଫଳ ପ୍ରାପ୍ତି ହୋଇ ନ ଥାଏ।
- ଘରର ଦକ୍ଷିଣ ଦିଗରେ ଡଷ୍ଟବିନ୍ ରଖିଲେ ଧନହାନି ଓ ମନରେ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୁଏ ବୋଲି କୁହାଯାଏ।
- ତେବେ ବାସ୍ତୁ ଅନୁସାରେ ଘରେ ଡଷ୍ଟିବନ୍ ସବୁବେଳେ ଦକ୍ଷିଣ-ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ରଖିବା ଶୁଭଦାୟକ। ଏହା ଦ୍ୱାରା କାମରେ ଏକାଗ୍ରତା ସୃଷ୍ଟି ହୁଏ ଓ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ଲାଭ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଜାତୀୟ ଉପକନିଷ୍ଠ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

# ତନ୍‌ଭୀ ଓ ପୁଷ୍କର ଚାମ୍ପିଅନ

- ଯୁଗଳରେ ତେଜସ୍ୱିନୀ-ସାଇନା, ଜୟବର୍ଦ୍ଧନ-ହେମନ୍ତଙ୍କୁ ଟାଇଟଲ
- ବ୍ୟାଡ୍‌ମିଣ୍ଟନର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି: କ୍ରୀଡ଼ାମନ୍ତ୍ରୀ

ବଲାଙ୍ଗିର, ୨୪।୧୧(ସମିସ): ଏଠାରେ ଚାଲିଥିବା ଜାତୀୟ ଉପକନିଷ୍ଠ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ପର୍ଯ୍ୟାୟ ଖେଳ ବେଶ୍ ଚିତ୍ତାକର୍ଷକ ଓ ସଂଘର୍ଷପୂର୍ଣ୍ଣ ଥିଲା। ଶୁକ୍ରବାର ଖେଳାଯାଇଥିବା ବାଳିକା ଏକକରେ ଟାଇଟଲ ଫେବରାଇଟ୍ ତଥା ଦେଶର ତୃତୀୟ ସିଡ୍ ଓଡ଼ିଶାର ତନ୍‌ଭୀ ପତ୍ରି ଟପ୍ ସିଡ୍ କର୍ଣ୍ଣାଟକର ସାଇନା ମଣିମୁଥୁଙ୍କୁ ସିଧାସଳଖ ୨୧-୧୩ ଓ ୨୧-୧୧ରେ ପରାଜିତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ବାଳକ ଏକକରେ କର୍ଣ୍ଣାଟକର ପୁଷ୍କର ସାଏ ଦିଲ୍ଲୀର ହର୍ଷିତ ଖତ୍ରିଙ୍କୁ ୨୦-୨୦ ଓ ୨୧-୧୫ରେ ପରାଜିତ କରି ଟାଇଟଲ ଅର୍ଜନ କରିଛନ୍ତି।

ବାଳିକା ଡବଲ୍‌ସ ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା।




ଆନ୍ଧ୍ରପ୍ରଦେଶର ବିଜୟଲକ୍ଷ୍ମୀ ଏବଂ କର୍ଣ୍ଣାଟକର ସାଇନା ମଣିମୁଥୁଙ୍କ ଯୋଡ଼ି ମହାରାଷ୍ଟ୍ରର ସରାୟୁ ଓ ସୋୟାରା ସେଲାର ଯୋଡ଼ିକୁ ୨୧-୧୯, ୧୯-୨୧ ଓ ୨୧-୧୮ରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ବାଳକ ଡବଲ୍‌ସରେ ହରିଆଣା ଓ ଆନ୍ଧ୍ରପ୍ରଦେଶ ଯୋଡ଼ି ଜୟବର୍ଦ୍ଧନ ଓ ହେମନ୍ତ କର୍ଣ୍ଣାଟକର ଇଶ୍ୱର ସାଇକଟମ୍ ଓ ପୁଷ୍କର ସାଏଙ୍କୁ ୨୧-୧୨, ୧୮-୨୧ ଓ ୨୧/୧୨ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ରେଫରୀ ଡ.ସତୀଶ ମାଲ୍ୟା, ମ୍ୟାଚ କଣ୍ଟ୍ରୋଲର ଜି. ପ୍ରାଶାନ୍ତ, ଡେପୁଟି ରେଫରୀ ରୀତା ଦାସ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏମାନଙ୍କୁ ରାଜ୍ୟ ବାହାରୁ ୩୪ ଜଣ ଗ୍ରେଡ୍ ବି ଓ ରାଜ୍ୟର ୩୬ ଜଣ ଲାଇନ ଜଜ ଭାବେ ଖେଳ ପରିଚାଳନା ସହାୟତା କରିଥିଲେ।

ଆମ ରାଜ୍ୟ କ୍ରୀଡ଼ାକ୍ଷେତ୍ରରେ ସାରା ଦେଶରେ ଏକ ମଡେଲ ଭାବରେ ମାନ୍ୟତା ପାଇବାକୁ ଯାଉଛି। ସରକାର ସମସ୍ତ ଖେଳ ପ୍ରତି ଉପଯୁକ୍ତ ଧ୍ୟାନ ଦେଇ ଉଭୟ ଖେଳ ଓ ଖେଳାଳିଙ୍କ ଭିତ୍ତିଭୂମି ନିର୍ମାଣ ଉପରେ ଧ୍ୟାନ ଦେଇଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳର ବିକାଶ ପାଇଁ ସାରାରାଜ୍ୟରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ନିର୍ମାଣ କରି ଏହି ଖେଳ ଓ ଏହାର ଭିତ୍ତିଭୂମି ବିକାଶ ଦିଗରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି ବୋଲି ଶୁକ୍ରବାର ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୭ତମ ଜାତୀୟ ଉପକନିଷ୍ଠ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ତଥା ଜାତୀୟ ଚାମ୍ପିଅନସିପ୍‌ର ସଂଯୋଜକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ବଲାଙ୍ଗିର ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରୀ, ଭାରତୀୟ ବ୍ୟାଡମିଣ୍ଟନ ସଂଘର ଉପସଭାପତି ଏସ. ମୁରଲୀଧରନ, କ୍ରୀଡ଼ା ଓ ଯୁବ ବ୍ୟାପାର ଯୁଗ୍ମସଚିବ ରଞ୍ଜିତ ପରିଡ଼ା ଓ କୈଳାସଚନ୍ଦ୍ର ଦାସ, ଅନ୍ତର୍ଜାତୀୟ ଖେଳାଳି ଓ କୋଚ ମୁରଲୀ କ୍ରିଷ୍ଣା, କେରଳ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ରାକେଶ ଶେଖର, ଓଡ଼ିଶା ରାଜ୍ୟ ସଂଘର ଉପସଭାପତି ପ୍ରଦୀପ ପଟ୍ଟନାୟକ, ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଗୋପାଳଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏକ ଭିଡିଓ ବାର୍ତ୍ତା ଦ୍ୱାରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ବଲାଙ୍ଗିରରେ ଏହି ପ୍ରତିଯୋଗିତାର ସଫଳତା ଆଗାମୀ ଦିନରେ ସମସ୍ତଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି କହିଥିଲେ।

## ଓଡ଼ିଶାର ସଟଲ୍ ରାଣୀ ତନ୍‌ଭୀ

ବଲାଙ୍ଗିର, ୨୪।୧୧(ସମିସ): ଛୋଟ ବୟସ କିନ୍ତୁ ଅନନ୍ୟ ପ୍ରତିଭା। ହାତରେ ରାକେଟ ଧରି ବ୍ୟାଡମିଣ୍ଟନ କୋର୍ଟକୁ ଓହ୍ଲାଇଲେ ତାଙ୍କଠାରୁ ବଡ଼ ବୟସର ଖେଳାଳି ବି ହାର୍ ମାନନ୍ତି। ଡିଫେନ୍ସ କରି ବିରୋଧୀ ଖେଳାଳିଙ୍କୁ ହତାଶ କରିବା ହେଉ କି ଶକ୍ତିଶାଳୀ ସ୍ମାସ୍ ମାରି ଘାଇଲା କରିବା। କମ୍ ବୟସରୁ ବ୍ୟାଡମିଣ୍ଟନ ଖେଳର ପ୍ରତିଟି ପର୍ଯ୍ୟାୟରେ ପାରଦର୍ଶିତା ହାସଲ କରିପାରିଛନ୍ତି। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ବାଳିକା ଜାତୀୟ ଉପକନିଷ୍ଠ ବ୍ୟାଡମିଣ୍ଟନ ଚାମ୍ପିଅନ ତନ୍‌ଭୀ ପତ୍ରି। ମାତ୍ର ୧୩ ବର୍ଷରେ ସେ ଏହି ବିରଳ ସଫଳତା ହାସଲ କରିପାରିଛନ୍ତି। ଏହା ପୂର୍ବରୁ ମଧ୍ୟ ଦେଶର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ତାଙ୍କର ନାଁ ରହିଛି। ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ତନ୍‌ଭୀଙ୍କ ଘର। ବାପା ରବିନାରାୟଣ ପତ୍ରି ଓ ମା ଶୈଳବାଳା ପଣ୍ଡା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟରତ। ଯେହେତୁ ବାପା ମଧ୍ୟ ଜଣେ ବ୍ୟାଡମିଣ୍ଟନ ଖେଳାଳି ତାଙ୍କୁ ଦେଖି ତନ୍‌ଭୀ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ଚୀନରେ କାମ କରୁଥିବାବେଳେ ଏହି ଖେଳ ପ୍ରତି ତନ୍‌ଭୀଙ୍କ ଆଗ୍ରହ ବଢ଼ିଥିଲା। ଏହା ଦେଖି ତାଙ୍କ ବାପା ରବି ପତ୍ରି ଏକ ବ୍ୟାଡମିଣ୍ଟନ ଏକାଡେମୀରେ ତାଙ୍କର ଆଡମିଶନ କରାଇଥିଲେ। ଧୀରେ ଧୀରେ ବ୍ୟାଡମିଣ୍ଟନରେ ତାଙ୍କର ଦକ୍ଷତା ବୃଦ୍ଧି ହେବାକୁ ଲାଗିଲା। ୨୦୧୭ରୁ ୨୦୨୦ ମଧ୍ୟରେ ବ୍ୟାଡମିଣ୍ଟନର ଗଡ଼ କୁହାଯାଉଥିବା ଚୀନରେ ତନ୍‌ଭୀ ପ୍ରାୟ ୯ଟି ବଡ଼ ପ୍ରତିଯୋଗିତା ଜିତି ସେଠାରେ ମଧ୍ୟ ଉଚ୍ଚସ୍ତରୀୟ ଖେଳାଳି ଭାବରେ ସୁନାମ ଅର୍ଜନ କରିଥିଲେ। ସ୍ୱଦେଶକୁ ଫେରିବା ପରେ ତନ୍‌ଭୀଙ୍କ ଉତ୍କର୍ଷ ଜାରି ରହିଛି।




୧୦ ବର୍ଷରୁ କମ୍ ବର୍ଗର ବାଳିକା ଏକକ ଚାମ୍ପିଅନସିପଠାରୁ ଆରମ୍ଭ କରି ୧୯ ବର୍ଷରୁ କମ୍ ବର୍ଗ ଚାମ୍ପିଅନସିପରେ ସଫଳତା ହାସଲ କରିଛନ୍ତି। ଅନେକଥର ଜାତୀୟସ୍ତରରେ ଓଡ଼ିଶାକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ବର୍ତ୍ତମାନ ତାଙ୍କର ପରିବାର ବେଙ୍ଗାଲୁରୁରେ ରହୁଥିବାବେଳେ ତନ୍‌ଭୀ ପ୍ରକାଶ ପାଦୁକୋନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଗତବର୍ଷ ବଲାଙ୍ଗିରରେ ଆୟୋଜିତ ହୋଇଥିବା ଷ୍ଟେଟ ସବଜୁନିୟର ଚାମ୍ପିୟନସିପରେ ବିଜୟ ହାସିଲ କରିଥିଲେ। ଚଳିତଥର ଜାତୀୟ ସବଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ମଧ୍ୟ ବିଜୟ ମୁକୁଟ ପିନ୍ଧିଛନ୍ତି। ଫାଇନାଲ ମ୍ୟାଚରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକର ଖେଳାଳି ସାଇନା ମଣିମୁଥୁଙ୍କୁ ୨୧-୧୩, ୨୧-୧୧ ପଏଣ୍ଟରେ ହରାଇଥିଲେ। ଏହାସହ ଅନ୍ତର୍ଜାତୀୟ ମ୍ୟାଚରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଆଗାମୀ ଦିନରେ ତନ୍‌ଭୀ ବ୍ୟାଡମିଣ୍ଟନ ଖେଳ ପାଇଁ ଓଡ଼ିଶାର ପରିଚୟ ସାଜିବେ।

## ହାତ ଧରିଲେ ନବଦୀପ-ସ୍ୱାତୀ

ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ନବଦୀପ ସାଇନି ବିବାହ କରିଛନ୍ତି। ଦୀର୍ଘଦିନର ବାନ୍ଧବୀ ସ୍ୱାତୀ ଆସ୍ଥାନାଙ୍କୁ ସେ ବିବାହ କରିଛନ୍ତି। ବିବାହ ବେଳେ ସାଇନି ଧଳା ସେରୱାନୀ ଓ ସ୍ୱାତୀ ଧଳା ଲେହେଙ୍ଗା ପିନ୍ଧିଥିଲେ। ନିଜର ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ ଫଟୋ ପୋଷ୍ଟ କରି ସାଇନି ବିବାହ ସମ୍ପର୍କରେ ସୂଚନା



ଦେଇଥିଲେ। ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛୁ। ତେଣୁ ଆପଣମାନଙ୍କ ଆଶୀର୍ବାଦ କାମନା କରୁଛୁ ବୋଲି ଏହି ଫଟୋ କ୍ୟାପସନରେ ଉଲ୍ଲେଖ କରିଛନ୍ତି। ସ୍ୱାତୀ ଜଣେ ଫ୍ୟାସନ, ଟ୍ରାଭେଲର ଓ ଲାଇଫ୍ ଷ୍ଟାଇଲ ବ୍ଲଗର ଭାବେ ବେଶ୍ ଜଣାଶୁଣା। ତାଙ୍କର ୟୁଟ୍ୟୁବ ଚ୍ୟାନେଲ ରହିଛି। ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ୮୦, ୦୦୦ରୁ ଊର୍ଦ୍ଧ୍ୱ ଫଲୋଅର ରହିଛନ୍ତି।

୩୦ ବର୍ଷୀୟ ନବଦୀପ ୨ଟି ଟେଷ୍ଟ ଖେଳି ୪.୧୧ ଇକୋନୋମୀ ରେଟ୍‌ରେ ୪ ୱିକେଟ ହାସଲ କରିଛନ୍ତି। ସେହିପରି ୮ଟି ଦିନିକିଆ ମ୍ୟାଚ୍ ଖେଳି ସେ ୬ ୱିକେଟ ଅକ୍ତିଆର କରିଛନ୍ତି। ସେହିପରି ୧୧ଟି ଟି-୨୦ ମ୍ୟାଚ୍ ଖେଳି ସେ ୧୩ ୱିକେଟ ହାସଲ କରିଛନ୍ତି। ଦୀର୍ଘଦିନ ହେବ ସେ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି।

● ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଶୁଭାଶିଷଙ୍କୁ ଓଡ଼ିଶାର ନେତୃତ୍ୱ

କଟକ, ୨୪।୧୧(ସମିସ): ୧୬ବର୍ଷରୁ କମ୍ ବାଳକ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓସିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନିଷ୍ଠ ବାଳକ ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲ୍ଲିକ ଉପସ୍ଥିତ ରହି ଦଳ ଘୋଷଣା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଘୋଷିତ ୧୫ଜଣିଆ ଦଳର ନେତୃତ୍ୱ ନେବେ ଶୁଭାଶିଷ ମଲ୍ଲିକ। ମୟଙ୍କ ପଟ୍ଟନାୟକ, ଅସୀମ ବରାଡ, ସ୍ୱାଗତ ସୌରଭ ମିଶ୍ର, ବିଷ୍ଣୁ କମଳ ବେହୂରିଆ(ୱିକେଟ କିପର), ସ୍ୱର୍ଣ୍ଣଭ ଦାସ(ୱିକେଟ କିପର), ଯୋଗେଶ୍ୱର ବାଗ, କମଳେଶ ପାତ୍ର, ଅଭିନୀତ କୁମାର ପଟ୍ଟନାୟକ, ତୀର୍ଥଙ୍କର ସାହୁ, ଓମ ମହାପାତ୍ର, ରେହାନ ଖାନ, ଶୁଭ୍ରକାନ୍ତ ପରିଡ଼ା, ରୁଦ୍ରପ୍ରସାଦ ମଲ୍ଲିକ, ବିଶାଳ ପ୍ରସାଦ ଦଳରେ ସ୍ଥାନ ପାଇଛନ୍ତି। ଡିସେମ୍ବର ପହିଲାରେ ଗୌହାଟୀର ଅମିନ ଗାଁଓ କ୍ରିକେଟ ଗ୍ରାଉଣ୍ଡରେ ବିଦର୍ଭ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ଓଡ଼ିଶା ସଚିବାଳୟ ମହିଳା ଜିତିଲେ ବେସାମରିକ ହକି

ଭୁବନେଶ୍ୱର, ୨୪।୧୧ (ସମିସ): ଓଡ଼ିଶା ସଚିବାଳୟ ମହିଳା ହକି ଦଳ ୨୦୨୩-୨୪ ସର୍ବଭାରତୀୟ ବେସାମରିକ ମହିଳା ହକି ପ୍ରତିଯୋଗିତାରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। କଳିଙ୍ଗ ଷ୍ଟାଡିୟମ୍ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡ଼ିଶା ସଚିବାଳୟ ଦଳ ୭-୦ ଗୋଲ୍‌ରେ କେନ୍ଦ୍ରୀୟ ସଚିବାଳୟ ମହିଳା ଦଳକୁ ପରାସ୍ତ କରି ଟାଇଟଲ ଜିତିଥିଲା। ଚାମ୍ପିଅନ ଦଳ ପକ୍ଷରୁ ଅସ୍ମିତା ବାର୍ଲା ୨ଟି ଗୋଲ୍ ଦେଇଥିଲେ। ପୁରୁଷ ବର୍ଗରେ ଆର୍‌ଏସ୍‌ବି ଚଣ୍ଡିଗଡ଼ ୯-୨ ଗୋଲରେ ପରାସ୍ତ କରି କେନ୍ଦ୍ରୀୟ ସଚିବାଳୟ ଚାମ୍ପିଅନ ହୋଇଛି। ହରିୟାଣା ତୃତୀୟ ଓ ଓଡ଼ିଶା ସଚିବାଳୟ ଚତୁର୍ଥରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଏଚ୍‌ପିସି ନିର୍ଦ୍ଦେଶକ




ଦୀପଙ୍କର ମହାପାତ୍ର, କ୍ରୀଡ଼ାବିଭାଗ ଯୁଗ୍ମ ସମ୍ପାଦକ ରଞ୍ଜିତ ପରିଡ଼ା, ଏଏଫ୍‌ଏର ଗୀତା ଦାସ ଓ ସର୍ବଭାରତୀୟ ବେସାମରିକ ସାଂସ୍କୃତିକ ଓ କ୍ରୀଡ଼ା ବୋର୍ଡର ସଂଯୋଜକ ରାଜକୁମାର ବର୍ମା ଅତିଥିଭାବେ ଯୋଗଦେଇଥିଲେ।

## ୨୮ରୁ ୟୁନିଲାଇଟ୍ କପ୍ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ୍




ଭୁବନେଶ୍ୱର, ୨୪।୧୧ (ସମିସ): ଓଡ଼ିଶାରେ ବିଦ୍ୟାଳୟସ୍ତରରୁ ଫୁଟବଲ ଖେଳ ଓ ଖେଳାଳିଙ୍କୁ ସଶକ୍ତ କରିବା ଲାଗି ଆଉ ଏକ ସଂଗଠନ ଆଗେଇଆସିଛି। ନିକଟରେ ପଞ୍ଜିକୃତ ହୋଇଥିବା ଓଡ଼ିଶା ଭେଟେରାନ ପ୍ଲେୟର୍ସ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ୟୁନିଟ୍-୬ ବାଳକ ବିଦ୍ୟାଳୟ ପଡ଼ିଆରେ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୨ରେ ଶେଷ ହେବ। କିନ୍ତୁ ଏଥିରେ ଭୁବନେଶ୍ୱରରୁ ୯ଟି ଓ କଟକରୁ କେବଳ ସୟଦ ସେମିନାରୀ ଦଳ ଭାଗ ନେବେ। ଆସନ୍ତାବର୍ଷରେ ସମଗ୍ର ରାଜ୍ୟରୁ ବିଦ୍ୟାଳୟଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ସଭାପତି ନବରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ଭାଗ ନେବାକୁ ସ୍ୱୀକୃତି ପ୍ରଦାନ କରିଥିବା ଦଳଗୁଡିକ ହେଲା ୟୁନିଟ୍-୬ ବାଳକ, ୟୁନିଟ୍-୧ ବାଳକ, ୟୁନିଟ-୩ କ୍ୟାପିଟାଲ, ଘାଟିକିଆ, କିସ୍ ଉଚ୍ଚବିଦ୍ୟାଳୟ, ବିକାଶ ରେସିଡେନ୍ସିଆଲ, ଓଡିଏମ୍ ପବ୍ଲିକ୍, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଓ କଟକର ସୟଦ ସେମିନାରୀ ଉଚ୍ଚବିଦ୍ୟାଳୟ। ଚାମ୍ପିଅନ୍ ଦଳକୁ ଟ୍ରଫି ସହ ୧୦, ୦୦୦ ଟଙ୍କା, ରନର୍ସ ଅପ୍ ଦଳକୁ କପ୍ ସହ ୭, ୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ତୃତୀୟସ୍ଥାନିତ ଦଳକୁ ୫, ୦୦୦ ଓ ଚତୁର୍ଥ ସ୍ଥାନିତ ଦଳକୁ ୩, ୦୦୦ ଟଙ୍କା ପୁରସ୍କାର ଆକାରରେ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୟୁନିଲାଇଟ୍‌ର ପର୍ଯ୍ୟବେକ୍ଷକ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ ବଳିଆରସିଂ, ବିରଞ୍ଚିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟକୁମାର ଦାଶ ଓ କୋଷାଧ୍ୟକ୍ଷ ଶ୍ରୀମନ୍ତ କୁମାର ମହାନ୍ତିଙ୍କ ସମେତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସମ୍ବିତଙ୍କୁ ୫ ୱିକେଟ; ବରୋଦା ୩୦୬/୯

କଟକ, ୨୪।୧୧(ସମିସ): କୁଚ ବିହାର ଟ୍ରଫିର ଦ୍ୱିତୀୟ ମ୍ୟାଚ୍‌ରେ ବରୋଦାକୁ ଭେଟିଛି ଓଡ଼ିଶା। ଭଦୋଦରାର ମୋତିବଗ୍ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିବା ବରୋଦା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୯ ୱିକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ବରୋଦା ପକ୍ଷରୁ ଦୁଇ ବ୍ୟାଟର ଶତକୀୟ ଇନିଂସ୍ ଖେଳିଛନ୍ତି। ନିତ୍ୟ ପାଣ୍ଡ୍ୟା ସର୍ବାଧିକ ୧୨୫ ଓ ସି. ଉତ୍ସବରାଜ ୧୦୮ ରନ ସଂଗ୍ରହ କରିଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବେଜା ୮୨ରନ ବିନିମୟରେ ୫ ୱିକେଟ ଦଖଲ କରିଛନ୍ତି। ଶୁଭମ ପ୍ରିୟଦର୍ଶୀଙ୍କୁ ୩ଟି ୱିକେଟ ମିଳିଛି।




## ଦିଲୀପଙ୍କ ଖେଳଜୀବନକୁ ନେଇ ଫଟୋ ପ୍ରଦର୍ଶନୀ




ଭୁବନେଶ୍ୱର, ୨୪।୧୧ (ସମିସ): ଭାରତୀୟ ହକି ଦଳର ପ୍ରାକ୍ତନ ଅଧିନାୟକ ତଥା ବର୍ତ୍ତମାନ ହକି ଇଣ୍ଡିଆ ସଭାପତି ଥିବା ଦିଲୀପ ତିର୍କୀଙ୍କ ୪୬ତମ ଜନ୍ମଦିବସ ଉପଲକ୍ଷେ ତାଙ୍କ କ୍ୟାରିୟରକୁ ନେଇ ଏକ ଫଟୋ ପ୍ରଦର୍ଶନୀ ସ୍ଥାନୀୟ ରାଜ୍ୟ ସଂଗ୍ରାହଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଫଟୋ ସାମ୍ବାଦିକ ସମିମ କ୍ୟୁରେସିଙ୍କ ଦ୍ୱାରା ଆୟୋଜିତ ଏହି ଫଟୋ ପ୍ରଦର୍ଶନୀ ଶୁକ୍ରବାରଠାରୁ ୭ ଦିନ ଧରି ଚାଲିବ। ଓଡ଼ିଶା ସରକାରଙ୍କ କୃଷି ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ଡକ୍ଟର ଅରବିନ୍ଦ ପାଢ଼ୀ ଓ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ୧୯୯୬ ପରଠାରୁ ସମିମ କ୍ୟାମେରା ଲେନ୍ସରେ ଉତ୍ତୋଳନ କରିଥିବା ଦିଲୀପଙ୍କ ଫଟୋ ଏଥିରେ ପ୍ରଦର୍ଶିତ କରାଯାଇଛି। ଶନିବାର ଦିଲୀପଙ୍କ ୪୬ତମ ଜନ୍ମଦିବସ ଥିବାରୁ ଏହି ଉଦ୍ଦେଶ୍ୟରେ ଆୟୋଜିତ ଫଟୋ ପ୍ରଦର୍ଶନୀରେ ପ୍ରାୟ ୫୦ଟି ଫଟୋ ପ୍ରଦର୍ଶିତ କରାଯାଇଛି। ହକି ଖେଳର ଆରମ୍ଭ, ପଡ଼ିଆରେ ଦିଲୀପଙ୍କ ଖେଳ ମୁହୂର୍ତ୍ତ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ୍ ସମୟ, ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ସମୟ, ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଉଠାଇଥିବା ଫଟୋ ଏଥିରେ ରହିଛି।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟେନିସ

# ପୁରୁଷ, ମହିଳାରେ କିଟ୍‌କୁ ଟାଇଟଲ୍

ଭୁବନେଶ୍ୱର, ୨୪।୧୧ (ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ରାୟପୁରର ରବି ଶୁକ୍ଲା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟେନିସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱୈତ ସଫଳତା ହାସଲ କରିଛି।

ଶୁକ୍ରବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ କିଟ୍‌ର ମୁକାବିଲା କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ସହ ହୋଇଥିଲା। କବୀର ହଂସ, ଅର୍ଥବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି ଓ ଆଶିଷ ପରିଡ଼ାକୁ ନେଇ ଗଠିତ କିଟ୍ ଦଳ ୨-୦ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ସେହିଭଳି ମହିଳା ବିଭାଗରେ କିଟ୍ ଓ ଆୟୋଜକ ରବି ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏଥିରେ ମଧ୍ୟ କିଟ୍ ୨-୦ରେ ବାଜିମାତ୍ କରିନେଇଥିଲା। ଋତୁପର୍ଣ୍ଣା ଚୌଧୁରୀ, ଅଭିଳାଷା ବିଷ୍ଟ, ରିୟା ମର୍ଦ୍ଦରାଜ, ଆକିର୍ତ୍ତୀ କିଟ୍ ମହିଳା ଦଳର ସଦସ୍ୟା ରହିଥିଲେ। ସେହିଭଳି ପ୍ରଶିକ୍ଷକ ଭାବେ ମହମ୍ମଦ ଏନାମୁଲ୍ଲ ହକ୍ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ







ଚାମ୍ପିଅନ ହୋଇଥିବା ଉଭୟ ପୁରୁଷ ଓ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ କିଟ୍‌ର ଉଭୟ ପୁରୁଷ ଓ ମହିଳା ଦଳ ଦୁଇଟି ସର୍ବଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। ଆଗାମୀ ଦିନରେ ହେବାକୁ ଥିବା ଖେଲୋ ଇଣ୍ଡିଆ କ୍ରୀଡ଼ା, ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଟେନିସ ପ୍ରତିଯୋଗିତାରେ କିଟ୍ ଅଂଶଗ୍ରହଣ କରିବ।

## ବିଶ୍ୱକପ୍ ଟ୍ରଫି ଉପରେ ଗୋଡ଼ | ମାର୍ଶଙ୍କ ବିରୋଧରେ ମାମଲା

ଆଲିଗଡ଼, ୨୪।୧୧(ଏଜେନ୍ସି): ଅଷ୍ଟ୍ରେଲୀୟ କ୍ରିକେଟର ମିଚେଲ ମାର୍ଶଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିଶ୍ୱକପ ଜିତିବା ପରେ ସେ ଟ୍ରଫି ଉପରେ ଗୋଡ ଦେଇ ଫଟୋ ଉଠାଇଥିଲେ। ଏହି ଫଟୋକୁ ଅନ୍ୟ ଅଷ୍ଟ୍ରେଲୀୟ ଖେଳାଳିମାନେ ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ। ଏଥିରେ ଅସନ୍ତୋଷ ଜାହିର କରି ଆଲିଗଡ଼ର ପଣ୍ଡିତ କେଶବ ନାମକ ଜଣେ ଆରଟିଆଇ କର୍ମକର୍ତ୍ତା ମାର୍ଶଙ୍କ ବିରୋଧରେ ଏଫଆଇଆର ଦାୟର କରିଛନ୍ତି।



ଏଥିରେ ମାର୍ଶଙ୍କୁ ବାସନ୍ଦ କରିବାକୁ ଅପିଲ କରାଯାଇଛି। ବିଶ୍ୱକପ୍ ଟ୍ରଫି ଉପରେ ଗୋଡ ରଖି ମାର୍ଶ ଜାଣିଶୁଣି ୧୪୦ କୋଟି ଭାରତୀୟଙ୍କ ଅପମାନ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଗ୍ରହଣ କରି ପୁଲିସ ଅଧିକାରୀ ମାର୍ଶଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏହି ଅଶୋଭନୀୟ ଆଚରଣ ପାଇଁ ମାର୍ଶଙ୍କୁ ସବୁଆଡୁ ସମାଲୋଚନା କରାଯାଇଥିଲା। ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ମଧ୍ୟ ମାର୍ଶଙ୍କ ଏଭଳି ଆଚରଣକୁ ନାପସନ୍ଦ କରିଥିଲେ।

## ଧୀରଜ୍‌ଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ତୀରନ୍ଦାଜ ଧୀରଜ ଆସନ୍ତାବର୍ଷ ପ୍ୟାରିସ୍‌ରେ ଖେଳାଯିବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଥାଇଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପ୍ୟାରିସ ଟିକଟ ହାସଲ କରିବାରେ ଭାରତର ପ୍ରଥମ ପ୍ରତିଯୋଗୀ ହୋଇଛନ୍ତି। ସେ ଏସିଆନ ଗେମ୍ସରେ ପଦକ ଜିତି ପାରି ନ ଥିଲେ।

## ଫାଓ ୟୁଥ୍ ଲିଗ୍ ଆରମ୍ଭ

କଟକ, ୨୪।୧୧(ସମିସ): କନିଷ୍ଠ ବୟସ ବର୍ଗର ଖେଳାଳିଙ୍କୁ ନେଇ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଫାଓ ୟୁଥ୍ ଲିଗ୍। ଲିଗ୍‌ର ମ୍ୟାଚ୍ ଗୁଡିକ କଟକ ଓ ଭୁବନେଶ୍ୱରରେ ଖେଳାଯିବ। କଟକ ବିଡାନାସୀ ପଡ଼ିଆରେ ୧୩ବର୍ଷରୁ କମ୍ ବୟସ ବର୍ଗର ଦୁଇଟି ମ୍ୟାଚ୍ ଶୁକ୍ରବାର ଖେଳାଯାଇଛି। ରାଇଜିଂ ଷ୍ଟାର ଓ ବିଡ଼ାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ନିତା ଫୁଟବଲ ଏକାଡେମୀ ୫-୦ ଗୋଲରେ ଫାଓ ଏକାଡେମୀକୁ ହରାଇଛି। ନୀତା ଏକାଡେମୀର ଶ୍ୟାମ ସାୱରିଆ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ୧୩, ୧୫ ଓ ୧୯ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ ଫାଓ ୟୁଥ୍ ଲିଗ ଖେଳାଯିବ।

### ଜାତୀୟ ବରିଷ୍ଠ ପୁରୁଷ ହକିରେ ଅମିତ, ନୀଲମଙ୍କ ଗୋଲ୍

# କ୍ୱାର୍ଟରରେ ଓଡ଼ିଶା-ହରିୟାଣା ମୁକାବିଲା

ଭୁବନେଶ୍ୱର, ୨୪।୧୧ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ କର୍ଣ୍ଣାଟକ ସହ ଝାଡଖଣ୍ଡ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ସହ ଉତ୍ତରପ୍ରଦେଶ, ତୃତୀୟ କ୍ୱାର୍ଟରରେ ଓଡ଼ିଶା ସହ ହରିୟାଣା ଓ ଚତୁର୍ଥ କ୍ୱାର୍ଟରରେ ପଞ୍ଜାବ ସହ ମଣିପୁରର ମୁକାବିଲା ହେବ। ରବିବାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ଶୁକ୍ରବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୭-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଓଡ଼ିଶା ଦଳ ପକ୍ଷରୁ ରାଜିନ କାଣ୍ଡୁଲିନା ୨ଟି, ଅଧିନାୟକ ଦୀପସାନ ତିର୍କୀ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ,


ଆକ୍ସନରେ ଅମିତ ରୋହିଦାସ

ଅଜୟ କୁମାର ଏକ୍କା ଭେଟେରାନ ଫରୱାର୍ଡ ଖେଳାଳି ରୋଶନ ମିଞ୍ଜ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଓଡ଼ିଶା ଗ୍ରୁପ୍‌ରେ ଅପରାଜେୟ ରହି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୨୭-୦ ଗୋଲରେ ଅରୁଣାଞ୍ଚଳ ପ୍ରଦେଶକୁ ଓ ୮-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଥିଲା।

ଶୁକ୍ରବାର ଖେଳାଯାଇଥିବା ଅନ୍ୟମ୍ୟାଚ୍ ଗୁଡିକ ମଧ୍ୟରେ ହକି ପଞ୍ଜାବ ୧୩-୦ ଗୋଲରେ ହକି ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ରକ୍ଷଣଭାଗ ଖେଳାଳି ଯୁଗରାଜ ସିଂ ହ୍ୟାଟ୍ରିକ୍ ଗୋଲ ସ୍କୋରକରିଥିଲେ। ଅନ୍ୟମ୍ୟାଚ୍‌ରେ ହକି ଉତ୍ତରପ୍ରଦେଶ ୮-୧ ଗୋଲରେ ହକି ରାଜସ୍ଥାନକୁ, ପଣ୍ଡିଚେରୀ ହକି ୬-୦ରେ କେରଳ ହକିକୁ, ଦିଲ୍ଲୀ ହକି ୨୩-୦ ଗୋଲରେ ହକି ଅରୁଣାଞ୍ଚଳ ପ୍ରଦେଶକୁ ପରାସ୍ତ କରିଛି।

# ପଦକ ବିଜେତାଙ୍କୁ ୫.୩୧ କୋଟି ଟଙ୍କା ଆର୍ଥିକ ପୁରସ୍କାର

ଭୁବନେଶ୍ୱର, ୨୪।୧୧ (ସମିସ): ନିକଟରେ ଗୋଆରେ ଶେଷ ହୋଇଥିବା ୩୭ତମ ଜାତୀୟ କ୍ରୀଡ଼ାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଓଡ଼ିଶା ଏହି ଜାତୀୟ କ୍ରୀଡ଼ାରେ ୬୦ ପଦକ ଜିତି ଉଲ୍ଲେଖନୀୟ ସଫଳତା ପାଇଥିଲା। ଯେଉଁଥିରେ ୧୧ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୧ କାଂସ୍ୟ ପଦକ ରହିଥିଲା।

**୩୭ତମ ଜାତୀୟ କ୍ରୀଡ଼ା**



ରାଜ୍ୟ ସରକାରଙ୍କ କ୍ରୀଡ଼ାନୀତି ଅନୁଯାୟୀ, ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହିକ୍ରମରେ ୧୭ଟି କ୍ରୀଡ଼ା ବିଭାଗର ୧୬୯ ଜଣ ପଦକ ବିଜେତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟ୍ ୫ କୋଟି ୩୧ ଲକ୍ଷ ଟଙ୍କା ଦିଆଯାଇଛି। ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶା ମହିଳା ରଗ୍‌ବୀ ଓ ଫୁଟ୍‌ବଲ ଦଳର ପ୍ରତ୍ୟେକ ଖେଳାଳି ୫ ଲକ୍ଷ ହିସାବରେ ଦଳଗତ ଭାବେ ମୋଟ୍ ଏକ କୋଟି ୫ ଲକ୍ଷ ଲେଖାଏ ଟଙ୍କା ପାଇଥିଲେ। ସେହିଭଳି ରାଜ୍ୟର ଉଭୟ ପୁରୁଷ ଓ ମହିଳା ଖୋ ଖୋ ରୌପ୍ୟ ପଦକ ଜିତିଥିବାରୁ ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ହିସାବରେ ୯୦ ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରଯାଇଥିଲା। ସେହିଭଳି ଶ୍ରେଷ୍ଠ ମହିଳା ଆଥିଲେଟ୍ ପୁରସ୍କାର ହାସଲ କରିଥିବା ଜିମ୍ନାଷ୍ଟ ପ୍ରଣତୀ ନାୟକ ମୋଟ୍ ୨୩ ଲକ୍ଷ ଟଙ୍କା ପାଇଥିଲେ। ସେ ୪ ସ୍ୱର୍ଣ୍ଣ ସହ ଗୋଟିଏ ରୌପ୍ୟପଦକ ଜିତିଥିଲେ।

## ୧୧ ବର୍ଷ ପରେ 'ବ୍ଲେଡ୍ ରନର୍' ପିଷ୍ଟୋରିୟସଙ୍କୁ ପାରୋଲ୍

ଜୋହାନ୍ସବର୍ଗ, ୨୪।୧୧ (ଏଜେନ୍ସି): ନିଜ ବାନ୍ଧବୀଙ୍କୁ ହତ୍ୟା ମାମଲାରେ ୨୦୧୩ରୁ ସଜା କାଟୁଥିବା ଦକ୍ଷିଣ ଆଫ୍ରିକାର ତାରକା ପାରାଅଲିମ୍ପିଆନ ତଥା 'ବ୍ଲେଡ୍ ରନର' ଭାବେ ଖ୍ୟାତ ଓସ୍କାର ପିଷ୍ଟୋରିୟସଙ୍କୁ ପାରୋଲ୍‌ରେ ଜେଲ୍‌ରୁ ମୁକ୍ତ କରାଯାଇଛି। ଜାନୁଆରୀ ୫ରୁ ୩୭ ବର୍ଷୀୟ ଏହି ଚର୍ଚ୍ଚିତ ଧାବକଙ୍କୁ ପାରୋଲରେ ଛଡ଼ାଯିବ। ଦକ୍ଷିଣ ଆଫ୍ରିକାର ସଂଶୋଧନ ସେବା ବିଭାଗ ପକ୍ଷରୁ ଶୁକ୍ରବାର ଏକ ବିବୃତିରେ ଏହା କୁହାଯାଇଛି। ଯେ ପର୍ଯ୍ୟନ୍ତ ତାଙ୍କ ପାରୋଲ ଅବଧି ଶେଷ ହେବ ନାହିଁ ସେ ପର୍ଯ୍ୟନ୍ତ ସେ ଅଧିକାରୀଙ୍କ ଦ୍ୱାରା ନଜରରେ ରହିବେ ବୋଲି ଜଣାପଡ଼ିଛି।



## ୯ରେ ମହିଳା ପ୍ରିମିୟର ଲିଗ୍ ନିଲାମୀ

ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ମହିଳା ଆଇପିଏଲ୍ ଭାବେ ଜଣାଶୁଣା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଖେଳାଳି ନିଲାମୀ ଡିସେମ୍ବର ୯ରେ ଆୟୋଜନ ହେବ। ଲିଗ୍‌ର ୫ଟି ଯାକ ଦଳ ସେମାନଙ୍କର ରିଟେନସନ ଲିଷ୍ଟ ବା ବଜାୟ ତାଲିକା ଘୋଷଣା କରିସାରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। ୨୦୨୩ ମାର୍ଚ୍ଚରେ ଲିଗ୍‌ର ପ୍ରଥମ ସଂସ୍କରଣ ସଫଳତାର ସହ ଆୟୋଜିତ ହୋଇଥିଲା।

ନନ୍ଦିଘୋଷ
CAREER Opportunities

NANDIGHOSHA Network Pvt. Ltd., a leading & fast-growing Odia News Channel invites applications for its Input department. Deserving candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | Reporter (Sports) | 1. Master in Journalism from a recognized institute. 2. 5 to 8 years of experience in sports reporting. Priority will be given to electronic media reporting. 3. He/She must have a knowledge of news with excellent writing & speaking skills. |
| 2 | Reporter | 1. Master in Journalism from a recognized institute. 2. Minimum 6 years of experience in news reporting. 3. He/She must have a knowledge of news with excellent writing & speaking skills. |

Please apply along with your detailed CV with recent passport size photo via e-mail to suhana.tabsum@nandighoshatv.com by 30th Nov, 2023.

*Only shortlisted candidates will be called for Personal Interview.

Sd/- HR Dept.




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର